# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 25/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 301 | ମୂଲ୍ୟ ₹୭/-




**ହେଣ୍ଡରସନ ଦାମୀ ଖେଳାଳି**

ହିରୋ ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗର ମିନି ଅକ୍ସନରେ ଅଷ୍ଟ୍ରେଲିଆର ଲିଆମ ହେଣ୍ଡରସନ ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

୧୨

୦୨

**‘ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି’**

ବଲିଉଡ୍‌ରେ ସେ ରାଜନୀତିର ଶିକାର ହୋଇଛନ୍ତି ବୋଲି ଅଭିନେତ୍ରୀ ଅମୃତା ରାଓ ବୁଧବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି।



## ଲଦାଖକୁ ରାଜ୍ୟ ମାନ୍ୟତା ଦାବି

# ଲେହ୍‌ରେ ହିଂସା



ଲେହରେ ବିକ୍ଷୋଭବେଳେ ଆନ୍ଦୋଳନକାରୀମାନେ ଏକ ପୋଲିସ ଗାଡ଼ିକୁ ପୋଡ଼ି ଦେଇଛନ୍ତି।

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ବୁଧବାର ଲେହ୍‌ଠାରେ ବନ୍ଦ ପାଳନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଗୁଳିରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨୦ ପୋଲିସ କର୍ମଚାରୀ ଅଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗଚୁକ ଅନଶନ ଭଙ୍ଗକରି ତତ୍କାଳ ବନ୍ଦ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଛନ୍ତି। ୫ ବର୍ଷ ହେଲା ଯୁବପିଢ଼ି ରୋଜଗାର ପାଉ ନ ଥିବାରୁ ‘ଜେନ୍-ଜି ଧରଣର ଆନ୍ଦୋଳନ’ ମୁଣ୍ଡ ଟେକିଛି। ଏହା ଏକ ସାମାଜିକ ଆନ୍ଦୋଳନ। ଲଦାଖରେ କୌଣସି ଗଣତାନ୍ତ୍ରିକ ମଞ୍ଚ ନାହିଁ। ତେବେ ହିଂସା ଯୋଗୁ ଲଦାଖବାସୀଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ସ୍ଥିତି ଆହୁରି ଖରାପ ଆଡ଼କୁ ଗତି କରିପାରେ। ଲଦାଖ ଓ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଅନୁଚିତ ବୋଲି ଅନଶନସ୍ଥଳରେ ୱାଙ୍ଗଚୁକ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି।

## ପୋଲିସ ଗୁଳିରେ ୪ ମୃତ, ୭୦ ଆହତ

**ଲେହ୍,୨୪।୯ (ପି.ଟି. /ରଏଟର୍ସ)**

ହିଂସାକୁ ଦୃଷ୍ଟିରେ ରଖି ଲେହ୍ ଜିଲାର ବିଭିନ୍ନ ଭାଗରେ ଭାରତୀୟ ନାଗରିକ ସଂହିତା (ବିଏନ୍‌ଏସ୍) ଧାରା ୧୬୩ ଜାରି କରାଯାଇଛି। ତଦନୁସାରେ ସମ୍ପୃକ୍ତ ଅଞ୍ଚଳରେ ୫ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ର ହୋଇପାରିବେ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହାରକରି ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ରୂପେ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଏହା ପରଠୁ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଓ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ଅନେକ ସମୟରେ ବିକ୍ଷୋଭ କରାଯାଇଆସୁଛି। ସେପ୍ଟେମ୍ବର ୧୦ରୁ ୧୫ ଜଣ ୩୫ ଦିନିଆ ଅନଶନରେ ବସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରୁ ସେରିଙ୍ଗ୍ ୱାଙ୍ଗଚୁକ(୭୨) ଓ ତଶି ଡୋଲମା(୬୦)ଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ହସ୍ପିଟାଲକୁ ଉଭୟଙ୍କୁ ନିଆଯାଇଥିଲା। ଏହା ଦେଖି ଏଲ୍‌ଏବି ଯୁବ ଶାଖା ପକ୍ଷରୁ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଲେହ୍ ଆପେକ୍ସ ବଡି ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ଚାହୁଁ ଚାହୁଁ ହିଂସାର ରୂପ ନେଇଥିଲା। ବିକ୍ଷୋଭକାରୀମାନେ ଭାଜପା ଅଫିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା କରିଥିଲେ। ଯାନବାହନଗୁଡ଼ିକରେ ନିଆଁ ଲଗାଇଦେବାରୁ ଆକାଶରେ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଯାଇ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ସଂଘର୍ଷ ବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗଚୁକ ☞ପୃଷ୍ଠା-୪

# ଆଇଟିଡିଏରେ ୧୪୮.୭୫ କୋଟିର ବେଆଇନ କାରବାର

## ସିଏଜି ଧରିଲେ ଆଦିବାସୀ କଲ୍ୟାଣ ପାଣ୍ଠି ଅନିୟମିତତା

**ଭୁବନେଶ୍ୱର,୨୪।୯ (ରବିନାରାୟଣ ଜେନା)**

ରାଜ୍ୟରେ ଆଦିବାସୀଙ୍କ କଲ୍ୟାଣ ନାମରେ ବହୁ କୋଟି ଟଙ୍କାର ସରକାରୀ ଅର୍ଥ ଅପବ୍ୟବହାର ହୋଇଛି। କେଉଁଠି ସରକାରୀ ଅର୍ଥରେ ଯନ୍ତ୍ରୀମାନେ ମୋବାଇଲ ରିଚାର୍ଜ କରିଛନ୍ତି ତ’ ଆଉ କେଉଁଠି ଏଟିଏମ୍ ଉଠାଣ, ୟୁପିଆଇ କାରବାର ଓ ବୀମା ପ୍ରିମିୟମ୍ ଦେୟ କରିଛନ୍ତି। ସବୁଠାରୁ ବଡ଼କଥା ହେଲା, ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥା ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି(ଆଇଟିଡିଏ) ଅର୍ଥକୁ ଯନ୍ତ୍ରୀମାନେ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟ ବା ଖାତାରେ କାରବାର କରିଛନ୍ତି, ଯାହାର ପରିମାଣ ୧୪୮.୭୫ କୋଟିରୁ ଊର୍ଦ୍ଧ୍ୱ ବୋଲି ଭାରତର ମହାନିୟନ୍ତ୍ରକ ଓ ମହାଲେଖାକାର (ସିଏଜି)ଙ୍କ ପକ୍ଷରୁ କୁହାଯାଇଛି।

ପ୍ରମୁଖ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ସୁବୁ ଆର୍ ଏବଂ ଅତୁଲ ପ୍ରକାଶ ୨୦୧୮ରୁ ୨୦୨୩ ମାର୍ଚ୍ଚ ସୁଦ୍ଧା ରିପୋର୍ଟ ଉପସ୍ଥାପନ କରି କହିଛନ୍ତି, ଆଇଟିଡିଏ ଅର୍ଥକୁ ଯନ୍ତ୍ରୀମାନେ ସରକାରୀ ଅର୍ଥକୁ ବିପୁଳ ମାତ୍ରାରେ ଅନିୟମିତତା ଭାବେ ଖର୍ଚ୍ଚ କରିଛନ୍ତି। ସେମାନେ ଏଟିଏମ୍‌ରୁ ଟଙ୍କା ଉଠାଣ କରିବା ସହିତ ମୋବାଇଲ ରିଚାର୍ଜ କରିବା, ୟୁପିଆଇ ମୋଡ୍‌ରେ ଟଙ୍କା ଦେବା ଭଳି ବେଆଇନ କାର୍ଯ୍ୟ କରିଛନ୍ତି। ସେହିପରି ଆଦିବାସୀ କଲ୍ୟାଣ ନାମରେ ଆଇଟିଡିଏ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ୩.୩୮ କୋଟି ଟଙ୍କାର କୌଣସି ଭାଉଚର ପ୍ରସ୍ତୁତ କରାଯାଇନାହିଁ। ଏପରି କି ୩.୨୩ କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ହେଁ କୌଣସି ବିଲ୍ ମଧ୍ୟ କରାଯାଇନାହିଁ। ବିନା ବିଲ୍‌ରେ କିଭଳି କୋଟି କୋଟି ଟଙ୍କାର କାରବାର ହେଲା ତାହା ସନ୍ଦେହଜନକ ବୋଲି ମହାଲେଖାକାର କହିଛନ୍ତି। ସବୁଠାରୁ ଧର୍ତ୍ତବ୍ୟ କଥା ହେଉଛି, ଯନ୍ତ୍ରୀମାନେ ୨୨.୭୮ କୋଟି ଟଙ୍କା କାରବାର କରିଛନ୍ତି, ଯେଉଁଥିରେ କି ଇନ୍‌ଭଏସ୍‌ରେ ଡୁପ୍ଲିକେଟ୍ ନମ୍ବର ପକାଯାଇଛି। ଏପରିକି ଇନ୍‌ଭଏସ୍‌ଗୁଡ଼ିକରେ ତାରିଖ ଉଲ୍ଲେଖ ନ ଥିବାବେଳେ ଜିଏସ୍‌ଟି ପଇଠ କରୁ ନ ଥିବା କମ୍ପାନୀଙ୍କୁ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଅତୁଲ ପ୍ରକାଶ ଏକ ଉଦାହରଣ ଦେଇ କହିଥିଲେ, ପାରଳାଖେମୁଣ୍ଡି ☞ପୃଷ୍ଠା-୪

## ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ୨୬ରେ ମିଳିବ ସେପ୍ଟେମ୍ବର ଦରମା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)**

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ଆସନ୍ତା ୨୬ରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ ଦୁର୍ଗାପୂଜା ପାଇଁ ଆସନ୍ତା ୨୭ରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସ୍‌ଟି ୨.୦ ସଂସ୍କାର ପରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

## ଭାବନାର ବାସ୍ତବତା


**B.J.B. AUTONOMOUS COLLEGE, BHUBANESWAR-751014**

No. CAD-1836 NAAC ACCREDITED WITH “A” APPROVED BY AICTE

ADMISSION NOTICE FOR THE SESSION 2025-2026

Applications are invited (Third Phase) in online mode for admission for few available seats into the following Self-Financing Programmes: MBA(Agri-Business Management), M.Com FC, IMCA, B.Sc.ITM, MA JMC & MA-PM&IR, for the Session 2025-26. The Admission Prospectus and Online Application form will be available in college website www.bjbcollege.in from 23.09.2025 to 08.10.2025 till 11.55 PM. The details about the programmes, Application form and Form fill-up procedures, etc. are available in Admission Prospectus. The details of the courses are given below.

INTEGRATED (5 YEARS) / UNDERGRADUATE COURSES (3YEARS)

IMCA — Integrated Master in Computer Application. Eligibility : Passed +2 Science with Mathematics, 40% marks in aggregate

B.Sc.ITM — Bachelor of Science in Information Technology and Management. Eligibility : Passed +2 Science with Mathematics, 40% marks in aggregate

POST GRADUATE COURSES (2YEARS)

MBA (Agri -Business Management). Eligibility : Graduate in any stream, with minimum 40% in aggregate

MAJMC — MA in journalism and Mass Communication. Eligibility : Graduate in any stream/Equivalent, with minimum 40% in aggregate

MA-PM&IR — MA in Personnel Management & Industrial Relations. Eligibility : Graduate in any stream/Equivalent, with minimum 40% in aggregate

M.Com FC — Master of Commerce in Finance and Control. Eligibility : Graduate in any Stream / Equivalent, with minimum 40% in aggregate

| ENTRANCE TEST | | |
|---|---|---|
| | MAJMC , IMCA 10.10.2025 11.00AM -12.00 Noon | MBA (Agri-Business Management) 11.10.2025 11.00AM - 12.00 Noon |
| | MA-PM&IR, B.Sc.ITM 10.10.2025 2.00 PM - 3.00 PM | MCFC 11.10.2025 2.00PM - 3.00PM |

FOR FURTHER DETAILS CONTACT : B.Sc.ITM/IMCA : 9861048056/9938511866 MBA (Agri-Business Managment) : 9777612056/8917672546 MAJMC: 7008678166/8637202388, MA-PM&IR : 8917672546/9776987162 M.Com FC : 9938511866/8328889298/9692480554

Application form for the above courses, complete in all respects, should be submitted on or before 08.10.2025 (11.55pm) in online mode.

NB: - The Final Print out of the application form along with all the relevant documents shall be submitted in the concern department at B.J.B. Autonomous College, Bhubaneswar Physically, on the day or before the entrance test of the respective programes.

OIPR-11011/11/0046/2526 Sd/- Principal


## ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାର ସମ୍ଭାବ୍ୟ ତାରିଖ ବୁଧବାର ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀ ୧୭ରୁ ଏହି ୨ ପରୀକ୍ଷା ଆରମ୍ଭ ହେବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ୟାମ ଭରଦ୍ୱାଜ ସୂଚନା ଦେଇଛନ୍ତି। ୫ ମାସ ପୂର୍ବରୁ ପରୀକ୍ଷା ନେଇ ସମୟସାରଣୀ ପ୍ରକାଶ ପାଇଥିବାରୁ ଏଥିପାଇଁ ଛାତ୍ରୀଛାତ୍ର ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ ବୋଲି ଆଶା କରାଯାଉଛି।

ସିବିଏସ୍‌ଇର ସୂଚନାନୁସାରେ, ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ପିଲା ପରୀକ୍ଷା ଦେବେ। ଉଭୟ ଶ୍ରେଣୀ ପରୀକ୍ଷା ଗୋଟିଏ ଶିଫ୍ଟରେ ଆରମ୍ଭ ହେବ। ପରୀକ୍ଷା ସହ ଖାତାଦେଖା ଓ ଫଳାଫଳ ଆଦି ପ୍ରକ୍ରିୟା ଜୁଲାଇ ୧୫ ଭିତରେ ଶେଷ କରିବାର ଯୋଜନା ରହିଛି। ସିବିଏସ୍‌ଇ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା (ଦଶମ) ଫେବୃଆରୀ ୧୭ରୁ ଆରମ୍ଭ ☞ପୃଷ୍ଠା-୪

## ଡାକ୍ତରୀ ପଢ଼ିବେ ନାହିଁ ବୋଲି ଆତ୍ମହତ୍ୟା

### ଏନ୍‌ଇଇଟିରେ ପାଇଛନ୍ତି ୯୯.୯୯ ପର୍ସେଣ୍ଟାଇଲ

**ଚନ୍ଦ୍ରପୁର, ୨୪।୯**

ଭାରତରେ ଦିନକୁ ଦିନ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଏକାଡେମିକ୍ କ୍ୟାରିୟର ଏବଂ ପାଠପଢ଼ାକୁ ନେଇ ଅନେକ ଛାତ୍ରୀଛାତ୍ର ଚାପରେ ରହୁଛନ୍ତି। ଖାସ୍‌କରି ପରୀକ୍ଷାଫଳ ଏବଂ କ୍ୟାରିୟରକୁ ନେଇ ମା’ବାପାଙ୍କ ପକ୍ଷରୁ ପଡୁଥିବା ଚାପ ଛାତ୍ରୀଛାତ୍ରଙ୍କ ପକ୍ଷେ ଅସହ୍ୟ ହୋଇପଡୁଛି। ରାଜସ୍ଥାନର କୋଟାରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳ ହେବାପରେ ଏହି ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ମହାରାଷ୍ଟ୍ରର ଚନ୍ଦ୍ରପୁରରେ ୧୯ ବର୍ଷୀୟ ଛାତ୍ର ଅନୁରାଗ ଅନିଲ ବୋର୍‌କାର ନିକଟରେ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ୟୁଜିରେ



ଅନୁରାଗ ଅନିଲ ବୋର୍‌କାର

୯୯.୯୯ ପର୍ସେଣ୍ଟାଇଲ ରଖି ସଫଳତା ହାସଲ କରିଥିବା ବେଳେ ମେଡିକାଲ କଲେଜରେ ନାମଲେଖାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ସେ ☞ପୃଷ୍ଠା-୪

## ଆମେରିକା ଟାରିଫ୍ ମାଡ଼: ଓଡ଼ିଶାର ୨୫ ହଜାର ଚିଙ୍ଗୁଡ଼ିଚାଷୀ ପ୍ରଭାବିତ

### ୭୨ ଉଦ୍ୟୋଗୀ କ୍ଷତିଗ୍ରସ୍ତ

**ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)**

ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ଓଡ଼ିଶାର ମତ୍ସ୍ୟଚାଷୀ ଓ ଉଦ୍ୟୋଗୀଙ୍କ ଉପରେ ବଡ଼ ପ୍ରଭାବ ପକାଉଛି। ଏଥିଯୋଗୁ ରାଜ୍ୟର ପ୍ରାୟ ୨୫ ହଜାର ଚିଙ୍ଗୁଡ଼ି ଚାଷୀ ପ୍ରଭାବିତ ହୋଇଥିବାବେଳେ ୭୨ ଜଣ ମତ୍ସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ପ୍ରଭାବିତ ହୋଇଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବୁଧବାର ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ଆମେରିକା ପ୍ରଶାସନର ବଢ଼ଧରଣର ଟାରିଫ୍ ଯୋଗୁ ରାଜ୍ୟର ମତ୍ସ୍ୟ ରପ୍ତାନି କେତେକାଂଶରେ ବାଧାପ୍ରାପ୍ତ ହୋଇଛି। ରାଜ୍ୟର ସମୁଦାୟ ମତ୍ସ୍ୟ ରପ୍ତାନିର ପ୍ରାୟ ୨୪.୫% ଆମେରିକାକୁ ଯାଇଥାଏ। ଏହାଦ୍ୱାରା ରାଜ୍ୟର ୭୨ଜଣ ମତ୍ସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗୀ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି। ସେହିପରି ୨୫ ହଜାର ଚିଙ୍ଗୁଡ଼ି ଚାଷୀ ପରୋକ୍ଷଭାବେ ପ୍ରଭାବିତ ହୋଇଛନ୍ତି। ଏହାର ବିକଳ୍ପ ବଜାର ପାଇଁ ସରକାର ଚିନ୍ତା କରୁଛନ୍ତି। ଜାପାନ, ଦକ୍ଷିଣ କୋରିଆ, ୟୁକେ, ରୁଷିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ପୂର୍ବ ଏସିଆରେ ବିକଳ୍ପ ବଜାର ସୃଷ୍ଟି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଆମେରିକାକୁ ସର୍ବାଧିକ ୨୨ ହଜାର ୫୫୯ ଟନ୍ ମତ୍ସ୍ୟ ୨୦୨୪-୨୫ ବର୍ଷରେ ରପ୍ତାନି ହୋଇଥିବାବେଳେ ଚାଇନାକୁ ☞ପୃଷ୍ଠା-୪


**KALINGA INSTITUTE OF INDUSTRIAL TECHNOLOGY (KIIT)**

Deemed to be University

(Established U/S 3 of UGC Act 1956), Bhubaneswar, Odisha, India

21ST ANNUAL CONVOCATION 2025

Date: 26th - 28th September, 2025 | Venue: KIIT Campus 3 (Kathajodi)

Graced by

Prof. Mohan Munasinghe, Nobel Laureate, Sri Lanka — 26th Sept. 2025

Justice Abdulqawi Ahmed Yusuf, Judge, International Court of Justice (ICJ), The Hague

Justice Dalveer Bhandari, Judge, International Court of Justice (ICJ), The Hague — 27th Sept. 2025

H.E. Ouided Bouchamaoui, Nobel Laureate, Tunisia — 28th Sept. 2025

This year, the KIIT Convocation will be held over three days from 26th - 28th September 2025, discipline-wise, to facilitate greater participation of students and parents.

Website: www.kiit.ac.in | Email: kiit@kiit.ac.in

## ସଂକ୍ଷେପରେ

### ଜମ୍ମୁ-କଶ୍ମୀର: ୪ ଆସନ ପାଇଁ ଅକ୍ଟୋବର ୨୪ରେ ରାଜ୍ୟ ସଭା ନିର୍ବାଚନ

ନୂଆଦିଲ୍ଲୀ, ୨୪।୯

ନିର୍ବାଚନ ଆୟୋଗ (ଇସି) ବୁଧବାର ଜମ୍ମୁ-କଶ୍ମୀର ୪ ରାଜ୍ୟ ସଭା ଆସନ ପାଇଁ ତାରିଖର ଘୋଷଣା କରିଛନ୍ତି। ଏହାସହ ପଞ୍ଜାବର ଗୋଟିଏ ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନର ମଧ୍ୟ ତାରିଖ ଘୋଷଣା ହୋଇଛି। ଆସନ୍ତା ଅକ୍ଟୋବର ୨୪ରେ ଏହି ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବା ସହ ଏହାର ଫଳାଫଳ ଘୋଷଣା ହେବ। ଏଥିପାଇଁ ଆସନ୍ତା ୬ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୨୦୨୧ ଫେବୃଆରୀ ପରଠାରୁ ଜମ୍ମୁ-କଶ୍ମୀରର ସମସ୍ତ ୪ ରାଜ୍ୟ ସଭା ଆସନର ସିଟ୍ ଖାଲିପଡ଼ିଛି। ୨୦୨୪ ଯାଏ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଥିବାରୁ ଏହି ରାଜ୍ୟ ସଭା ନିର୍ବାଚନ ହୋଇପାରି ନ ଥିଲା ବୋଲି ଇସି କହିଛନ୍ତି।

### ଆଜି ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଯିବେ ପାକିସ୍ତାନ ପ୍ରଧାନମନ୍ତ୍ରୀ

ୱାଶିଂଟନ୍, ୨୪।୯

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ପାଇଁ ୱାଶିଂଟନ୍ ଗସ୍ତ କରିବେ। ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କରେ ଥିବା ଶେହବାଜ ଓ ଟ୍ରମ୍ପଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଆଲୋଚନା ପରେ ଶେହବାଜ ହ୍ୱାଇଟ୍ ହାଉସ୍‌ରୁ ପୁଣି ନ୍ୟୁୟର୍କକୁ ଫେରିବେ। ୨୦୧୯ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଜଣେ ପାକିସ୍ତାନୀ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ସାକ୍ଷାତ୍ ହେବାକୁ ଯାଉଛି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଶାସନ କାଳରେ ପାକିସ୍ତାନକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ତେବେ ଗତ ଜାନୁଆରୀରେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପାକିସ୍ତାନ-ଆମେରିକା ସମ୍ପର୍କରେ ନାଟକୀୟ ପରିବର୍ତ୍ତନ ଆସିଛି। ଗତ ଜୁନ୍‌ରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ପାକିସ୍ତାନୀ ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ।

### ଇସି ଆଣିଲେ ଇ-ଭେରିଫିକେଶନ ସିଷ୍ଟମ୍

ନୂଆଦିଲ୍ଲୀ, ୨୪।୯

ଭୋଟର ତାଲିକାରୁ ନାମ ହଟାଇବା ନେଇ ରହିଥିବା ନିୟମର ଦୁରୁପଯୋଗ ରୋକିବା ପାଇଁ ନିର୍ବାଚନ କମିଶନ (ଇସି) ଏକ ଇ-ଭେରିଫିକେଶନ ସିଷ୍ଟମ୍ ଆଣିଛନ୍ତି। ଯେଉଁମାନେ ନିଜ ନାମ ହଟାଇବା କିମ୍ବା ତାଲିକାରେ ନାମ ପଞ୍ଜୀକରଣ ପାଇଁ ଚାହୁଁଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଯିବ। ଉକ୍ତ ଓଟିପି ଜରିଆରେ ସମ୍ପୃକ୍ତ ବ୍ୟକ୍ତି ଅନ୍‌ଲାଇନରେ ନିଜ ଆପତ୍ତି ଜଣାଇପାରିବେ। ଏହି ଫିଚର ଯୋଗୁ ନିୟମର ଦୁରୁପଯୋଗ ରୋକାଯାଇପାରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କର୍ନାଟକର ଆଳନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ କେତେଜଣ ଭୋଟରଙ୍କ ନାମ ହଟାଯାଇଥିବା ନେଇ ଅଭିଯୋଗ ଆସିବା ପରେ ଏହି ବ୍ୟବସ୍ଥା ଆପଣାଯାଇଥିବା କୁହାଯାଉଛି।



ଇସ୍ରାଏଲର ସାମରିକ ଅପରେଶନ ଯୋଗୁ ବିସ୍ଥାପିତ ପାଲେଷ୍ଟିନୀୟମାନେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପରୁ ଦକ୍ଷିଣ ଭାଗକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

## 'ମୋ ରୁମ୍‌କୁ ଆସ, ତୁମକୁ ବିଦେଶ ନେଇଯିବି'

### ସ୍ୱାମୀ ଚୈତନ୍ୟନନ୍ଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ୧୭ ଛାତ୍ରୀ

ନୂଆଦିଲ୍ଲୀ, ୨୪।୯

ଦିଲ୍ଲୀର ଏକ ଜଣାଶୁଣା ଆଶ୍ରମ ଚଳାଉଥିବା ସ୍ୱାମୀ ଚୈତନ୍ୟନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ କଳା କାରନାମା ସାମ୍ନାକୁ ଆସିଛି। ସେ ଦିଲ୍ଲୀର ବାବା ବସନ୍ତକୁଞ୍ଜ ଅଞ୍ଚଳରେ ଥିବା ଏକ ପ୍ରାଇଭେଟ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ପ୍ରତିଷ୍ଠାନରେ ମ୍ୟାନେଜମେଣ୍ଟ ପଢୁଥିବା ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ନେଇ ପୋଲିସ ଉକ୍ତ ଆଶ୍ରମରେ ଚଢ଼ାଉ କରିଥିବା ବେଳେ ସ୍ୱାମୀ ଚୈତନ୍ୟନନ୍ଦ ଏବେ ଫେରାର ରହିଛନ୍ତି। ସ୍ୱାମୀ ଚୈତନ୍ୟନନ୍ଦ ସେମାନଙ୍କ ସହ କରିଥିବା ଅଶ୍ଳୀଳ ଚାଟ୍‌କୁ ଛାତ୍ରୀମାନେ ପୋଲିସ ନିକଟରେ ଉପସ୍ଥାପନ କରିଛନ୍ତି। ଏହି ଚାଟ୍‌ରେ ସେ ପୀଡ଼ିତା ଛାତ୍ରୀମାନଙ୍କୁ କହିଛନ୍ତି, "ମୋ କୋଠରିକୁ ଆସ, ବିନା ଖର୍ଚ୍ଚରେ ତୁମକୁ ବିଦେଶ ନେଇଯିବି। ଯଦି କଥା ନ ମାନ, ତେବେ ତୁମମାନଙ୍କୁ ଫେଲ୍ କରିଦେବି।" ପୀଡ଼ିତାମାନେ ସ୍ୱାମୀ ଚୈତନ୍ୟନନ୍ଦଙ୍କ ସହ ଆଶ୍ରମର ୩ ମହିଳା ୱାର୍ଡେନଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରିଛନ୍ତି। ଏହି ମହିଳା ୱାର୍ଡେନ ଛାତ୍ରୀମାନଙ୍କୁ



ଧମକାଇବା ସହ ସେମାନଙ୍କ ହ୍ୱାଟ୍ସଆପ୍ ଚାର୍ଟ ଡିଲିଟ୍ କରୁଥିଲେ। ୩ ଅଭିଯୁକ୍ତ ୱାର୍ଡେନଙ୍କୁ ପଚରାଉଚରା କରି ପୋଲିସ ତଦନ୍ତ ଜାରି ରଖିଛି। ଆଶ୍ରମ ସହ ଜଡ଼ିତ ଅନ୍ୟାନ୍ୟ ଦୁର୍ନୀତି ମାମଲା ମଧ୍ୟ ସାମ୍ନାକୁ ଆସିଛି। ସ୍ୱାମୀ ଚୈତନ୍ୟନନ୍ଦଙ୍କ ଗାଡ଼ିରେ ଏକ ନକଲି ଡିପ୍ଲୋମାଟ୍ ନମ୍ବର ପ୍ଲେଟ୍ ଲାଗିଥିବା ପୋଲିସ କହିଛି। ବିଭିନ୍ନ ମାମଲାରେ ତାଙ୍କ ବିରୋଧରେ ପୋଲିସ ୫ ଏଫ୍‌ଆଇଆର୍ ରୁଜୁକରି ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଚଳାଇଛି।

# ବିଧ୍ୱଂସକ ଅସ୍ତ୍ର ଦୌଡ଼ରେ ବିଶ୍ୱ

### ରୁଷିଆର ଯୁଦ୍ଧ ଅଟକାଇବାକୁ ୟୁଏନ୍‌ଜିଏରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଆହ୍ୱାନ

ଜାତିସଂଘ, ୨୪।୯

ସମ୍ପ୍ରତି ବିଶ୍ୱରେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ଦୌଡ଼ ଚାଲିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁରୋପରେ ଯୁଦ୍ଧର ପରିସୀମା ବୃଦ୍ଧି ଘଟାଇବାକୁ ଚାହୁଁଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ରୁଷିଆ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଏହାର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ରୋକିବା ଜରୁରୀ ହୋଇପଡ଼ିଛି। ଏହି ଯୁଦ୍ଧକୁ ରୋକା ନ ଗଲେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆହୁରି ତୀବ୍ରତର ହେବ, ଯାହାର ପରିଣାମ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼ିପାରେ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସତର୍କ କରାଇଛନ୍ତି।

ନ୍ୟୁୟର୍କସ୍ଥିତ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନକୁ ସମ୍ବୋଧିତ କରି ଜେଲେନ୍‌ସ୍କି କହିଛନ୍ତି, ବର୍ତ୍ତମାନ ଆମେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ପ୍ରତିଯୋଗିତା ଦେଇ ଗତିକରୁଛେ।



ଭୋଲୋଡିମିର ଜେଲେନ୍‌ସ୍କି

ୟୁକ୍ରେନ୍ ଏହାକୁ ପ୍ରଥମେ ସାମ୍ନା କରିଛି। ରୁଷୀୟ ଡ୍ରୋନ୍‌ଗୁଡ଼ିକ ୟୁରୋପୀୟ ଆକାଶମାର୍ଗରେ ଉଡ଼ାଣ କରୁଛି। ରୁଷିଆର ଅପରେଶନ୍ ଅନେକ ଦେଶକୁ ବିସ୍ତାରିତ ହେବାରେ ଲାଗିଛି ଏବଂ ପୁଟିନ୍ ଯୁଦ୍ଧର ପରିସୀମା ବଢ଼ାଇ ଏହାକୁ ଜାରି ରଖିବାକୁ ଚାହୁଁଛନ୍ତି। ୧୯୩ ରାଷ୍ଟ୍ର ସଦସ୍ୟ ଥିବା ୟୁଏନ୍‌ଜିଏକୁ ନିଜ ଅଭିଭାଷଣରେ ଜେଲେନ୍‌ସ୍କି ଆହୁରି କହିଛନ୍ତି, ଯୁଦ୍ଧ ବନ୍ଦ କରିବା ସମ୍ବେଦନଶୀଳ ଭିତ୍ତିଭୂମି ପାଇଁ ଭୂତଳ କିଣ୍ଡରଗାର୍ଟେନ୍ କିମ୍ବା ବିଶାଳ ବଙ୍କର ନିର୍ମାଣ କରିବାଠାରୁ ଶସ୍ତା। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ପୋଲାଣ୍ଡ ଓ ଏଷ୍ଟୋନିଆର ବାୟୁସୀମା ଉଲ୍ଲଂଘନ କରି ମସ୍କୋ ଡ୍ରୋନ୍ ଉଡ଼ାଇବା ପ୍ରମାଣିତ କରୁଛି ଯେ, ୟୁକ୍ରେନ୍ ଯୁଦ୍ଧରେ ପୁଟିନ୍ ନୂଆ ସୀମାଗୁଡ଼ିକୁ ନେଇ ପ୍ରୟୋଗ ଆରମ୍ଭ କରିଦେଇଛନ୍ତି। ତେବେ ୟୁକ୍ରେନ୍ ନିଜ ସହଯୋଗୀମାନଙ୍କୁ ଅସ୍ତ୍ରଶସ୍ତ୍ର ରପ୍ତାନି କରିବା ଦିଗରେ ଅଗ୍ରସର ହେଉଛି। ଆମେ ଆମ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ଆପଣଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ରରେ ପରିଣତ କରିବାକୁ ଚାହୁଁଛୁ। ୟୁକ୍ରେନ୍ ଆଗକୁ ଅସ୍ତ୍ର ରପ୍ତାନି କରିବ। ଏହି ପ୍ରଭାବଶାଳୀ ଅସ୍ତ୍ରଗୁଡ଼ିକ ରଣଭୂମିରେ ପରୀକ୍ଷାର ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହୋଇଛି, ଯେତେବେଳେ କି ପ୍ରତ୍ୟେକ ଅନ୍ତର୍ଜାତୀୟ ସଂସ୍ଥା ବିଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ଦିନକ ପରେ ଜେଲେନ୍‌ସ୍କିଙ୍କ ଏହି ପ୍ରତିକ୍ରିୟା ଆସିଛି। ମଙ୍ଗଳବାର ଦୁଇନେତାଙ୍କ ସାକ୍ଷାତ ପରେ ଟ୍ରମ୍ପ କହିଥିଲେ, ୟୁକ୍ରେନ୍ ହରାଇଥିବା ନିଜ ସମସ୍ତ ଭୂଖଣ୍ଡକୁ ଫେରିପାଇବ ବୋଲି ସେ ଆଶାବାଦୀ।

### ଭାରତ ଆମ ସହ ଅଛି: ଜେଲେନ୍‌ସ୍କି

ୱାଶିଂଟନ୍, ୨୪।୯

ଭାରତ ପ୍ରାୟତଃ ୟୁକ୍ରେନ୍ ସହ ରହିଥିବା ସେଠାକାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ନୂଆଦିଲ୍ଲୀ ରୁଷୀୟ ଶକ୍ତି କ୍ଷେତ୍ର ପ୍ରତି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବ ବୋଲି ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେବାବେଳେ ରୁଷିଆର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ଚାଇନା ଓ ଭାରତର ସହଯୋଗ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଜେଲେନ୍‌ସ୍କି ଏପରି ଉତ୍ତର ରଖିଛନ୍ତି। ରୁଷିଆଠାରୁ ଭାରତ ଓ ଚାଇନା ତୈଳ କିଣୁଥିବାରୁ ଟ୍ରମ୍ପ ଏହାକୁ ୟୁକ୍ରେନ୍ ବିରୋଧରେ ମସ୍କୋର ଯୁଦ୍ଧ ପାଇଁ ଇନ୍ଧନ ବୋଲି ଅଭିହିତ କରିଛନ୍ତି। ଏହା ଉପରେ ଜେଲେନ୍‌ସ୍କି କହିଛନ୍ତି, ଭାରତ ପ୍ରାୟତଃ ତାଙ୍କ ସହ ରହିଛି ବୋଲି ସେ ମନେକରନ୍ତି। ତେବେ ଟ୍ରମ୍ପ ୟୁରୋପୀୟଙ୍କ ସହ ମିଶି ଶକ୍ତି କ୍ରୟ ପ୍ରସଙ୍ଗର ସମାଧାନ କରିବେ। ଭାରତକୁ ଏଥିରୁ ଦୂରେଇବା ପାଇଁ ଆମକୁ ସବୁକିଛି କରିବାକୁ ପଡ଼ିବ।

### ଡିଜିଟାଲ ଆରେଷ୍ଟରେ ୩୪ ଦିନ: ଲୁଟିନେଲେ ୨୩ କୋଟି

ନୂଆଦିଲ୍ଲୀ, ୨୪।୯

ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବ୍ୟାଙ୍କର ଜାଲ୍ 'ଡିଜିଟାଲ ଆରେଷ୍ଟ'ରେ ୨୩ କୋଟି ଟଙ୍କା ହରାଇଛନ୍ତି। ୭୮ ବର୍ଷୀୟ ନରେଶ ମାଲହୋତ୍ରାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଡିଜିଟାଲ ଆରେଷ୍ଟରେ ଅଟକ ରଖାଯାଇଥିଲା। ୩ଟି ବ୍ୟାଙ୍କରେ ଥିବା ନରେଶ ତାଙ୍କ ଆକାଉଣ୍ଟରୁ ୨୦ ଥରରେ ଜୀବନର ସମସ୍ତ ସଞ୍ଚୟ ରାଶି ଅପରାଧୀଙ୍କ ଆକାଉଣ୍ଟକୁ ପଠାଇଦେଇଥିଲେ।

ସାଇବର ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ଅଫିସର ଓ ଟେଲିକମ୍ ଅପରେଟରଙ୍କ ପ୍ରତିନିଧି ପରିଚୟ ଦେଇ ନରେଶଙ୍କ ଆଧାର ତଥ୍ୟ ଓ ଲ୍ୟାଣ୍ଡଲାଇନ୍ ନମ୍ବରକୁ ଜାଲିଆତି କରାଯାଇ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା କହିଥିଲେ। ଯାଞ୍ଚ ପ୍ରକ୍ରିୟା ପାଇଁ ତାଙ୍କୁ ସମ୍ପତ୍ତିର ନଗଦୀକରଣ କରି ଟଙ୍କା ପଠାଇବାକୁ କୁହାଯାଇଥିଲା।

### ଗୋମାଂସ ନେଇ ଯାଉଥିବା ଟ୍ରକ୍‌କୁ ଜାଳିଦେଲେ

ବେଲ୍‌ଗାଭୀ, ୨୪।୯

କର୍ନାଟକର ବେଲଗାଭୀ ଜିଲାରେ କାଗ୍‌ୱାର୍ଡ ବ୍ଲକ୍‌ସ୍ଥିତ ଏନାପୁରା ଗ୍ରାମରେ ସ୍ଥାନୀୟ ଗୋ ରକ୍ଷକମାନେ ଗୋମାଂସ ନେଇ ଯାଉଥିବା ଏକ ଟ୍ରକ୍‌କୁ ଜାଳି ଦେଇଛନ୍ତି। କୁଡାଚିରୁ କାଳା ବର୍ଗିକୁ ଗୋମାଂସ ନେଇ ଯାଉଥିବା ଉକ୍ତ ଟ୍ରକ୍‌କୁ ଏନାପୁରସ୍ଥିତ ସିଦ୍ଧେଶ୍ୱର ମନ୍ଦିର ନିକଟରେ କେତେଜଣ ଗୋ-ରକ୍ଷକ ଅଟକାଇଥିଲେ। ସେମାନେ ଟ୍ରକ୍ ମଧ୍ୟରୁ ୫ ଟନ୍‌ରୁ ଅଧିକ ଗୋମାଂସ ପାଇଥିଲେ। ଫଳରେ ତତ୍‌କ୍ଷଣାତ ସେମାନେ ଉକ୍ତ ଟ୍ରକ୍‌ରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ କାଗ୍‌ୱାଡ୍ ଥାନା ପୋଲିସ ମଙ୍ଗଳବାର ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### 'ଭାରତର ନିୟମ ମାନିବାକୁ ହେବ'

#### କେନ୍ଦ୍ର ବିରୋଧରେ 'X'ର ଆବେଦନକୁ ଖାରଜ କଲେ କର୍ନାଟକ ହାଇକୋର୍ଟ

ନୂଆଦିଲ୍ଲୀ, ୨୪।୯

ଗତ ମେ'ରେ ଭାରତ-ପାକିସ୍ତାନ ସଂଘର୍ଷ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାକିସ୍ତାନ ସମର୍ଥନରେ ମନ୍ତବ୍ୟ ଦେଇଥିବା ଅନେକ ଆକାଉଣ୍ଟକୁ ହଟାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ସାମାଜିକ ଗଣମାଧ୍ୟମ 'X' ପକ୍ଷରୁ ଦାଏର ହୋଇଥିବା ଏକ ଆବେଦନକୁ ବୁଧବାର କର୍ନାଟକ ହାଇକୋର୍ଟ ଖାରଜ କରିଛନ୍ତି। ହାଇକୋର୍ଟ ନିଜ ରାୟରେ କହିଛନ୍ତି, ଭାରତରେ କାମ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଦେଶର ଆଇନକୁ ପାଳନ କରିବାକୁ ହେବ। ହାଇକୋର୍ଟରେ 'X' ପକ୍ଷରୁ ଦର୍ଶାଯାଇଥିଲା, ଆମେରିକାର ଆଇନ ଅନୁଯାୟୀ ଏହା କାର୍ଯ୍ୟ କରିଥାଏ। ଏଥିରୁ ହଟାଯାଇଥିବା ଆକାଉଣ୍ଟଗୁଡ଼ିକୁ ମତାମତ ଦେବାର ସ୍ୱାଧୀନତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଉଣ୍ଟଗୁଡ଼ିକୁ ହଟାଯିବା ନିଷ୍ପତ୍ତି ବେଆଇନ୍ ବୋଲି 'X' ପକ୍ଷରୁ କୁହାଯାଇଥିଲା। ତେବେ ଆବେଦନର ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଉପରେ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ତେଣୁ ସୋସିଆଲ ମିଡିଆଗୁଡ଼ିକୁ ବିନା ନିୟନ୍ତ୍ରଣରେ କାମ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ନାଗରିକଙ୍କ ମତ ପ୍ରକାଶର ଅଧିକାରକୁ ସୁରକ୍ଷା ଦେଉଥିବା ଭାରତୀୟ ସମ୍ବିଧାନର ଧାରା ୧୯ ବିଦେଶୀ କମ୍ପାନୀ କିମ୍ବା ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ଫୁରସତ୍

### ପ୍ରିୟ ଚକୋଲେଟ୍ ପାଇଁ ୨୪୦୦ ମାଇଲ ଯାତ୍ରା

ଲଣ୍ଡନ

କିଛି ଲୋକ ଚକୋଲେଟ୍ ଖାଇବାକୁ ଏତେ ଭଲପାଆନ୍ତି ଯେ, ସେମାନେ ଏଥିପାଇଁ କୌଣସି ମଧ୍ୟ ସୀମାକୁ ପାର୍ କରିପାରନ୍ତି। ବ୍ରିଟେନ୍‌ରୁ ଠିକ୍ ଏହିପରି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ୩୫ ବର୍ଷୀୟା ଶେଫ୍ କେଟ୍ ତାକାକ୍ସ ନିଜ ପ୍ରିୟ ଚକୋଲେଟ 'ଫେରେରୋ ରୋଚର ପକେଟ କଫି ଚକୋଲେଟ'କୁ କିଣିବା ପାଇଁ ୨୪୦୦ ମାଇଲ (ପ୍ରାୟ ୩,୮୬୨ କି.ମି.) ଯାତ୍ରା କରିଛନ୍ତି। କେଟ୍ ଲଣ୍ଡନରୁ ରୋମାନିଆର କ୍ଲୁଜ-ନାପୋକା ସହରକୁ ବିମାନ ଯାତ୍ରା କରିଥିଲେ। ସେଠାରୁ ସେ ନିଜ ପସନ୍ଦର ପକେଟ କଫି ଚକୋଲେଟର ଏକ ଷ୍ଟକ୍ ସହ ମାତ୍ର ଦିନକ ମଧ୍ୟରେ ଲଣ୍ଡନ ଫେରିଥିଲେ।

କେଟ୍ ଗତ ୧୫ ତାରିଖରେ ନିଜ ଅଫିସରେ କାମ କରୁଥିବା ବେଳେ ହଠାତ୍ ପକେଟ କଫି ଚକୋଲେଟ ଖାଇବାକୁ ତାଙ୍କୁ ଇଚ୍ଛା ହୋଇଥିଲା। ତେବେ ଉକ୍ତ ଚକୋଲେଟ୍ କେବଳ ରୋମାନିଆରେ







ଉପଲବ୍ଧ ବୋଲି କେଟ୍ କହିଛନ୍ତି। ତେଣୁ ନିଜ ପସନ୍ଦର ଚକୋଲେଟ୍ ଖାଇବାକୁ ସେ ତତ୍‌କ୍ଷଣାତ୍ ରୋମାନିଆ ଯିବା ପାଇଁ ବିମାନ ଟିକେଟ ବୁକିଂ କରିଥିଲେ। ସେ ୧୫ ତାରିଖ ରାତି ୧୦ଟାରେ ଲଣ୍ଡନରୁ ଉଡ଼ାଣ କରିଥିଲେ ଏବଂ ପରଦିନ ଭୋର୍ ୩ଟା ୧୫ରେ କ୍ଲୁଜ୍-ନାପୋକାରେ ପହଞ୍ଚିଥିଲେ, ଯେଉଁଠାରେ ସେ ଜନ୍ମ ହୋଇଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନିଜ ମନ ପସନ୍ଦର ଚକୋଲେଟ୍ କିଣିବା ସହ ବିଭିନ୍ନ ଶପିଂ କରିଥିଲେ ଓ କ୍ଲୁଜ୍-ନାପୋକା ସହରର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ଭ୍ରମଣ କରିଥିଲେ। ୧୬ ତାରିଖ ସନ୍ଧ୍ୟାରେ ସେ କ୍ଲୁଜ୍-ନାପୋକାର ଏୟାରପୋର୍ଟରେ ପହଞ୍ଚି ବିମାନରେ ବସିଥିଲେ ଏବଂ ରାତି ୧୧ଟାରେ ଲଣ୍ଡନରେ ପହଞ୍ଚିଥିଲେ। ମଧ୍ୟରାତ୍ରି ୧୨ଟା ସୁଦ୍ଧା ସେ ନିଜ ଘରେ ପହଞ୍ଚି ଯାଇଥିଲେ। ବିମାନ ଏବଂ ଶପିଂ ସମେତ ସମଗ୍ର ଯାତ୍ରା ପାଇଁ ତାଙ୍କୁ ମାତ୍ର ୧୫୦ ଡଲାର (ପ୍ରାୟ ୧୨,୫୦୦ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥିଲା ବୋଲି କେଟ୍ କହିଛନ୍ତି। ତେବେ କେବଳ ନିଜର ପ୍ରିୟ ଚକୋଲେଟ୍‌କୁ କିଣିବା ପାଇଁ ବ୍ରିଟେନ୍‌ରୁ ରୋମାନିଆ ଯାତ୍ରା କରିବା ନେଇ ସୋସିଆଲ ମିଡିଆରେ କେଟ୍ ସୂଚନା ଦେବା ପରେ ଏଥିରେ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହା ତାଙ୍କର ପାଗଳାମି ବୋଲି ତାଙ୍କୁ ଅନେକ ବନ୍ଧୁ କହିଥିବା ନେଇ କେଟ୍ ସୂଚନା ଦେଇଛନ୍ତି।

ସାଧାରଣତଃ ହଠାତ୍ ଯୋଜନା ପ୍ରସ୍ତୁତ କରି ଅନ୍ୟ ଏକ ଦେଶକୁ ବିମାନ ଯାତ୍ରା କରିବା ଏବଂ ଦିନକ ମଧ୍ୟରେ ସେଠାରେ ଉପଭୋଗ କରି ପୁଣି ବିମାନରେ ନିଜ ଦେଶକୁ ଫେରି ଆସିବାକୁ 'ଏକ୍ସଟ୍ରିମ୍ ଡେ ଟ୍ରିପ୍ସ' କୁହାଯାଇଥାଏ। କେଟ୍ କହିଛନ୍ତି, ସେ ପ୍ରଥମ ଥର ପାଇଁ ଏପରି ଏକ୍ସଟ୍ରିମ୍ ଡେ ଟ୍ରିପ୍ସ କରିନାହାନ୍ତି। ପୂର୍ବରୁ ସେ ଏହିପରି ୧୭ ଥର ଯାତ୍ରା କରିଛନ୍ତି, ଯେଉଁଥିରେ ସେ ହଠାତ୍ ଯୋଜନା ପ୍ରସ୍ତୁତ କରି ଦିନକ ମଧ୍ୟରେ କୌଣସି ଏକ ଦେଶ ଭ୍ରମଣ କରି ଲଣ୍ଡନ ଫେରି ଆସିଥାନ୍ତି।



ଅମୃତା ରାଓ

### 'ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି'

ମୁମ୍ବାଇ

ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅମୃତା ରାଓ ଅନ୍ୟତମ। ୨୦୦୩ରେ ରିଲିଜ୍ ହୋଇଥିବା 'ଇଶ୍କ ୱିଶ୍କ' ଚଳଚ୍ଚିତ୍ର ମାଧ୍ୟମରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ଅମ୍ରିତା ରାତାରାତି ଷ୍ଟାର୍ ପାଲଟିଥିଲେ। ତେବେ ଏହାପରେ ତାଙ୍କୁ ବଲିଉଡ୍‌ରେ ବହୁବାର ରାଜନୀତିର ଶିକାର ହେବାକୁ ପଡ଼ିଥିବା ନେଇ ବୁଧବାର ଅମୃତା ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ପୋଡ୍‌କାଷ୍ଟ 'ଦି ରଣବୀର ଶୋ'ରେ କହିଛନ୍ତି। ଅମୃତା କହିଛନ୍ତି, ଅନ୍ୟ କ୍ଷେତ୍ର ପରି ବଲିଉଡ୍‌ରେ ମଧ୍ୟ ରାଜନୀତି ରହିଛି। 'ଇଶ୍କ ୱିଶ୍କ' ଫିଲ୍ମର ସଫଳତା ପରେ ବଲିଉଡ୍‌ର କେତେଜଣ ବରିଷ୍ଠ ଅଭିନେତ୍ରୀ ଓ ଅଭିନେତା ତାଙ୍କୁ ଈର୍ଷା କରିବା ଆରମ୍ଭ କରିଥିଲେ। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଥିଲା ବୋଲି ପରେ ସେ ଜାଣିବାକୁ ପାଇଥିଲେ। ସେତେବେଳେ ଏହା ତାଙ୍କୁ ଖରାପ ଲାଗିଥିଲା। ତାଙ୍କ ସହ ଏପରି କାହିଁକି ଘଟୁଛି ବୋଲି ସେ ସବୁବେଳେ ଭାବୁଥିଲେ। ତେବେ ଧୀରେ ଧୀରେ ତାଙ୍କ ବିରୋଧରେ ହେଉଥିବା ରାଜନୀତିକୁ ସେ ଦୃଢ଼ତାର ସହ ମୁକାବିଲା କରିବା ଶିଖିଥିଲେ ଏବଂ ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ। କାର୍ଯ୍ୟଦକ୍ଷତା ଦେଖାଇ ସଫଳତା ହାସଲ କଲେ ରାଜନୀତିର ଶିକାର ହେବାକୁ ପଡ଼ିଥାଏ ବୋଲି ଅମୃତା କହିଛନ୍ତି। ପ୍ରକାଶ ଯେ, ନିକଟରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ଶିଙ୍କ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମରେ ଅମୃତାଙ୍କୁ ଦେଖିବାକୁ ମିଳିଥିଲା।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: କଂଗ୍ରେସ



ଲୋୟର ପିଏମ୍‌ଜିରେ ମହିଳା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ।

## ବିଧାନସଭା ଭିତରେ ଓ ବାହାରେ ନାରୀ ନିଆଁ

### ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ

ଭୁବନେଶ୍ୱର,୨୪।୯ (ରବିନାରାୟଣ ଜେନା)

ବିଧାନସଭାର ମୌସୁମୀକାଳୀନ ଅଧିବେଶନରେ ବୁଧବାର ଗୃହ ଭିତରେ ଓ ବାହାରେ ନାରୀ ନିଆଁ ଦେଖିବାକୁ ମିଳିଥିଲା। ଗୃହ ଭିତରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ସମସ୍ତ ସଦସ୍ୟମାନେ ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିବାବେଳେ ବିଧାନସଭା ବାହାରେ ମହିଳା କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ବିଶାଳ ବିକ୍ଷୋଭ କରାଯାଇଥିଲା।

ଗୃହର ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ କାଡାମ କହିଥିଲେ, ରାଜ୍ୟରେ ଦିନକୁ ଦିନ ମହିଳା ହିଂସା ବଢ଼ିବାରେ ଲାଗିଛି। ବାଲେଶ୍ୱର ଛାତ୍ରୀ ଆତ୍ମାହୁତିଠାରୁ ଆରମ୍ଭକରି ପୁରୀ ବଳଙ୍ଗା ପର୍ଯ୍ୟନ୍ତ ସବୁଠୁ ଛାତ୍ରୀ ନିର୍ଯାତିତା। ରାଜଧାନୀରେ ପୋଲିସ କନ୍‌ଷ୍ଟେବଲଙ୍କୁ ହତ୍ୟା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ପୋତାଯାଉଛି। ୪୪ ହଜାର ମହିଳା ରାଜ୍ୟରୁ ନିଖୋଜ ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ଗୃହ କମିଟି ଗଠନ କରାଯାଉ। ଆମେ ଗତ ଅଧିବେଶନରେ ଗୃହରେ ମହିଳାଙ୍କ ସୁରକ୍ଷା ଲାଗି ସ୍ୱର ଉଠାଇଥିଲୁ। କିନ୍ତୁ ଅଗଣତାନ୍ତ୍ରିକ ଭାବରେ ଆମର ସମସ୍ତ ୧୪ ସଦସ୍ୟଙ୍କୁ ନିଲମ୍ବନ କରିଦିଆଗଲା, ଯାହାର ପ୍ରତିବାଦରେ ଆମେ ଗୃହରେ ଧାରଣାଦେଲୁ। ମାତ୍ର ଆମକୁ ବାହାର ଗୁଣ୍ଡା ଲଗାଇ ଅକଥନୀୟ ନିର୍ଯାତନା ଦିଆଗଲା। ଏ ଗୃହ ବିଧାୟକଙ୍କୁ ସୁରକ୍ଷା ଦେବା ପାଇଁ, କିନ୍ତୁ ଆମକୁ ଏଠି ମାଡ଼ ମରାଗଲା।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସୋଫିଆ ଫିର୍ଦୌସ ସମାନ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କଠାରୁ ନ୍ୟାୟ ମାଗିଥିଲେ। ବାଚସ୍ପତି ଏହି ଘଟଣାର ତଦନ୍ତ କରି ଜିନିଷ ଫେରାଇବା ସହ ନ୍ୟାୟ ଦିଅନ୍ତୁ। ତାରା କହିଥିଲେ, ଏନେଇ ସଂସଦୀୟ ମନ୍ତ୍ରୀଙ୍କଠାରୁ ନେଇ ଗୃହ ସଚିବ ଓ ପୋଲିସ ଡିଜିଙ୍କୁ ଅବଗତ କଲି, ହେଲେ କେହି ଶୁଣୁ ନାହାନ୍ତି। ଇତିହାସ କେବେ ବି ଭୁଲିବ ନାହିଁ। ବାଚସ୍ପତିଙ୍କର ଏଭଳି ନିଷ୍ପତ୍ତିକୁ ନେଇ ସୋଫିଆ କହିଥିଲେ, ଭୁବନେଶ୍ୱରରୁ ଜଣେ ମହିଳା କନ୍‌ଷ୍ଟେବଲଙ୍କୁ ଉଠାଇନେଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ମାରି ଦେଉଛନ୍ତି। ଏଥିରୁ ଜଣାପଡୁଛି ରାଜ୍ୟରେ ମହିଳା କେତେ ସୁରକ୍ଷିତ। ଆମେ ମହିଳାଙ୍କ ପାଇଁ ସୁରକ୍ଷା ମାଗିଲୁ କିନ୍ତୁ ଆମକୁ ନିଲମ୍ବନ କରାଗଲା। ଏହା କି ଗଣତନ୍ତ୍ର ବୋଲି ସେ ପ୍ରଶ୍ନ କରିଥିଲେ। ବାଚସ୍ପତି କଂଗ୍ରେସ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ କିଛି ନ କହିବାରୁ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ।

ଅନ୍ୟପକ୍ଷରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟରେ ମହିଳା ଅତ୍ୟାଚାର, ବଳାତ୍କାର ଓ ହତ୍ୟା ପ୍ରତିବାଦରେ ବିଧାନସଭା ଘେରାଉ କରାଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ୍‌କ୍ରମେ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ବେଳେ ଲୋୟର ପିଏମ୍‌ଜିଠାରେ ପୋଲିସ ଅଟକାଇଥିଲା। ଫଳରେ ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ପୋଲିସ ବିକ୍ଷୋଭସ୍ଥଳରୁ ମହିଳା କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା। ହଜାର ହଜାର ମହିଳା କଂଗ୍ରେସ କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ କହିଛନ୍ତି, ବିଧାନସଭା ଘେରାଉ ମାଧ୍ୟମରେ ମହିଳା କଂଗ୍ରେସ ଓଡ଼ିଶାରେ ଉପେକ୍ଷିତା, ଅତ୍ୟାଚାରିତ, ନିର୍ଯାତିତ ମହିଳାଙ୍କର ସ୍ୱରକୁ ବ୍ୟକ୍ତ କରିଛି। ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦିନକୁ ୧୫ ମହିଳା ଗଣବଳାତ୍କାରର ଶିକାର ହେଉଥିବା ବେଳେ ମୋହନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ, ହଷ୍ଟେଲରେ ଏପରିକି ମହିଳା ଆଶ୍ରମରେ ଛାତ୍ରୀମାନେ ମଧ୍ୟ ସୁରକ୍ଷିତ ନାହାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହିତ ବିଧାୟକ ତାରାପ୍ରସାଦ ବାହିନୀପତି, ଦାଶରଥି ଗମାଙ୍ଗୋ, ରାଜନ ଏକ୍କା, ମଙ୍ଗୁ ଖିଲ, ପବିତ୍ର ସାଉଁତା, ଅଶୋକ ଦାସ, ସୋଫିଆ ଫିର୍ଦୌସ ପ୍ରମୁଖ ସାମିଲ ଥିଲେ।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଦୁଗ୍ଧ ଚାଷୀ ଓ ଯାଦବମାନଙ୍କ ବିକ୍ଷୋଭ, ସ୍ଥାନ: ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋକସେବା କନ୍‌ଭେନ୍‌ଶନ୍ ସେଣ୍ଟର , ସମୟ: ଅପରାହ୍ନ ୧ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ରାଷ୍ଟ୍ରବାଦୀ ଜନନାୟକ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ତୃତୀୟ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ଚୌଦ୍ୱାର ରୁପଯାତ୍ରା ପଡ଼ିଆ, ସମୟ: ସକାଳ ୭ଟା ୩୦।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ଚତୁର୍ଥ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଫାର୍ମାସୀ ଅଫିସର୍ସ ସର୍ଭିସ ଆସୋସିଏଶନ କଟକ ଶାଖା ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ନବମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବଶିଷ୍ଟ ବିଚାର ମଞ୍ଚ ପକ୍ଷରୁ ଇଂ. ସରୋଜ କୁମାର ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କାସିମପୁର ଆଦିବାସୀ ସାହି, ଫୁଲାଡ଼ି, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସମ୍ପର୍କିତ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଗୋଷ୍ଠୀ ସହାୟିକାଙ୍କ ୩ୟ ଦିନ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ,ସ୍ଥାନ:କୁଆଁସ, ଭଦ୍ରକ, ସମୟ:ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି,ସ୍ଥାନ: କୁଆଁସ,ସମୟ:ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଶୀର୍ଷା,ସମୟ:ପୂର୍ବାହ୍ନ ୧୦ଟା।
- ସୀମାନ୍ତ ଫାର୍ମାସୀ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ: କଲେଜ ପରିସର, ଝାରପୋଖରିଆ,ସମୟ:ପୂର୍ବାହ୍ନ ୧୦ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ ଦୁର୍ଗାପୂଜା ମଣ୍ଡପ, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- 'ସ୍ୱଚ୍ଛତା ହିଁ ସେବା'ରେ ସଫେଇ ଅଭିଯାନ, ସ୍ଥାନ: ବସଷ୍ଟାଣ୍ଡ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ, ବାଲିଗୁଡ଼ା, ସମୟ: ସକାଳ ୮ ଟା ୩୦।

## ଢେଙ୍କାନାଳ
- ସିଟି ଓ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ଜିଲା ପ୍ରଶାସନ ପକ୍ଷରୁ ସର୍ପ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା ବ୍ଲକ ସଭାଗୃହ, ସମୟ: ସକାଳ ୧୦ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ମେରିଟାଇମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଜଜାଙ୍ଗ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼
- ବିମଳାଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ସତ୍ୟ ସାଇ ବାବାଙ୍କର ବିଦ୍ୟାପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ପିମ୍ପଲ, ଯଦୁପୁର ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା ।
- ନାରାୟଣୀଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ନବମ ଦିବସ, ସ୍ଥାନ:ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ଅପରାହ୍ନ ୫ଟା ।

## ରାୟଗଡ଼ା
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସର, ସମୟ: ସକାଳ ୯ ଟା ।
- ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ଗ୍ରହଣ, ସ୍ଥାନ: ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ମୁନିଗୁଡା ପୋଲିସ ଷ୍ଟେଶନ ପରିସର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର
- ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ସାଇକେଲ ଶୋଭାଯାତ୍ରା, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପଡ଼ିଆ, ସମୟ: ସକାଳ ୭ଟା।
- କୋରାପୁଟ ଜିଲାର ଥିବା ୫ ଆଇଟିଆଇର ଗଭର୍ଣ୍ଣିଂ ବଡି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- କୋରାପୁଟ ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- . ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୭ଟା।
- ଦଲେଇପଡା ରାବଣ ପୋଡି କମିଟିର ବୈଠକ, ସ୍ଥାନ : ଦଲେଇପଡା, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- . ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଡିଆବାହାଲ ମଣ୍ଡଳ ଆୟୋଜନରେ ଶ୍ରୀବିଜୟା ଦଶମୀ ଉତ୍ସବ, ସ୍ଥାନ : ପଡିଆବାହାଲ ସାପ୍ତାହିକ ପରିସର, ସମୟ ଅପରାହ୍ନ ୩ଟା ।
- . ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ରାତି ୭ଟା ।

## ବରଗଡ଼
- ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଜମଲା ଡିଗ୍ରୀ କଲେଜ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା
- ସୁପ୍ରିୟା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ଭାଜପାର ବୃକ୍ଷରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।

## ବୌଦ୍ଧ
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୌଦ୍ଧ, ସମୟ: ସକାଳ ୮ଟା।
- ସେବାପକ୍ଷ ଅବସରରେ ପ୍ରଦର୍ଶନୀ, ସ୍ଥାନ: ମାଉସୀ ମା' ମନ୍ଦିର ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ନବରାତ୍ର ପୂଜା ଚତୁର୍ଥ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୮ଟା।
- ମା' ସୁରେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ, ସ୍ଥାନ:ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ନବାହ୍ନ ପାରାୟଣର ଅଷ୍ଟମ ଦିବସ,ସ୍ଥାନ: କର୍ଡାପାଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ନବରାତ୍ରର ଚତୁର୍ଥ ଦିବସ ପୂଜାର୍ଚ୍ଚନା,ସ୍ଥାନ: ଅମରପାଲି ଦୁର୍ଗାମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ନବମ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମା' ବିଶ୍ରାମା ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ଖୁସିରେ ବିତାଇବେ। ଜମିଜମା, ଗାଡିମୋଟର, କରଜ ଟଙ୍କାପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇ ଯିବେ।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ସମ୍ପର୍କୀୟଙ୍କ ସହାନୁଭୂତି ଲାଭକରି ଆଶ୍ୱସ୍ତି ଅନୁଭବ କରିବେ। ହିତୈଷୀମାନଙ୍କ ସହଯୋଗରେ ପୂର୍ବପରିକଳ୍ପିତ ନୂତନଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। କୃତ୍ତିକା ନକ୍ଷତ୍ର ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ପାରିବାରିକ ଭୁଲ୍ ବୁଝାମଣାରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍ଭରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟରେ ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ। ମୃଗଶିରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ**
ମାନସିକ ଶିଥିଳତାଜନିତ କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜଭୁତ ରହିବ। ପୁନର୍ବସୁ ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ**
ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଆପଣଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରାଇପାରନ୍ତି। ମଘା ନକ୍ଷତ୍ର କିଛି କହିବା ଓ କରିବା କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବାର ପରିବେଶ ସୃଷ୍ଟି ହେବ।

**କନ୍ୟା**
ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ର ଅର୍ଥ ସାଙ୍ଗକୁ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାଲାଭ କରିବେ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇପାରିବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାରରେ ପିଲାଙ୍କ କାର୍ଯ୍ୟକଳାପରୁ ମନସ୍ତାପ କରିପାରନ୍ତି।

**ତୁଳା**
ଆଶା ଓ ଅଭିଳାଷ ପୂରଣ କରିବାରେ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ଚିତ୍ରା ନକ୍ଷତ୍ର ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା**
ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ଆଜି ଦୂରଯାତ୍ରା କରିବାକୁ ପଡ଼ିପାରେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟ, ପରିବହନ, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରୁ ସନ୍ତୋଷଜନକ ଫଳ ପାଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହେବ।

**ଧନୁ**
ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ଉତ୍ତରାଷାଢ଼ା ନକ୍ଷତ୍ର ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ର କିଞ୍ଚିତ ସ୍ୱାର୍ଥତ୍ୟାଗ କରିବା ଦ୍ୱାରା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟାଇପାରିବେ।

**କୁମ୍ଭ**
ଆଜି ଶତଭିଷା ନକ୍ଷତ୍ର କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଲାଗି ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ମୀନ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁ ସମସ୍ୟା ସମାଧାନ ବଦଳରେ ବଢ଼ାଇଦେବେ। ରେବତୀ ନକ୍ଷତ୍ର ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଞ୍ଚିତ ସମସ୍ୟା ସୃଷ୍ଟି ହେବ।

ଆଜି ସେପ୍ଟେମ୍ବର ୨୫ ତାରିଖ, ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫.୩୯ ଗତେ ଘ. ୦୭.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୩୭ ମଧ୍ୟେ ରାହୁ କାଳ।

# ହାଇୱା ମାଡ଼ିଯାଇ ୩ ମୃତ

ଦିଗପହଣ୍ଡି,୨୪।୯(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ଆସିକା ୩୨୬ ନଂ.ଜାତୀୟ ରାଜପଥର ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ହାଇୱା (ନଂ.ଓଡି ୦୫ ଏଫ - ୯୦୦୧) ମାଡ଼ିଯିବାରୁ ୩ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଅଞ୍ଚଳ କଲୋନୀର ଅଶ୍ୱିନୀ କୁମାର ଦୋରା (୨୮),ବାଳକୃଷ୍ଣ ରେଡ୍ଡୀ(୪୨) ଓ ପନ୍ଦରା ସାହିର କାଳିଆ ବେହେରା(୩୨)। ଖବରରୁ ଜଣାପଡିଛି, ଏହି ୩ଜଣ ବାଇକ୍ ଯୋଗେ ପାଟପୁରରୁ ଦିଗପହଣ୍ଡି ଅଭିମୁଖେ ଯାଉଥିଲେ। ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ପଛରୁ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ୩ଜଣ ରାସ୍ତାକଡକୁ ଛିଟିକି ପଡିଥିଲେ। ଖବରପାଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ୩ ବ୍ୟକ୍ତିଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ହାଇୱା ଚାଳକ ଘଟଣା ସ୍ଥଳରୁ କିଛି ଦୂରରେ ରାସ୍ତା କଡର ଏକ ଜମିରେ ଗାଡ଼ି ରଖି ଫେରାର ହୋଇଯାଇଛନ୍ତି। ହାଇୱାଟି ୩୨୬ ନଂ. ଜାତୀୟ ରାଜପଥ ଆସିକା-ଢଉଗାଁଠାରୁ ପୋଡାମାରି ଯାଏ ୪୦ କି.ମି. ରାସ୍ତା ଦୋହରୀକରଣ କାର୍ଯ୍ୟରେ ନିୟୋଜିତ ଥିବା କଟକର ଏକ ଠିକାସଂସ୍ଥାର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲଙ୍କା ମରିଚ**
**ମତେ ଦେଖିକରି ଜଳି ଯାଉଛ।**
ସାଧାରଣତଃ ଲଙ୍କା ଖାଇଲେ ପାଟି ରାଗରେ ଜଳିଯାଇଥାଏ। ସେହିପରି କିଛି ବ୍ୟକ୍ତି ଅନ୍ୟକୁ ଦେଖିଲା ମାତ୍ରେ ବିନା କାରଣରେ ରାଗରେ ଜଳିଯାଇଥାନ୍ତି। ଲଙ୍କା ଓ କ୍ରୋଧି ବ୍ୟକ୍ତିଙ୍କ ପ୍ରକୃତି ସମାନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲାଜ ନାହିଁ ନିର୍ଲଜକୁ**
**ଶୁଖିଲା ମାଟିରେ କଠଉ ମଡ଼ାଏ**
**ଠକ ଠକ ଶୁଭିବାକୁ ।**
ଶୁଖିଲା ଭୂମି ଉପରେ କଠଉ ମାଡ଼ିଲେ ଠକ ଠକ ଶବ୍ଦ ହେବା ସ୍ୱାଭାବିକ। ପରୋକ୍ଷରେ କିଛି ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ଦେଖେଇ ହେବାକୁ ଏପରି ଆଚରଣ କରିଥାନ୍ତି। ଲୋକଙ୍କର ଦେଖାଣିଆ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦିନକ ଆଗରୁ ସରିଲା ବିଧାନସଭା

- ୨ ବିଲ୍, ଗୋଟିଏ ସଂକଳ୍ପ ପାରିତ
- ୭ କାର୍ଯ୍ୟଦିବସରୁ ୬ ଦିନ ଚାଲିଲା
- ହୋହଲ୍ଲାରେ ଧୋଇଗଲା ୪ଦିନ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ବିଧାନସଭା ମୌସୁମୀ ଅଧିବେଶନକୁ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା। ହେଲେ ଗୃହର ଆଉ କୌଣସି ବିଜ୍‌ନେସ୍ ନ ଥିବା ଯୋଗୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏକ ମୋଶନ ଆଣିଥିଲେ। ପାର୍ବଣ ପାଇଁ ଗୃହକୁ ଦିନକ ପୂର୍ବରୁ ବନ୍ଦ କରାଇବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ମୋଶନ ପାସ୍ କରାଇବାରେ ଅଧିକ ସଦସ୍ୟଙ୍କ ସମର୍ଥନ ରହିବା ଯୋଗୁ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରାଯାଇଛି।

ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଥିଲା। ୫ ଦିନ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିପାରି ନ ଥିଲା। ପ୍ରଥମ ୩ ଦିନ ଯାଏ ଗୃହ ଚଳାଇବା ସମ୍ଭବପର ହୋଇପାରି ନ ଥିଲା। ୪ର୍ଥ ଦିନର ପୂର୍ବାହ୍ନରେ ଗୃହ ସ୍ୱାଭାବିକ ହୋଇପାରି ନ ଥିବା ବେଳେ ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ପରେ ଦୁଇଟି ବିଲ୍ ଏବଂ ଗୋଟିଏ ସଂକଳ୍ପ ଆଗତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ୨୦୨୫ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଆଗତ କରାଯାଇଥିଲା। ଏହାସହ ଜିଏସ୍‌ଟିରେ ସଂସ୍କାର ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ଆଗତ କରାଯାଇଥିଲା। ୫ମ ଦିନ ପୂର୍ବାହ୍ନରେ ବିରୋଧୀ ଗୃହ କାର୍ଯ୍ୟ ଚଳାଇଦେଇ ନ ଥିଲେ। ଅପରାହ୍ନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ପାରିତ ହୋଇଥିଲା। ଏହାସହ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ପାରିତ ହୋଇଥିଲା। ଏହି ସମୟରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ନ ଥିବା ସତ୍ତ୍ୱେ ସରକାରୀ ଦଳ ପକ୍ଷରୁ ଏହାକୁ ପାରିତ କରାଯାଇଥିଲା। ସେହିପରି ଷଷ୍ଠ ଦିନ କିନ୍ତୁ କିଛି ସମୟ କଂଗ୍ରେସ ସଦସ୍ୟଙ୍କ ନାରାବାଜିରେ ଗୃହ ଅଚଳ ହୋଇଥିବାବେଳେ ବାକି ସମ୍ପୂର୍ଣ୍ଣ ସମୟ ଗୃହ କାର୍ଯ୍ୟ ବିନା ବିରୋଧ ଭିତରେ ଚାଲିଥିଲା। ପୂର୍ବାହ୍ନରେ ପ୍ରଶ୍ନକାଳ, ଶୂନ୍ୟକାଳ ଆଦି ସବୁ ଠିକ୍‌ଠାକ୍ ଚାଲିଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଉପରେ ଗୃହରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାପରେ ଏହି ବିଲ୍ ଗୃହରେ ପାରିତ ହେବାସହ ରାତି ୯.୧୯ ମିନିଟ୍‌ରେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବି ଘୋଷଣା ହୋଇଥିଲା। ଏହି ୭ ଦିନିଆ କାର୍ଯ୍ୟଦିବସ ଭିତରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ଲେହ୍‌ରେ ...

ଅନଶନ ଭାଙ୍ଗିବା ସହ ଲଦାଖର ଯୁବପିଢ଼ିଙ୍କୁ ହିଂସା ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ପୋଲିସ ପ୍ରଥମେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। କିନ୍ତୁ ସ୍ଥିତି ସଙ୍ଗିନ ହେବା ଆଶଙ୍କାରେ ପରେ ଗୁଳିମାଡ଼ କରିଥିଲା। ତେବେ ବିକ୍ଷୋଭକାରୀମାନେ ଶାନ୍ତ ରୁହନ୍ତୁ ବୋଲି ୱାଙ୍ଗଚୁକ ନିଜ X ହ୍ୟାଣ୍ଡଲରେ କହିଛନ୍ତି।

ସମ୍ବିଧାନର ଷଷ୍ଠ ପରିଚ୍ଛେଦ ୪ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମର ଆଦିବାସୀ ଜନସଂଖ୍ୟା ପାଇଁ ଉଦ୍ଦିଷ୍ଟ। ତଦନୁଯାୟୀ ଏହି ରାଜ୍ୟଗୁଡ଼ିକ ଅଟୋନମସ୍ କାଉନ୍‌ସିଲ ଜରିଆରେ ପ୍ରଶାସନିକ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ କ୍ଷମତା, ସ୍ୱାୟତ୍ତ ଶାସନ, ବିକଳ୍ପ ନ୍ୟାୟିକ ବ୍ୟବସ୍ଥା ଓ ଆର୍ଥିକ କ୍ଷମତାର ପ୍ରୟୋଗ କରି ସ୍ୱତନ୍ତ୍ର ସୁବିଧା ହାସଲ କରିଥାନ୍ତି। ଅକ୍ଟୋବର ୬ରେ ଏଲ୍‌ଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ (କେଡିଏ) ସଦସ୍ୟଙ୍କୁ ନେଇ ଲଦାଖର ଏକ ପ୍ରତିନିଧି ଦଳ ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଆଲୋଚନା ହେବାକୁ ଥିବାବେଳେ ଲଦାଖକୁ ଷଷ୍ଠ ପରିଚ୍ଛେଦରେ ସାମିଲ ପାଇଁ ଦାବି ଜୋର୍ ଧରିଛି।

## ଆଇଟିଡିଏରେ ୧୪୮.୭୫...

ଆଇଟିଡିଏରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଣଦେଖା କରାଯାଇଛି। ଆଇଟିଡିଏରେ ୩.୭୪ କୋଟି ଟଙ୍କାର ସାମଗ୍ରୀ କିଣାଯାଇଛି। ଏହି ଆଇଟିଡିଏ ପାଇଁ ମାତ୍ର ୭୩.୬୦ ଲକ୍ଷ ଟଙ୍କାର ଅନୁମୋଦନ ରହିଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନେ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଅଗୋଚରରେ କିଭଳି ୩.୭୪କୋଟି ଟଙ୍କାର ସାମଗ୍ରୀ ବିନା ଟେଣ୍ଡରରେ କିଣିଲେ, ତାହା ସନ୍ଦେହ ସୃଷ୍ଟି କରୁଛି। ଏପରି କି ଏହି ସାମଗ୍ରୀ କ୍ରୟବେଳେ ଗୋଟିଏ ସଂସ୍ଥାଠାରୁ ୨.୦୯ କୋଟି ଟଙ୍କାର ସାମଗ୍ରୀ ବେଆଇନ ଭାବେ କିଣାଯାଇଛି ବୋଲି ମହାଲେଖାକାର ସ୍ପଷ୍ଟ କରିଛନ୍ତି।

## ଡାକ୍ତରୀ ପଢ଼ିବେ ନାହିଁ...

ଆତ୍ମହତ୍ୟା କରିଛନ୍ତି। ଡାକ୍ତର ହେବାକୁ ନ ଚାହିଁ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି ଅନୁରାଗଙ୍କ ସୁଇସାଇଡ୍ ନୋଟ୍‌ରୁ ହସ୍ତଗତ ହୋଇଛି।

ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାର ନାୱରଗ୍ରାମ ନିବାସୀ ଅନୁରାଗ ଅନିଲ ବୋରକାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରୁଛନ୍ତି। ନିକଟରେ ସେ ୯୯.୯୯ ପର୍ସେଣ୍ଟାଇଲ ସହ ଏନ୍‌ଇଇଟି ୟୁଜି ୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ଏବଂ ଓବିସି ବର୍ଗରେ ତାଙ୍କ ଅଲ୍ ଇଣ୍ଡିଆ ର୍‍ୟାଙ୍କ୍ ୧୪୭୫ ଥିଲା। ଫଳରେ ଏମ୍ସ ଗୋରଖପୁରରେ ନାମ ଲେଖାଇବା ପାଇଁ ତାଙ୍କୁ ସିଟ୍ ମିଳିଥିଲା। ବୁଧବାର ନାମଲେଖା ପାଇଁ ପରିବାର ସହ ଅନୁରାଗଙ୍କୁ ଉତ୍ତରପ୍ରଦେଶର ଗୋରଖପୁର ଯିବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଅନୁରାଗଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରିବାରଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁରାଗଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି। ସୁଇସାଇଡ୍ ନୋଟ୍‌ରେ ଅନୁରାଗ ଲେଖିଛନ୍ତି, ଡାକ୍ତର ହେବାକୁ ଇଚ୍ଛା ନ ଥିଲା। ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୫ ବର୍ଷ ଧରି ପଢ଼ିବାକୁ ଚାହୁଁ ନ ଥିଲି। ଜଣେ ବ୍ୟବସାୟୀ ମଧ୍ୟ ଡାକ୍ତରଙ୍କ ଅନୁରୂପ ଭାବେ ଭଲ ରୋଜଗାର କରିପାରିବେ ବୋଲି ଅନୁରାଗ ଏହି ସୁଇସାଇଡ୍ ନୋଟ୍‌ରେ ଦର୍ଶାଇଛନ୍ତି। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଆତ୍ମହତ୍ୟାକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

ସମ୍ପ୍ରତି ଅନେକ ଛାତ୍ରୀଛାତ୍ର ନିଜ ଏକାଡେମିକ୍ କ୍ୟାରିୟରକୁ ନେଇ ଚାପରେ ରହୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ମାନସିକ ରୋଗ ବିଶେଷଜ୍ଞ କହିଛନ୍ତି। ମାନସିକ ଚାପ କମାଇବା ପାଇଁ ଛାତ୍ରୀଛାତ୍ର ନିଜ ପରିବାର ଓ ବନ୍ଧୁଙ୍କ ସହ ଅଧିକରୁ ଅଧିକ ଖୋଲାଖୋଲି କଥା ହେବା ଉଚିତ। ନିଜ ଭାବନା ବାଣ୍ଟିବା ଦ୍ୱାରା ଏକଲାପଣ କମ୍ ହୋଇଥାଏ ବୋଲି ବିଶେଷଜ୍ଞ କହିଛନ୍ତି।

## ଫେବୃଆରୀ ୧୭ରୁ ...

ହୋଇ ମାର୍ଚ୍ଚ ୯ ଯାଏ ଚାଲିବ। ସେହିପରି ସିବିଏସ୍‌ଇ ସିନିୟର ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ଦ୍ୱାଦଶ) ଏପ୍ରିଲ ୯ରେ ଶେଷ ହେବ। ପରୀକ୍ଷା ଶେଷ ହେବାର ୧୦ଦିନ ପରେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଏହା ୧୨ଦିନ ଭିତରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ପରୀକ୍ଷା ନିୟନ୍ତ୍ରକ ଡ. ଭରଦ୍ୱାଜ ସୂଚନା ଦେଇଛନ୍ତି।

## ଆମେରିକା ଟାରିଫ୍ ...

୨୨ହଜାର ୩୬୬ ଟନ୍ ହୋଇଥିଲା। କାନାଡାକୁ ୨୦୨୦ ଟନ୍ ରପ୍ତାନି ହୋଇଥିବାବେଳେ ଅନ୍ୟାନ୍ୟ ୧୫ଟି ଦେଶକୁ ମାଛ ରପ୍ତାନି କରାଯାଉଛି। ତେବେ ଏହି ମାଛ ରପ୍ତାନି ବାବଦକୁ ସର୍ବାଧିକ ୧୬୯.୮୩ ମିଲିଅନ ଡଲାର ଅର୍ଥାତ୍ ୧୪୨୦.୪୧ କୋଟି ଟଙ୍କା ଆମେରିକାରୁ ମିଳିଥିବା ବେଳେ ଚାଇନା ୧୧୪.୩୫ ମିଲିଅନ ଡଲାର ଅର୍ଥାତ୍ ୯୫୩.୮୯ କୋଟି ଟଙ୍କା ରପ୍ତାନି ବାବଦକୁ ଦେଇଥିବା ଜଣାପଡ଼ିଛି।

# ଏମ୍‌ସିଏଲ୍‌ର ଜମି ଅଧିଗ୍ରହଣ ସମସ୍ୟା ସମାଧାନ

ତାଳଚେର,୨୪।୯ (ମନୋଜ ନନ୍ଦ)

ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଯୋଗୁ ଦୀର୍ଘବର୍ଷ ଧରି ପଡ଼ିରହିଥିବା ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇଥିବା ଏମ୍‌ସିଏଲ୍ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି, ରିଟ୍ ଅପିଲ ନଂ. ୩୪/୨୦୧୫ (ଗଦାଧର ବିଶ୍ୱାଳ ଓ ଅନ୍ୟ ବନାମ ଏମ୍‌ସିଏଲ୍)ର ବିଚାର କରି ହାଇକୋର୍ଟ ଏମ୍‌ସିଏଲ୍ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମିକୁ ଅଧିକାର କରିବା ପାଇଁ ଏକ ଆଦେଶ ପାରିତ କରିଛନ୍ତି। ଏଥିସହ ଏକ ମାସ ମଧ୍ୟରେ ୨୫ ଜଣ କ୍ଷତିଗ୍ରସ୍ତଙ୍କୁ ସାମୂହିକ ଆବାସ ପ୍ରଦାନ କରିବା ଏବଂ ପୁନର୍ବାସସ୍ଥଳର ବଳକା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏମ୍‌ସିଏଲ୍‌କୁ ପରାମର୍ଶ ଦେଇଛନ୍ତି। ଏକମାସ ମଧ୍ୟରେ ଅଧିଗ୍ରହଣ କରାଯାଇଥିବା ଜମିକୁ ଏମ୍‌ସିଏଲ୍‌କୁ ହସ୍ତାନ୍ତର କରିବାକୁ ହାଇକୋର୍ଟ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଁସମୂଳ ଗ୍ରାମ ଅଧୀନରେ ଥିବା ତଳସାହିର ଏହି ବିଚାରାଧୀନ ପ୍ରସଙ୍ଗ ଯୋଗୁ ୨୦୧୫ ମସିହାରୁ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଓପନକାଷ୍ଟ ପ୍ରକଳ୍ପର ସମ୍ପ୍ରସାରଣ ପ୍ରଭାବିତ ହୋଇଥିଲା। ୨୦୧୪ରେ ହେଁସମୂଳ ତଳସାହିର ୧୦୨ ଜଣ ବାସିନ୍ଦା ଅତିରିକ୍ତ ସୁବିଧା ଦାବି କରି ଆଇନର ଆଶ୍ରୟ ନେଇଥିଲେ। ଏମ୍‌ସିଏଲ୍ ଦ୍ୱାରା ଓଡ଼ିଶା ସରକାରଙ୍କ ଆର୍ ଆଣ୍ଡ ଆର୍ ବ୍ୟବସ୍ଥା ଅନୁଯାୟୀ ସମସ୍ତ ଯୋଗ୍ୟ ଜମି ହରାଇଥିବା ଲୋକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ, ନିଯୁକ୍ତି ଏବଂ ପୁନର୍ବାସ ପ୍ଲଟ ପ୍ରଦାନ କରାଯାଇଥିଲା। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଖଣି ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହାର କୋଇଲା ଉତ୍ପାଦନ ବୃଦ୍ଧି କରିପାରିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।




# ସବୁ ଉପଖଣ୍ଡରେ ହେବ ଶୀତଳଭଣ୍ଡାର: କୃଷିମନ୍ତ୍ରୀ

ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଉପଖଣ୍ଡରେ ଶୀତଳଭଣ୍ଡାର ସରକାରୀ ଘରୋଇ ସହଭାଗିତା(ପିପିପି)ରେ ନିର୍ମାଣ ହେବ। ଯଦି ଉପଖଣ୍ଡରୁ ଏକାଧିକ ଆବେଦନ ଆସିବ ତାହାକୁ ମଧ୍ୟ ବିଭାଗ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ବୁଧବାର ବିଧାନସଭାର ପ୍ରଶ୍ନକାଳ ସମୟରେ ମୂଳ ପ୍ରଶ୍ନକର୍ତ୍ତା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସୁଦ୍ଧା ୧୨ ଉପଖଣ୍ଡରେ ନୂତନ ଶୀତଳଭଣ୍ଡାର ସ୍ଥାପନ ଏବଂ ଗୋଟିଏ ପୁରୁଣା ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ସେଥିମଧ୍ୟରେ ଆଠଗଡ଼ ସମେତ ବାଲେଶ୍ୱର, ବରଗଡ଼, ବାରିପଦା, ବୌଦ୍ଧ, ଯାଜପୁର, ଜୟପୁର, ଖୋର୍ଦ୍ଧା, ପାନପୋଷ, ପୁରୀ, ରାୟଗଡ଼ା, ସୁବର୍ଣ୍ଣପୁରରେ ନୂତନ ଶୀତଳଭଣ୍ଡାର ହେବାକୁ ଥିବାବେଳେ ଚମ୍ପୁଆରେ ଥିବା ପୁରୁଣା ଶୀତଳଭଣ୍ଡାର ପୁନରୁଦ୍ଧାର ହେବାକୁ ରହିଛି।

ବିଧାୟକ ରଣେନ୍ଦ୍ର ପାଲଟା ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ଚାଷୀମାନେ ସାର ପାଇଁ ହାଉ ହାଉ ହେଉଛନ୍ତି। ମାତ୍ର ସରକାର ଚାଷୀଙ୍କୁ ତାହା ଯୋଗାଇପାରୁ ନାହାନ୍ତି। କିନ୍ତୁ ସବୁ ଉପଖଣ୍ଡରେ ଶୀତଳଭଣ୍ଡାର କରିବେ ବୋଲି କହୁଛନ୍ତି କହି କଟାକ୍ଷ କରିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାର ୨୪ ବର୍ଷ ରହିଥିଲା,

## ପ୍ରଶ୍ନକାଳରେ ରଣେନ୍ଦ୍ର-କେ.ଭି. ମୁହାଁମୁହିଁ

କେତେ ଶୀତଳଭଣ୍ଡାର କରିଛି ତାହା ସମସ୍ତେ ଜାଣିଛନ୍ତି। ଏପରିକି ନିଜେ ରଣେନ୍ଦ୍ର ଭାଇ ମନ୍ତ୍ରୀ ଥିବାବେଳେ କିଛି କଲେନାହିଁ। ଏବେ ଆମ ବେଳକୁ ଯେଉଁ କଥା କହୁଛନ୍ତି, ଆମେ କିନ୍ତୁ ନିଶ୍ଚିତ କରିବୁ। କୃଷିକ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ଯାହା ଆବଶ୍ୟକ ତାହା କରିବୁ ବୋଲି ମନ୍ତ୍ରୀ କହିଥିଲେ। ଏପରିକି କେ.ଭି. କହିଥିଲେ ଯେ, ଯଦି କୌଣସି ଉପଖଣ୍ଡରୁ ଏକାଧିକ ଆବେଦନ ଆସେ ତାହାକୁ ମଧ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦେବେ।

ଏହି ସମୟରେ ରଣେନ୍ଦ୍ର ପୁଣି ପ୍ରଶ୍ନ କରିଥିଲେ। ସେ କହିଥିଲେ, ଯଦି କୌଣସି ଉପଖଣ୍ଡରୁ ନୂତନ ଶୀତଳଭଣ୍ଡାର ଲାଗି ପ୍ରସ୍ତାବ ନ ଆସେ ତେବେ ସେକ୍ଷେତ୍ରରେ ସରକାର ନିଜଆଡୁ ଶୀତଳଭଣ୍ଡାର କରିବେ କି? ମନ୍ତ୍ରୀ କହିଥିଲେ, ସରକାର ନିଶ୍ଚିତ ଭାବେ ଏଥିପ୍ରତି ଧ୍ୟାନଦେବେ। ତେବେ ରଣେନ୍ଦ୍ର ଭାଇ ରାଜ୍ୟରେ ସାର ଅଭାବ କଥା କହୁଛନ୍ତି। ବାସ୍ତବ କଥା ହେଲା ଏହା ବିରୋଧୀଙ୍କ ଦ୍ୱାରା ପ୍ରାୟୋଜିତ କୃତ୍ରିମ ଅଭାବ। ଏହାର ପ୍ରଭାବ ଧାନ ସଂଗ୍ରହ ବେଳେ ଦେଖିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଆଲୋଚନାରେ ଭାଜପା ବିଧାୟକ ସନାତନ ବିଜୁଳି ଓ ଦୁଷ୍ମନ୍ତ ସ୍ୱାଇଁ ଭାଗନେଇ ନିଜ ଅଞ୍ଚଳର ଶୀତଳଭଣ୍ଡାର କଥା ରଖିଥିଲେ।

# ଟ୍ରେନ୍ ଧକ୍କାରେ ୨ ଭାଇଙ୍କ ଜୀବନ ଗଲା

## ମୋବାଇଲ ମରାମତି କରି ଘରକୁ ଫେରୁଥିଲେ

ରାଉରକେଲା,୨୪।୯ (ସଙ୍ଗୀତା ଜେନା)

ମୋବାଇଲ ଫୋନ୍ ମରାମତି କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ଏକ ଯାତ୍ରୀବାହୀ ଟ୍ରେନ୍ ଧକ୍କା ଦେବାରୁ ମଙ୍ଗଳବାର ରାତିରେ ୨ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ହରିପୁର ବସ୍ତିର ରଞ୍ଜନ ପାତ୍ର (୧୮) ଏବଂ ସାନ ଭାଇ ଜଗନ ପାତ୍ର(୧୫)। ରଞ୍ଜନ ତାଙ୍କ ମା'ଙ୍କ ସହ ଏକ ହୋଟେଲରେ କାମ କରୁଥିବା ବେଳେ ଜଗନ ଉଦିତନଗର ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଥିଲେ। ରାଉରକେଲା ଜିଆର୍‌ପି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ବୁଧବାର ଅପରାହ୍ନ ୧ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୨ଟି ପୃଥକ୍ ମାମଲା (ନଂ.୭୯/୨୫ ଓ ନଂ.୮୦/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରଞ୍ଜନ ଓ ଜଗନ ତାଙ୍କ ଭଉଣୀଙ୍କ ସହ ଟ୍ରେନ ଲାଇନ୍ ପାର୍ଶ୍ୱ ହରିପୁର ବସ୍ତିରେ ରୁହନ୍ତି। ସେମାନଙ୍କ ବାପା ବାଲେଶ୍ୱରରେ ରହୁଛନ୍ତି। ଭଉଣୀ ଏକ ମୋବାଇଲ ଦୋକାନରେ କାମ କରନ୍ତି। ମଙ୍ଗଳବାର ରାତି ୯ଟାରେ ରଞ୍ଜନ ଓ ଜଗନ ଭଉଣୀଙ୍କୁ ଆଣି ଘରେ ଛାଡିବା ପରେ ମୋବାଇଲ ଫୋନ୍ ମରାମତି କରିବାକୁ ଉଦିତନଗର ଯାଇଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଉଭୟ ବାସନ୍ତୀ ଓଭରବ୍ରିଜ୍ ତଳ ଟ୍ରେନ ଲାଇନ ଅତିକ୍ରମ କରି ଘରକୁ ଫେରୁଥିବା ବେଳେ ବରସୁଆଁ–ବିରମିତ୍ରପୁର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଟ୍ରେନ୍ ଚାଳକ ରାଉରକେଲା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ସୂଚନା ଦେଇଥିଲେ। ଷ୍ଟେଶନ ମ୍ୟାନେଜରଙ୍କ ଏତଲା କ୍ରମେ ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ଦର୍ଶକଙ୍କ ସହ 'ହୀର୍ ଏକ୍ସପ୍ରେସ୍' ଦେଖିଲେ ଦିଭିତା


ଦର୍ଶକଙ୍କ ଗହଣରେ ଅଭିନେତ୍ରୀ ଦିଭିତା ଜୁନେଜା।

ଭୁବନେଶ୍ୱର,୨୪।୯ (ଅନୁରାଧା ମହାରଣା)

ଚଣ୍ଡିଗଡ଼ର ଏକ ଥିଏଟରରେ ଅଭିନେତ୍ରୀ ଦିଭିତା ଜୁନେଜା ଦର୍ଶକଙ୍କ ସହ ନିଜ ଅଭିନୀତ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍' ଦେଖିଛନ୍ତି। ଦିଭିତାଙ୍କ ଉପସ୍ଥିତି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ତେବେ ତାଙ୍କ ସାଦାସିଧା ଆଚରଣ ଯୁବକ, ଶିଶୁ ଓ ବୟସ୍କ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଦର୍ଶକମାନେ କହିଛନ୍ତି, ତାଙ୍କର ହସ, କଥାବାର୍ତ୍ତା ଓ ଚାଲିଚଳଣ ଫିଲ୍ମ ଦେଖା ଅନୁଭୂତିକୁ ସ୍ମରଣୀୟ କରିଛି। ଦିଭିତା ମଧ୍ୟ ଦର୍ଶକଙ୍କ ସହ ସମୟ ବିତାଇ ଖୁସି ଥିବା କହିଛନ୍ତି। 'ହୀର୍ ଏକ୍ସପ୍ରେସ୍'ର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଦିଭିତା ଦର୍ଶକଙ୍କ ମନ କିଣୁଥିବାବେଳେ ବାସ୍ତବ ଜୀବନରେ ମଧ୍ୟ ଲୋକଙ୍କର ନିକଟତର ହୋଇପାରିଛନ୍ତି।

# ୭୧ ମାଓବାଦୀଙ୍କ ଆତ୍ମସମର୍ପଣ

## ଭୁଶୁଡୁଛି ମାଓବାଦୀ ସଙ୍ଗଠନ

ମାଲକାନଗିରି,୨୪।୯ (ଦୁର୍ଯ୍ୟୋଧନ ପାତ୍ର)

ଦିନକୁ ଦିନ ମାଓବାଦୀ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ପୋଲିସ ନିକଟରେ ବୁଧବାର ୨୧ ମହିଳାଙ୍କ ସମେତ ୭୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ପୁରୁଷ ମାଓବାଦୀଙ୍କ ମଧ୍ୟରେ ୩୦ ଜଣ ହାର୍ଡକୋର ଥିବାବେଳେ ସେମାନଙ୍କ ନାମରେ ୬୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି, ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିଥିବାବେଳେ ଅନେକେ ଆତ୍ମସମର୍ପଣ କରିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଅନ୍ୟପକ୍ଷରେ ଛତିଶଗଡ଼ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା କରି ମାଓବାଦୀ ସଙ୍ଗଠନକୁ ଧ୍ୱଂସ କରିବାରେ ଲାଗିଛନ୍ତି। ତେଣୁ ନିଜ ଜୀବନ ପ୍ରତି ବିପଦ ଥିବା ଓ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ଆମେ ମୁଖ୍ୟସ୍ରୋତରେ ସାମିଲହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ମାଓବାଦୀମାନେ ଛତିଶଗଡ଼ର ନାରାୟଣପୁର, ବିଜାପୁର, ଦନ୍ତେୱାଡା ଅଞ୍ଚଳରେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଦନ୍ତେୱାଡା ପୋଲିସ ସୂତ୍ରରୁ ପ୍ରକାଶ।

# ସାପ କାମୁଡ଼ାରେ ମା' ପୁଅ ମୃତ

ଲହୁଣୀପଡ଼ା, ୨୪।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ତଥା ମହୁଲପଦା ଥାନା ଅନ୍ତର୍ଗତ ଡଲେଇସରା ପଞ୍ଚାୟତ ବଡ଼ରୁଆଁ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗ୍ରାମର ତୁଳସୀ କୋହ୍ଲ (୨୯) ଓ ପୁଅ ଅବିନାଶ (୪)। ରାତିରେ ଖାଇସାରି ତୁଳସୀ, ଅବିନାଶ ଓ ଅନ୍ୟ ୨ପିଲା ଏକାଠି ତଳେ ଶୋଇଥିଲେ। ତୁଳସୀଙ୍କ ସ୍ୱାମୀ ରଥ ଖଟ ଉପରେ ଏକୁଟିଆ ଶୋଇଥିଲେ। ରାତି ପ୍ରାୟ ୨ଟାରେ ରଥ ଉଠି ବାହାରକୁ ଯାଇଥିଲେ। ବାହାରୁ ଆସି ଦେଖିଲେ ଏକ ସାପ ଖଟ ଉପରକୁ ଉଠିବା ପାଇଁ ଉଦ୍ୟତ ହେଉଛି। ସେ ସାପକୁ ଦେଖି ତୁରନ୍ତ ମାରି ଦେଇ ପୁନର୍ବାର ଶୋଇ ପଡ଼ିଥିଲେ। କିଛି ସମୟ ପରେ ଉଠି ଦେଖିଲା ବେଳକୁ ତୁଳସୀ ଓ ଅବିନାଶ ଶୋଇଥିଲେ ମଧ୍ୟ ପାଟିରୁ ଫେଣ ବାହାରୁଥିଲା। ତୁରନ୍ତ ଚିକିତ୍ସା ପାଇଁ ସେମାନଙ୍କୁ ପଡ଼ୋଶୀଙ୍କ ସହଯୋଗରେ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବିନାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ତୁଳସୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।




# 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'

## ଆଜି 'ବିଶ୍ୱ ସାମୁଦ୍ରିକ ଦିବସ'



ବିଶ୍ୱ ବାଣିଜ୍ୟ, ଜଳବାୟୁ ଏବଂ ଜୈବ ବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଧ୍ୟାନ କେନ୍ଦ୍ରିତ କରିବା ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ମାସର ଶେଷ ଗୁରୁବାରରେ ପାଳନ ହୋଇଆସୁଛି 'ବିଶ୍ୱ ସାମୁଦ୍ରିକ ଦିବସ'। ଅନ୍ତର୍ଜାତୀୟ ସାମୁଦ୍ରିକ ସଙ୍ଗଠନ(ଆଇଏମ୍‌ଓ) ସମ୍ମିଳନୀ କାର୍ଯ୍ୟକାରୀ ହେବାର ୨୦ତମ ବାର୍ଷିକୀ ଉପଲକ୍ଷେ ୧୯୭୮ ମସିହାରେ ପ୍ରଥମ ବିଶ୍ୱ ସାମୁଦ୍ରିକ ଦିବସ ପାଳନ ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୨୫ରେ ପାଳନ ହେଉଥିବା ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'। ଏହା ବିଶ୍ୱ ଅର୍ଥନୀତି, ଜୀବିକା ଏବଂ ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିଥାଏ। ଏଥିସହ ଏହା ଜାହାଜର ଦାୟିତ୍ୱ, ସାମୁଦ୍ରିକ ପରିବେଶକୁ ସୁରକ୍ଷା ଦେବା ଏବଂ ସମୁଦ୍ର ସମ୍ପଦଗୁଡ଼ିକୁ ସ୍ଥାୟୀ ଭାବେ ପରିଚାଳନା କରିବାର ସୁଯୋଗ ଉପରେ ଗୁରୁତ୍ୱ ଦେଇଥାଏ। ସୂଚନାଯୋଗ୍ୟ, ସମୁଦ୍ର ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ, ୮୦ ପ୍ରତିଶତରୁ ଅଧିକ ବାଣିଜ୍ୟିକ ପରିବହନ ସମୁଦ୍ର ଦ୍ୱାରା କରାଯାଏ। ସମୁଦ୍ର ଅନେକ ଲୋକଙ୍କ ପାଇଁ ଖାଦ୍ୟ, ଚାକିରି ଏବଂ ଆର୍ଥିକ ସୁଯୋଗର ଏକ ଉତ୍ସ ଭାବେ ବିବେଚିତ ହୋଇଥାଏ। ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

# ଜବାବ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

## ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ନ ହେବା ମାମଲା

କଟକ,୨୪।୯(କାର୍ତ୍ତିକ ସାହୁ)

ସରକାରୀ ତଥା ବେସରକାରୀ ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରାଯିବାକୁ ନେଇ ରୁଜୁ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରିବା ଦିଗରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ରୋଗୀ ଅଧିକାର ଓ ସୁରକ୍ଷା ପ୍ରଦାନ ସମ୍ପର୍କିତ ଏକ ନିୟମାବଳୀ ସବୁ ସରକାରୀ ଓ ବେସରକାରୀ ମେଡିକାଲରେ ପ୍ରଦର୍ଶିତ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ କରି ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ରୋଗୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଣୀତ ରୋଗୀ ଅଧିକାର ଚାର୍ଟର ଲାଗୁ କରିବା ପାଇଁ ଦାବି କରିଆସୁଛି। ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ ଏହା ଉଭୟ ସରକାରୀ ଓ ବେସରକାରୀ ମେଡିକାଲରେ ଲାଗୁ ନ ହେବାରୁ ମଞ୍ଚ ପ୍ରତିଷ୍ଠାତା ସଭାପତି ଡ. ଅମିୟ ଭୂଷଣ ବିଶ୍ୱାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରୋଗୀ ଶୋଷଣକୁ ରୋକିବା ପାଇଁ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ତଦାରଖ ବ୍ୟବସ୍ଥା ପ୍ରଣୟନ ପାଇଁ ସେ ହାଇକୋର୍ଟଙ୍କୁ ଆବେଦନରେ ପ୍ରାର୍ଥନା କରିଛନ୍ତି। ମଞ୍ଚ ପକ୍ଷରୁ ଆଇନଜୀବୀ କମଳାକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ୫୦୦ ଫୁଟ୍‌ର ଜାହାଜ ଲଙ୍ଗର ଚେନ୍ ଉଦ୍ଧାର

## ଜବରଦଖଲ ଉଚ୍ଛେଦ ବେଳେ ମାଟି ତଳୁ ମିଳିଲା

ଚାନ୍ଦବାଲି,୨୪।୯(କିଷାନ ପାତ୍ର)



ମାଟିତଳୁ ମିଳିଥିବା ଚେନ୍।

ଭଦ୍ରକ ଜିଲା ଚାନ୍ଦବାଲିସ୍ଥିତ ପୁରାତନ ବନ୍ଦର ନଗରୀର ମୁଖ୍ୟ ରାସ୍ତାର ପାର୍ଶ୍ୱବର୍ତ୍ତୀ ଦୋକାନ ଗୃହ ଉଚ୍ଛେଦ ବେଳେ ମାଟିତଳୁ ବୃହତ୍‌କାୟ ଜାହାଜ ଲଙ୍ଗର ଚେନ୍ ଉଦ୍ଧାର କରାଯାଇଛି। ବୁଧବାର ସ୍ଥାନୀୟ ତହସିଲଦାର ଭବତୋଷ ମଲ୍ଲିକ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲୁ ରହିଥିଲା। ଅପରାହ୍ନରେ ପୁରୁଣା ରାଜ୍ୟ ବନ୍ଦର କାର୍ଯ୍ୟାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜେସିବି ମେଶିନ ଦ୍ୱାରା ଭଙ୍ଗାଯିବା ବେଳେ ପ୍ରାୟ ୫୦୦ ଫୁଟ୍ ଲମ୍ବର ବୃହତ୍‌କାୟ ଜାହାଜ ଲଙ୍ଗର ଚେନ୍ ମାଟି ତଳୁ ଉଦ୍ଧାରହୋଇ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏହାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ମାଟି ତଳେ ଆହୁରି ଅନେକ ଜାହାଜର ଯନ୍ତ୍ରାଂଶ, ବଇଆଁ, ଲଙ୍ଗର ଇତ୍ୟାଦି ପୋତିହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଇତିହାସପ୍ରେମୀ ଓ ବୟସ୍କ ବ୍ୟକ୍ତିମାନେ କହିଛନ୍ତି, ଏହି ଅଞ୍ଚଳ ପୂର୍ବରୁ ଏକ ବାଣିଜ୍ୟ ବନ୍ଦର ଥିଲା। ଏହି ଚେନ୍ କୌଣସି ବୃହତ୍ ବୈପାରିକ ଜାହାଜର ହୋଇଥାଇପାରେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଏକ ଆର୍କିଓଲୋଜିକାଲ ତଦନ୍ତ କରିବା ପାଇଁ ଚିନ୍ତା କରୁଛି। ଏହି ଉଦ୍ଧାର ଚାନ୍ଦବାଲି ଏବଂ ଓଡ଼ିଶାର ବାଣିଜ୍ୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠାକୁ ପୁନଃ ଉଜାଗର କରିଛି।

# ସଡ଼କ ଦୁର୍ଘଟଣାରେ ମା'ଝିଅ ମୃତ, ବାପା ଗୁରୁତର

ଘଟଗାଁ,୨୪।୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥ କୋଲିମାଟି କୁମ୍ଭଡ଼ ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଦେଢ଼ବର୍ଷର ଶିଶୁ କନ୍ୟା ସହ ମାଆଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ବାପା ଗୁରୁତର ହୋଇଛନ୍ତି। ମୃତକ ହେଲେ ଘଷିପୁରା ଥାନା ଅନ୍ତର୍ଗତ ନଦୁଆ ନିକଟ ଚମୁଇଁ ଗ୍ରାମ କଲୋନି ସାହିର ସୁକୁଟି ମୁଣ୍ଡା ଓ ତାଙ୍କ ଝିଅ। ଗୁରୁତର ହେଲେ ସୁକୁଟିଙ୍କ ସ୍ୱାମୀ ରେଡୁ ମୁଣ୍ଡା। ସୂଚନା ଅନୁଯାୟୀ, ରେଡୁ ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକ୍ ଯୋଗେ ଘଟଗାଁ ବ୍ଲକ୍ ଉପରଡ଼ିହା ପଞ୍ଚାୟତ ଦୁଖାବହାଳି ଶ୍ୱଶୁରଘର ଆସି ଉଭୟେ ନିଜ ଘରକୁ ଫେରୁଥିଲେ। ସେ ସମୟରେ ଘସିପୁରାରୁ ଘଟଗାଁ ଆଡକୁ ଆସୁଥିବା ଏକ ବୋଲେରୋ ସହିତ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ବାଇକ୍‌ରେ ଥିବା ଦେଢ଼ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲା। ତେବେ ସଙ୍କଟାପନ୍ନ ଅବସ୍ଥାରେ ବାପା ରିଡୁ ମୁଣ୍ଡା ଓ ମା' ସୁକୁଟି ମୁଣ୍ଡାଙ୍କୁ ଘଟଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ସୁକୁଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିଡୁଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଛି। ଘସିପୁରା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଧିକ ତଦନ୍ତ କରୁଛି।



ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ। -ଶ୍ରୀମା



# ଭାବନାର ବାସ୍ତବତା




ଦେବଦତ୍ତ ପଟ୍ଟନାୟକ

ନାରଦ କହିଲେ, ଯିଏ ପୃଥିବୀ ଚାରିପାଖରେ ବୁଲି ଆସିବ ତା'ପାଇଁ ମୁଁ ଗୋଟିଏ ଆମ୍ବ ରଖିଛି। କାର୍ତ୍ତିକେୟ ତତ୍‌କ୍ଷଣାତ ଡେଇଁପଡ଼ି ମୟୂର ଉପରେ ବସିପଡ଼ିଲେ ଏବଂ ପୃଥିବୀ ଚାରିପାଖରେ ଉଡ଼ିବୁଲିଲେ। ଗଣେଶ ତାଙ୍କ ମାତାପିତାଙ୍କ ଚାରିପାଖରେ ଚାଲିକରି ବୁଲି ଆସି ନିଜକୁ ବିଜୟୀ ଘୋଷଣା କଲେ। ଗଣେଶ ଯୁକ୍ତି କଲେ ଯେ ତାଙ୍କ ମାତାପିତା ହେଉଛନ୍ତି ତାଙ୍କ ପାଇଁ ପୃଥିବୀ। ଏଣୁ ସେ 'ତାଙ୍କ' ପୃଥିବୀ ଚାରିପାଖରେ ବୁଲି ଆସିଲେ, 'ଜାଗତିକ' ପୃଥିବୀ ଚାରିପାଖରେ ନୁହେଁ। ନାରଦ କେଉଁ ପୃଥିବୀ ସମ୍ପର୍କରେ କହିଥିଲେ, ତାହା ସ୍ପଷ୍ଟ କରି ନ ଥିଲେ। ମନ ବାହାରେ ଥିବା ବାହ୍ୟ ବା ପାର୍ଥିବ ପୃଥିବୀ (ଆମେ ସମସ୍ତେ ଯେଉଁ ପୃଥିବୀରେ ରହୁଛୁ) କିମ୍ବା ଆମ ମାନସିକ ସ୍ତରରେ ଥିବା ଅନ୍ତର୍ନିହିତ ପୃଥିବୀ ବିଷୟରେ ନାରଦ ଦର୍ଶାଇ ନ ଥିଲେ। ପୃଥିବୀ ତୁଳନାରେ ଆମେ ମାତାପିତାଙ୍କୁ କେତେ ବେଶି ଭଲ ପାଉଛୁ, ଏହି କାହାଣୀ ସେ ସମ୍ପର୍କରେ ନୁହେଁ। ଏହା ହେଉଛି ଏକ କାହାଣୀ ଯାହା ଆକଳନୀୟ ପାର୍ଥିବ ପୃଥିବୀ ଏବଂ ଅମାପ ମାନସିକ ପୃଥିବୀ ମଧ୍ୟରେ ଥିବା ପ୍ରଭେଦକୁ ସୂଚିତ କରୁଛି।

ହିନ୍ଦୁ ଆତ୍ମତତ୍ତ୍ୱ ସିଦ୍ଧାନ୍ତରେ କୁହାଯାଇଛି ଯେ ଭାବନାଠାରୁ ପ୍ରକୃତି ଭିନ୍ନ। ପ୍ରକୃତି ହେଉଛି ମଣିଷ ମନ ବାହାରେ ଥିବା ବସ୍ତୁବାଦୀ ବାହ୍ୟ ସତ୍ତାର ବାସ୍ତବତା। ମଣିଷର ଭାବନା ହେଉଛି ପୁରୁଷ। ଏହା ପ୍ରତ୍ୟେକ ମଣିଷ ମନରେ ଥିବା ଅନ୍ତର୍ନିହିତ ଜ୍ଞାନ ସିଦ୍ଧାନ୍ତର ବାସ୍ତବତା। ଲୋକେ ବହୁ ସମୟରେ ଭାବନା ପାଇଁ ଚେତନା ଓ ଆତ୍ମା ଭଳି ଜଟିଳ ଶବ୍ଦ ବ୍ୟବହାର କରିଥାନ୍ତି। ଭାବନା ରହିଛି, କିନ୍ତୁ ତାହାକୁ ମାପି ହେବ ନାହିଁ କି ନିୟନ୍ତ୍ରଣ କରିହେବ ନାହିଁ କିମ୍ବା ତା' ବିଷୟରେ ଆକଳନ ମଧ୍ୟ କରିହେବ ନାହିଁ। ଏହା ହେଉଛି ସେହି ଭାବନା, ଯାହା ମଣିଷକୁ ପ୍ରାଣୀ ଓ ଉଦ୍ଭିଦଠାରୁ ପୃଥକ୍ କରିଛି।

ମାନବୀୟ ଜିଜ୍ଞାସରୁ ସୃଷ୍ଟି ହୁଏ ମୂଲ୍ୟାଙ୍କନ, ପରୀକ୍ଷଣ ଏବଂ ଗାଣିତିକ ସମୀକରଣ, ଯାହା ପ୍ରକୃତିକୁ ଜୟ କରିବାକୁ ମଣିଷକୁ ଶକ୍ତି ଦେଇଥାଏ। ମଣିଷର ଡେଣା, ଲାଞ୍ଜ କିମ୍ବା ପଞ୍ଝା ନ ଥିଲେ ବି ଏହିସବୁ ବିଷୟ ତାହାକୁ ସୃଷ୍ଟିରେ ଭିନ୍ନ କରିଛି। ଫଳରେ ପୃଥିବୀରେ ପ୍ରାଧାନ୍ୟ ବଢ଼ାଇବାକୁ ଆମେ ସକ୍ଷମ ହୋଇଛୁ। ସେଥିପାଇଁ ଆମେ ବିଭିନ୍ନ ଯାନ୍ତ୍ରିକ ଉପକରଣ ଓ ପ୍ରଯୁକ୍ତି ସୃଷ୍ଟି କରୁଛୁ, ଯାହା ଗୃହସ୍ଥ ମଣିଷ ମନକୁ ନିୟନ୍ତ୍ରଣ ଓ ପ୍ରଭାବିତ କରିପାରୁଛି।



ମୂଳତଃ ମଣିଷ ହେଉଛି ସାମାଜିକ ପ୍ରାଣୀ। ତାହାର ଭୋକ, ଭୟ ଅଛି। ଆମେ ଖାଦ୍ୟ, ସୁରକ୍ଷା ଓ ସାଥୀ ଚାହୁଁ। ଆମେ ପ୍ରାଣୀମାନଙ୍କ ଭଳି ପ୍ରତିଯୋଗିତା କରୁ, ସହଯୋଗ କରୁ, ବଂଶବୃଦ୍ଧି କରିପାରୁ। ଆମେ ମିତ୍ର ଚାହୁଁ ଏବଂ ଶତ୍ରୁଠାରୁ ଦୂରେଇ ରହୁ। ଆମେ ମରଣଶୀଳ ବୋଲି ସ୍ପଷ୍ଟ ଭାବେ ସଚେତନ। ତେବେ ଆମେ ପୃଥିବୀକୁ ଯେଉଁଭଳି ଦେଖୁ ସେହି ଅନୁସାରେ ଆମ ଭାବନାରେ ପରିବର୍ତ୍ତନ ଆସିଥାଏ। ଆମର ଦୁଇ ପ୍ରକାର କ୍ଷୁଧା ବା କାମନା ଅଛି। ପ୍ରଥମଟି ଶାରୀରିକ କ୍ଷୁଧା, ଯାହା ଦ୍ୱାରା ଆମେ ବଞ୍ଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ସୁରକ୍ଷା ଏବଂ ଆରାମ ଆବଶ୍ୟକ କରୁ। ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବାକୁ ଚାହୁଁ। ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ଏହା ଅଛି। ଅନ୍ୟଟି ହେଉଛି ମାନସିକ କ୍ଷୁଧା; ଯେଉଁଥିରେ ଆମେ ମନୋରଞ୍ଜନ, ଆକର୍ଷଣ, ପ୍ରଭାବ, ସଫଳତା, ସ୍ୱାଧୀନତା ଚାହିଁଥାଉ, ଯାହା ପ୍ରାଣୀଙ୍କଠାରେ ନାହିଁ। ଭାବନା ଆମ କ୍ଷୁଧା ଓ ଭୟକୁ ବଢ଼ାଇଦେଇଥାଏ, ଏପରିକି ଆମେ ଅସୀମ କ୍ଷୁଧା ଓ ଭୟର ଏକ ବିଶ୍ୱ କଳ୍ପନା କରିପାରୁ ।

ଏହାସହ ଅସୀମ ଖାଦ୍ୟ ଓ ଅସୀମ ସୁରକ୍ଷାର ବିଶ୍ୱ କଥା ମଧ୍ୟ ଭାବିପାରୁ। ଗ୍ରୀକ୍ ପୁରାଣ ବର୍ଣ୍ଣିତ ସ୍ୱର୍ଗରେ ଅସୀମ ଖାଦ୍ୟ ଓ ସୁରକ୍ଷାର ପ୍ରତୀକ ହେଉଛି ଶିଙ୍ଗ ଆକୃତିର ଅକ୍ଷୟ ପାତ୍ର, ଯେଉଁଥିରୁ ସବୁବେଳେ ଖାଦ୍ୟ ବାହାରିଥାଏ। ଏହା ହେଉଛି ଐଶ୍ୱରୀୟ ତଥା ଆନନ୍ଦଦାୟକ ଖାଦ୍ୟ, ଯାହା ଗ୍ରୀକ୍ ଦେବଗଣଙ୍କୁ ସବୁ ସମୟରେ ସୁସ୍ଥ, ଶକ୍ତିଶାଳୀ ଓ ଯୁବାସ୍ଥାରେ ରଖିଥାଏ।

ପ୍ରାଣୀମାନେ ଖାଦ୍ୟ ଶିକାର ଓ ନିଜକୁ ସୁରକ୍ଷିତ ରଖିବା ପାଇଁ ସରଳ ଉପକରଣ ଗଢ଼ିଥାନ୍ତି କିମ୍ବା ଉପାୟ ଆପଣାଇଥାନ୍ତି। କିନ୍ତୁ ମଣିଷ ତାହାର ଭାବନା ବା ଜିଜ୍ଞାସା ବଳରେ ଜଟିଳ ଉପକରଣ ସବୁ ତିଆରି କରିଥାଏ। ଏହାକୁ ଆମେ ବ୍ୟବହାର କରି ଭଲ ଶିକାରୀ, କୃଷକ କିମ୍ବା ପଶୁପାଳକ ହୋଇପାରିଛୁ। ଘର, ଖାଦ୍ୟ ଭଣ୍ଡାର, ପୋଷାକ ଆଦି ତିଆରି କରିବା ପାଇଁ ଏହାକୁ ଆମେ ବ୍ୟବହାର କରୁଛୁ। ଏଣୁ ମଣିଷ ପାହାଡ଼ ଉପରେ, ସମୁଦ୍ର ଉପକୂଳରେ, ଜଙ୍ଗଲ ଓ ମରୁଭୂମିରେ, ଥଣ୍ଡା ଏବଂ ଉତ୍ତପ୍ତ ଅଞ୍ଚଳ ଭଳି ସବୁପ୍ରକାର ପରିବେଶରେ ବଞ୍ଚିବାକୁ ସକ୍ଷମ ହେଉଛି। ଆମେ ପଥର, ଧାତବ, କାଠ, ଅସ୍ଥିର ବୃହତ, କ୍ଷୁଦ୍ର ତଥା ସୂକ୍ଷ୍ମ ଜିନିଷ ତିଆରି କରିଥିଲୁ। ପାଣି, ତାପ ଓ ପବନରୁ କିଭଳି ମଧ୍ୟ ଶକ୍ତି ବାହାରିବ ସେଥିରେ ଆମେ ସଫଳ ହୋଇପାରିଲୁ। ଆମେ ନିଆଁ, ପାଣି ଓ ପବନକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବା ସହ ଗଛ କେମିତି ବଢ଼ିବ, ଗୃହପାଳିତ ପ୍ରାଣୀଙ୍କୁ କିଭଳି ପାଳନ କରାଯିବ ସେଥିରେ ଜ୍ଞାନ ହାସଲ କରି ସଫଳତା ପାଇଲୁ। ଏଥିପାଇଁ ଏକ ସଂସ୍କୃତି ସାମ୍ନାକୁ ଆସିଲା। ଭାବନା ସହିତ ଜିଜ୍ଞାସାର ପରିପ୍ରକାଶ ଘଟିଲା। ଏହା ସହ ଆମେ ଯାହା ଭାବିଲୁ ତାହାକୁ ଅନୁଭବ କରିବାକୁ ସକ୍ଷମ ହୋଇପାରିଲୁ।

ଆମେ ସଂଘବଦ୍ଧ ଶିକାରୀ ପ୍ରବୃତ୍ତିରୁ ବାହାରି କୃଷକ ଓ ପଶୁପାଳକର ଜୀବନ ଧାରାକୁ ବୁଝିଲୁ ଓ ଆପଣାଇଲୁ । ପ୍ରକୃତି ଓ ଗୃହପାଳିତ ପ୍ରାଣୀଙ୍କୁ ନିୟନ୍ତ୍ରଣ କରିପାରିଲୁ। ଚାଷଜମି ଓ ବଗିଚା ସୃଷ୍ଟି କରି ଅଧିକ ଖାଦ୍ୟ ଉତ୍ପାଦନ କରିବାକୁ ସକ୍ଷମ ହେଲୁ। ଅନ୍ୟମାନଙ୍କ କ୍ଷୁଧା ସମ୍ପର୍କରେ ଭାବିଲୁ ଏବଂ ବଜାରର ପରିକଳ୍ପନା କରିବାକୁ ସକ୍ଷମ ହେଲୁ, ଯେଉଁଠାରେ ଜିନିଷଗୁଡ଼ିକ ବିକ୍ରି ଖର୍ଦ୍ଦି ହେବା ସହ ସେବା ଓ ବିଚାରର ଆଦାନ ପ୍ରଦାନ ହୋଇପାରିଲା। ଏକ ନୂଆ ବିଶ୍ୱ ପରିକଳ୍ପନା, ଶବ୍ଦର ଆଦାନ ପ୍ରଦାନ, ଭାଷା ଆବିଷ୍କାର ଏବଂ ଲେଖା ମାଧ୍ୟମରେ ଯୋଗାଯୋଗ କ୍ଷମତା ମଣିଷକୁ ସ୍ୱତନ୍ତ୍ର କରିଛି।

ଯଦିଓ ଆମ ମାନସିକ ସ୍ତରରେ ଏକ ବିଶ୍ୱ କଥା ଭାବିବାରୁ ଆମ ଜୀବନର ମୂଲ୍ୟ ଓ ଉଦ୍ଦେଶ୍ୟକୁ ସ୍ୱୀକାର କରୁଥିବା କଥାଗୁଡ଼ିକ ଉପରେ ଗଭୀର ବିଚାରକଲୁ। ଆମେ ମୃତ୍ୟୁ ପରେ କ'ଣ ଘଟେ ସେ ସମ୍ପର୍କରେ ଚିନ୍ତାକଲୁ, ଯାହା ଆମକୁ ସମାଧି ଓ ସ୍ମାରକସବୁ ନିର୍ମାଣ କରିବାକୁ ପ୍ରେରିତ କଲା। ଏହିପରି ଭାବରେ ଆମ ଭାବନା ମଧ୍ୟ କୃଷି, ଶିଳ୍ପ ଓ ଡିଜିଟାଲ ବିପ୍ଳବ ଆଣିବାରେ ସକ୍ଷମ ହେଲା । ଆମେ ଯେଉଁ ଦୁନିଆ ନିର୍ମାଣ କରୁଛୁ ସେଥିରେ ଆମର ସ୍ଥିତିକୁ ବ୍ୟାଖ୍ୟା କରିବା ପାଇଁ ସେହି ସମାନ ଭାବନା ମଧ୍ୟ ମଣିଷକୁ ସାହିତ୍ୟ, ସଙ୍ଗୀତ, ନାଟକ ରଚନା କରିବା ସକାଶେ ସକ୍ଷମ କରାଇଛି।

-devduttofficial@gmail.com

# ସଂହତି ଚିନ୍ତା



ଇପ୍ସିତା ମହାନ୍ତି

ନିକଟରେ ଉତ୍ତରପ୍ରଦେଶ ସମ୍ଭଲର ଶାହି ଜାମା ମସ୍‌ଜିଦ ଏବଂ ରାଜସ୍ଥାନର ଅଜମେର ଶରିଫ ଭଳି ଉପାସନା ପୀଠ ସହ ଜଡ଼ିତ ବିବାଦପୂର୍ଣ୍ଣ ବିଷୟକୁ ସମ୍ବୋଧିତ କରି (ଆର୍‌ଏସ୍‌ଏସ୍)ର ମୁଖ୍ୟ ମୋହନ ଭାଗବତ କହିଥିଲେ ଯେ ଧାର୍ମିକ ସ୍ଥାନରେ ବିବାଦ ସୃଷ୍ଟି ହେବା ଭାରତର ଏକତା ପ୍ରତି ବିପଦ। ସେ ମଧ୍ୟ କହିଥିଲେ ଯେ ବିଭିନ୍ନ ଧର୍ମାବଲମ୍ବୀ ଏବଂ ବିଚାରଧାରା କିପରି ଏକାଠି ଅବସ୍ଥାନ କରିପାରିବେ ଭାରତକୁ ତାହାର ଏକ ଉଦାହରଣ ସୃଷ୍ଟି କରିବାକୁ ପଡ଼ିବ। ଦେଖିବାକୁ ଗଲେ ଏକଦା ଶିକ୍ଷା ଗ୍ରହଣ ପାଇଁ ପୃଥିବୀର କୋଣଅନୁକୋଣରୁ ଭାରତକୁ ଶିକ୍ଷାର୍ଥୀଙ୍କ ସୁଅ ଛୁଟୁଥିଲା। ଭାରତୀୟଙ୍କ ମଧ୍ୟରେ ଏକତା ନଷ୍ଟ ହେତୁ ସମୟକ୍ରମେ ମୋଗଲ, ଫରାସୀ, ଡଚ୍, ଇଂରେଜ ଆଦି ଜାତି ଆମକୁ କେବଳ ବହୁବର୍ଷ ଧରି ଶାସନ କଲେ ନାହିଁ ବରଂ ଆମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିଚାଲିଲେ।

ବହୁ ସମୟରେ ସମ୍ପ୍ରଦାୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ନୂତନ ବିବାଦ ସୃଷ୍ଟି କରାଯାଉଛି। ଏହା ଏକ ଚିନ୍ତାଜନକ ବିଷୟ। ଏହି ପ୍ରସଙ୍ଗଗୁଡ଼ିକ ଦ୍ରୁତ ଗତିରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରି ବିଶ୍ୱ ସ୍ତରରେ ଭାରତର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀସମୂହ ଧାର୍ମିକ ମତଭେଦରୁ ଲାଭ ଉଠେଇବାକୁ ଆଗ୍ରହ ରଖୁଛନ୍ତି , ଯେଉଁଥିରୁ ଦୂରେଇ ରହିବା ଉଚିତ। କାରଣ ଏଭଳି କାର୍ଯ୍ୟ ରାଷ୍ଟ୍ରୀୟ ସଂହତିକୁ ଦୁର୍ବଳ କରିଦିଏ। ସାମାଜିକ ଉତ୍ତେଜନା ଓ ବିଭାଜନତା ହ୍ରାସ ପାଇଁ ପ୍ରାଚୀନ ଭାରତୀୟ ସଂସ୍କୃତି, ପରମ୍ପରା, ଆସ୍ଥା ଓ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ ଅନ୍ତର୍ଭୁକ୍ତତା ଜରୁରୀ।

ଭାରତର ପାରମ୍ପରିକ ଅତୀତ ଉଗ୍ରବାଦ, ଆକ୍ରମକତା, ବହୁସଂଖ୍ୟକବାଦ ଏବଂ ଅନ୍ୟମାନଙ୍କ ପ୍ରତି ଅପମାନଜନକ ଦୃଷ୍ଟିକୋଣର ଅଭିବ୍ୟକ୍ତିକୁ ନିଜ ଅଧୀନ କରିଛି। ଆମକୁ ଭାରତର ସହନଶୀଳ ଅତୀତରୁ ନିଷ୍କର୍ଷ ବାହାର କରିବାକୁ ହେବ। ଉଭୟ ସଂଖ୍ୟାଗରିଷ୍ଠ ଏବଂ ସଂଖ୍ୟାଲଘୁଙ୍କ ଏକତାର ଆଧାର ଉପରେ ଭାରତର ପରିଚୟ ଦଣ୍ଡାୟମାନ। ସଭିଏ ଭାରତର ଏକତାର ଶକ୍ତିକୁ ଅନୁଭବ କଲେ ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ରୂପକ ଦ୍ୱିମତ ଆପେ ଆପେ ବିଲୁପ୍ତ ହୋଇଯିବ ଏବଂ 'ସମସ୍ତେ ଏକ' ଧାରଣାଟି ସଶକ୍ତ ହେବ। ବିନା ଭୟ ଏବଂ ପକ୍ଷପାତିତାରେ ନିଜ ପସନ୍ଦର ଆସ୍ଥା ଓ ବିଶ୍ୱାସ ପାଳନ କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାଧୀନତା ରହିବା ଆବଶ୍ୟକ। ବୃଦ୍ଧି ପାଉଥିବା ବିଭାଜନକାରୀ ଆହ୍ୱାନକୁ ଦମନ କରିବା, ହିନ୍ଦୁ-ମୁସଲମାନ ଏକତା ଏବଂ ସାମାଜିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସ ଜରୁରୀ। ଏହି ଆଭିମୁଖ୍ୟ ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଆଲୋଚନା ତଥା ପାରସ୍ପରିକ ସମ୍ମାନର ଗୁରୁତ୍ୱକୁ ରେଖାଙ୍କିତ କରିଥାଏ। ଉଭୟ ସମ୍ପ୍ରଦାୟକୁ ମତଭେଦ ବଦଳରେ ସମାନତାକୁ ପ୍ରାଥମିକତା ଦେବାକୁ ହେବ। ଭାରତର ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ନୀତିକୁ ବଜାୟ ରଖିବା ପାଇଁ ଏକାଠି କାମ କରିବାକୁ ପଡ଼ିବ। ଆଜି ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ବିଭାଜନକାରୀ କଥାକୁ ବହୁଳ ମାତ୍ରାରେ ପ୍ରୋତ୍ସାହିତ କରିଚାଲିଛି। ବିଭିନ୍ନତା ପାଇଁ ବୈଶ୍ୱିକ ସ୍ତରରେ ଭାରତର ସ୍ୱତନ୍ତ୍ର ପରିଚୟ ରହିଛି। ଯାହା ସମ୍ମିଳିତ ପ୍ରୟାସରେ ଚିରସ୍ଥାୟୀ ହୋଇପାରିବ। ଏଥିପାଇଁ ଆବଶ୍ୟକ ସଂଯମତା ଏବଂ ସତର୍କତା। ଉତ୍ତେଜନାପୂର୍ଣ୍ଣ ଭାଷଣକୁ ପ୍ରତ୍ୟାଖ୍ୟାନ କରିବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରତି ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବାକୁ ପଡ଼ିବ। ଆଭ୍ୟନ୍ତରରେ ଏକାଧିକ ବିବିଧତା ସତ୍ତ୍ୱେ ଏକତାକୁ ପ୍ରୋତ୍ସାହିତ କରିବାରେ ଭାରତ ବିଶ୍ୱଗୁରୁ ଭାବରେ ଉଭା ହୋଇପାରିବ। ସହିଷ୍ଣୁତା ଏବଂ ବିବିଧତାର ମୂଲ୍ୟବୋଧକୁ ବଜାୟ ରଖି ଧାର୍ମିକ ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ବିନା ସଂଘର୍ଷରେ କିପରି ସହାବସ୍ଥାନ ସମ୍ଭବ ଭାରତ ତାହା ପ୍ରଦର୍ଶିତ କରିପାରିବ। ତେବେ ଅନେକ ସମୟରେ ଧାର୍ମିକ ନେତୃତ୍ୱ ଏବଂ ବିଭିନ୍ନ ସମ୍ପ୍ରଦାୟର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ମଧ୍ୟ ବିଭେଦ ଦୂର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦେଖାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ଶିଶୁ ଏବଂ ଯୁବକଙ୍କ ମନରେ ସହନଶୀଳତା ଏବଂ ସହାନୁଭୂତିର ମୂଲ୍ୟବୋଧ ଉଦ୍ରେକ କରି ଏ କ୍ଷେତ୍ରରେ ଯୋଗଦାନ ଦେଇପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକ ସଶକ୍ତ, କର୍ମଠ, ଐକ୍ୟସମ୍ପନ୍ନ ତଥା ଶାନ୍ତିପୂର୍ଣ୍ଣ ଭାରତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି, ସମ୍ପ୍ରଦାୟ ଏବଂ ଅନୁଷ୍ଠାନର ପ୍ରୟାସ ଆବଶ୍ୟକ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ବ୍ୟକ୍ତିଗତ ଆନ୍ତରିକ ପ୍ରଚେଷ୍ଟାର ସଫଳତା ସୁଦୁରପ୍ରସାରୀ ବୋଲି ପ୍ରମାଣ କରିଛନ୍ତି ରାଜସ୍ଥାନ ବିଳାସପୁରର ଚା'ଦୋକାନୀ କନରାମ ମେଓ୍ୱାରା। କନରାମଙ୍କୁ ଏବେ ବୟସ ୨୫। ସେ ଜାଓ୍ୱାଇ କଲରାପତରିଆ ବାଘ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ଚା'ଦୋକାନ କରିଛନ୍ତି ଓ ଆଖପାଖ ଅଞ୍ଚଳରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ପରେ ତାହାକୁ ରସାଇକେଲିଂ କରି ଚେୟାର, ବେଞ୍ଚ୍ ଆଦି ତିଆରି କରୁଛନ୍ତି। ସରକାରୀ ଅର୍ଡର ମୁତାବକ ସେଗୁଡ଼ିକୁ ସାର୍ବଜନୀନ ସ୍ଥଳକୁ ଯୋଗାଉଛନ୍ତି। କନରାମ ଭାରତରେ ବଢୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ସମ୍ପର୍କରେ ଖବରକାଗଜରୁ ପଢ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ ତାଙ୍କ ଗାଁରୁ ଏହା ଆରମ୍ଭ କରିଥିଲେ। ଦୋକାନ ସାମ୍ନାରେ ଏକ ନୋଟିସ୍ ଲଟକାଇଛନ୍ତି, ଯେଉଁଥିରେ ଲେଖାଅଛି-ଯେଉଁମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣିବେ ସେମାନଙ୍କୁ ଉପହାର ଦିଆଯିବ। ଉପହାର ସ୍ୱରୂପ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣୁଥିବା ଲୋକଙ୍କୁ ସେ ସ୍ନାକ୍ସ ଦେଉଛନ୍ତି। ପ୍ରଥମେ ଏହି ଉପାୟରେ ସେ ଦିନକୁ ୫୦କେ.ଜି. ବର୍ଜ୍ୟ ସଂଗ୍ରହ କରିପାରୁଥିଲେ। ଏବେ ମୁମ୍ବାଇର ଏକ ଏନ୍‌ଜିଓ ତାଙ୍କୁ ସହଯୋଗ କରିବାରୁ ସେ ଅଧିକରୁ ଅଧିକ ବର୍ଜ୍ୟ ସଂଗ୍ରହ କରିପାରୁଛନ୍ତି। ସ୍କୁଲ୍, କଲେଜ ଓ ଗାଁଗୁଡ଼ିକରେ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏବେ ସେ ୧୫ଟି ଗାଁରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ସେ ସେସବୁକୁ ନିକଟବର୍ତ୍ତୀ ସହରକୁ ରିସାଇକେଲିଂ ପାଇଁ ପଠାଇବାରେ ଲାଗିଲେ। ଡିଜେଇଡି ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ୧୦ ଲକ୍ଷ ଟଙ୍କାର ରିସାଇକେଲିଂ ମେଶିନ ଦିଆଯିବା ପରେ ସେ ଏବେ ତାହା ମାଧ୍ୟମରେ ୧୦ ଟନ୍‌ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲିଂ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

**୨୫ ସେପ୍ଟେମ୍ବର ୧୯୭୬**

- ବ୍ରିଟିଶ ସରକାରଙ୍କ ଦରିଆପାରି ଉନ୍ନୟନ ଶାସନ ଅଧୀନସ୍ଥ ବୈଦେଶିକ ଓ କମନଓ୍ୱେଲ୍‌ଥ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଇନ ବିଭାଗ ଅଫିସରଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ଭାରତର ୩ ଜଣ ଆଇନଜ୍ଞଙ୍କୁ କଲମ୍ବୋ ଯୋଜନା ପୁରସ୍କାର ପ୍ରଦାନ।
- ବିହାରର ବନ୍ୟାପ୍ଲାବିତ ଅଞ୍ଚଳରେ ବିମାନ ବାହିନୀର ବିମାନ ଯୋଗେ ଔଷଧ ବିତରଣ କାର୍ଯ୍ୟ ଆରମ୍ଭ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 4 | | | |
| 8 | | | | | | | 5 | |
| | | | | 6 | | | | |
| 9 | | | 7 | | 2 | | 1 | |
| | 8 | | | | | 2 | 9 | 3 |
| 4 | | | | | | | 7 | |
| 3 | | | | 1 | | 5 | 4 | |
| 7 | | 5 | | | | | 3 | |
| | | 2 | 5 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 6 | 5 | 4 | 7 | 2 | 8 |
| 4 | 2 | 8 | 1 | 7 | 3 | 6 | 5 | 9 |
| 6 | 7 | 5 | 8 | 9 | 2 | 3 | 1 | 4 |
| 2 | 5 | 1 | 7 | 3 | 8 | 4 | 9 | 6 |
| 3 | 9 | 7 | 4 | 1 | 6 | 5 | 8 | 2 |
| 8 | 6 | 4 | 9 | 2 | 5 | 1 | 3 | 7 |
| 5 | 8 | 2 | 3 | 4 | 7 | 9 | 6 | 1 |
| 1 | 4 | 6 | 5 | 8 | 9 | 2 | 7 | 3 |
| 7 | 3 | 9 | 2 | 6 | 1 | 8 | 4 | 5 |

ଗତକାଲିର ଉତ୍ତର

# ଚାକିରିମୁହାଁ ଯୁବଶକ୍ତି



ପ୍ରମୋଦ କୁମାର ପଣ୍ଡା

ଭୌଗୋଳିକ କ୍ଷେତ୍ରଫଳରେ ଓଡ଼ିଶା ଭାରତର ଅଷ୍ଟମ ବୃହତ୍ତମ ରାଜ୍ୟ। ସମଗ୍ର ଦେଶର ହାରାହାରି ବୃଷ୍ଟିପାତ ୧୨୦୦ ମିଲିମିଟର ଥିବାବେଳେ ଓଡ଼ିଶାର ଏହା ୧୫୦୦ ମିଲିମିଟର। ଆମ ପାଖରେ ସବୁ ପ୍ରକାର ମୃତ୍ତିକା ଏବଂ ୪୮୫ କିଲୋମିଟର ଦୀର୍ଘ ସମୁଦ୍ରକୂଳ ଅଛି। ବିଭିନ୍ନ ପ୍ରକାର କୃଷିଜାତ, ପ୍ରାଣୀ ଓ ମତ୍ସ୍ୟ ସମ୍ବନ୍ଧିତ ଉତ୍ପାଦନ ଓ ରପ୍ତାନି ପାଇଁ ପ୍ରକୃତି ପର୍ଯ୍ୟାପ୍ତ ସୁଯୋଗ ଦେଇଛି। ଦେଶର ଶତକଡା ୨୩ ଭାଗ ଲୁହାପଥର, ଶତକଡା ୨୪ ଭାଗ କୋଇଲା, ଶତକଡା ୭୬ ଭାଗ ଆଲୁମିନିୟମ ଏବଂ ଶତକଡା ୯୮ ଭାଗ କ୍ରୋମାଇଟ୍ ମହଜୁଦ ଅଛି। ତା' ଛଡା ପାଞ୍ଚ କୋଟି ଖାଉଟି ମଧ୍ୟ ଅଛନ୍ତି। ଏତେ ସବୁ ସୁବିଧା ସୁଯୋଗ ଥାଇ ଓଡ଼ିଶା ମୁଣ୍ଡପିଛା ଆୟରେ ଦେଶର ୨୨ ତମ ରାଜ୍ୟ ଭାବେ ଉଭାହେବା ଗ୍ରହଣୀୟ ନୁହେଁ। ଓଡ଼ିଶା ସେଦିନ ସମୃଦ୍ଧ ହେବ, ଯେଉଁଦିନ ଏହାର ସମୁଦାୟ ରପ୍ତାନି ମୋଟ ଆମଦାନୀକୁ ଟପିବ। କିନ୍ତୁ ଦୁଃଖ ଲାଗେ ଆଜିର ଅବସ୍ଥା ଦେଖି। ରାଜ୍ୟର ଯୁବଗୋଷ୍ଠୀ ସାତ ଦରିଆ ପାର ତ ଦୂରର କଥା ପଡୋଶୀ ରାଜ୍ୟରେ ବି ବେପାର କରିବାକୁ ସାହସ ଯୁଟାଇ ପାରୁନାହିଁ। ଜନତା ଓ ସରକାରଙ୍କୁ କେବଳ ଚାକିରିରେ ଓଡ଼ିଶାର ଭବିଷ୍ୟତ ଦେଖାଯାଉଛି। ତା'ର ସଦ୍ୟତମ ଉଦାହରଣ ହେଉଛି ସରକାରୀ ଚାକିରିରେ ନ୍ୟୂନତମ ପ୍ରବେଶ ବର୍ଷ ସାଧାରଣ ବର୍ଗ ପାଇଁ ୪୨ବର୍ଷକୁ ବୃଦ୍ଧି କରାଯିବା। ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ୪୭ ବର୍ଷ, ଦିବ୍ୟାଙ୍ଗଙ୍କ ପାଇଁ ୫୨ ବର୍ଷ ହୋଇଛି। ତଫସିଲଭୁକ୍ତ ଜାତି, ଉପଜାତି ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଦିବ୍ୟାଙ୍ଗଙ୍କ ପାଇଁ ଏହା ୫୭ ବର୍ଷକୁ ବୃଦ୍ଧି ପାଇଛି। ସମାଜରେ ସରକାରୀ ପିଅନର ଗୁରୁତ୍ୱ ରହିଛି ମାତ୍ର ଜଣେ ଉଦ୍ୟୋଗୀ କିମ୍ବା ବ୍ୟବସାୟୀର ଗୁରୁତ୍ୱ ନାହିଁ। ସେଥିପାଇଁ ଆମ ରାଜ୍ୟର ସ୍ଥିତି ଅତି ଦୁର୍ବଳ।

ଦେଶର ବିକଶିତ ରାଜ୍ୟ ଯଥା ପଞ୍ଜାବ, ହରିୟାଣା, ଗୁଜରାଟ, ଆନ୍ଧ୍ର, ତାମିଲନାଡୁ ଆଦି ଉଦ୍ୟୋଗ, ବ୍ୟାପାର ଓ କୃଷିରେ ଉତ୍କର୍ଷ ଲାଭ କରିଛନ୍ତି। ସେ ସବୁ ରାଜ୍ୟରେ ଉଦ୍ୟୋଗ, ବ୍ୟାପାର ଓ କୃଷକଙ୍କୁ ସମାଜରେ ଉଚ୍ଚ ସମ୍ମାନ ମିଳେ ଏବଂ ବାହାଘର ପାଇଁ ଉପଯୁକ୍ତ କନ୍ୟାପାତ୍ର ମିଳେ। ମାତ୍ର ଓଡ଼ିଶାରେ ଉପଯୁକ୍ତ କନ୍ୟା ପାତ୍ରର ପ୍ରଥମ ପସନ୍ଦ ସରକାରୀ ଚାକିରି। ପ୍ରକୃତ ପକ୍ଷେ ସରକାରୀ ଚାକିରିଆ ପାଖରେ ପରିବାର ଆର୍ଥିକ ସମୃଦ୍ଧି ପାଇଁ ପର୍ଯ୍ୟାପ୍ତ ଧନ ନ ଥାଏ। କାରଣ ସରକାରୀ ଦରମା ସ୍ୱଳ୍ପ ଓ ସେଥିରେ ଆୟକର ଦେବାକୁ ପଡ଼ିଥାଏ। ମାତ୍ର ବ୍ୟାପାରରେ ସସୀମିତ ଆୟ ଥାଏ।

ପ୍ରାଚୀନ ଓ ମଧ୍ୟଯୁଗରେ କଳିଙ୍ଗ ଏବଂ ଉତ୍କଳ ଭାରତର ଅନ୍ୟାନ୍ୟ ପ୍ରାନ୍ତରୁ ପ୍ରଗତିରେ ଆଗୁଆ ଥିଲା। ଆମେ ମୁଖ୍ୟତଃ ଦେଶ ଭିତରେ ଓ ବାହାରେ ବେପାର କରି ପ୍ରଚୁର ରପ୍ତାନି କରୁଥିଲୁ। ସାଧୀନତା ପରବର୍ତ୍ତୀ ସମୟରେ ଆମକୁ ସରକାରୀ ଚାକିରିରେ ଭବିଷ୍ୟତ ଦେଖାଗଲା। ଫଳରେ ଏବେକାର ପିଢି ସରକାରୀ ଚାକିରି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। କୌଣସି ଦେଶ ବା ରାଜ୍ୟର ଯୁବ ପିଢି ଯଦି କେବଳ ସରକାରୀ ଚାକିରି ସନ୍ଧାନରେ ରହିବେ, ତା' ହେଲେ ପ୍ରଗତି ଅସମ୍ଭବ। କାରଣ ସରକାରୀ ଚାକିରି ସବୁବେଳେ ସୀମିତ। ସମସ୍ତଙ୍କୁ ମିଳିବା ସମ୍ଭବ ନୁହେଁ। ସମସ୍ତେ ଚେଷ୍ଟା କରନ୍ତୁ, ଯାହାକୁ ମିଳିଲା ମିଳିଲା, ଯାହାକୁ ନ ମିଳିଲା ସେ ସମୟ ନଷ୍ଟ ନ କରି ଅନ୍ୟ ଉପାୟରେ ଟଙ୍କା ରୋଜଗାର କରିବା କଥା। କିନ୍ତୁ ଦୁଃଖର କଥା ସରକାର ସରକାରୀ ଚାକିରିର ସମୟ ସୀମା ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି, ଅର୍ଥାତ୍ କୌଣସି ଯୁବତୀଯୁବକ ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି ପାଇଁ ଚେଷ୍ଟା କରି ଚାଲିବ। ପାଇଲେ ଭଲ



ନ ପାଇଲେ ସେ ଆଉ କିଛି କରିପାରିବ ନାହିଁ। କାରଣ ସେତେବେଳକୁ ୫୦ ବର୍ଷ ପାଖାପାଖି ହୋଇଯାଇଥିବ। ଚାକିରିଟେ ପାଇଲେ ବି ବର୍ଷ କମ୍ ଥିବାରୁ ପେନ୍‌ସନ ଗ୍ରାଚ୍ୟୁଇଟିରୁ ବଞ୍ଚିତ ହେବ। ଅଳ୍ପ ବର୍ଷ ଚାକିରି ଥିବାରୁ ପରିବାରର ଆର୍ଥିକ ସ୍ୱଚ୍ଛଳତା ବଢାଇବା ପାଇଁ ଭ୍ରଷ୍ଟାଚାରର ସାହାରା ନେବେ। ଯାହାଦ୍ୱାରା ରାଜ୍ୟର ଉତ୍ପାଦକତା ହ୍ରାସ ପାଇବ। ମାତ୍ର କମ୍ ବୟସର ଯୁବକ ଯୁବତୀ ଚାକିରି ପାଇଲେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ଘଟିବ। ଯେଉଁମାନେ ଚାକିରି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାରେ ବିଫଳ ହେବେ, ସେମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେବେ ଯେ ଚାକିରି କରିବା ବୟସ ଆମର ଚାଲିଗଲା। ଆମକୁ ଅନ୍ୟାନ୍ୟ ଧନ୍ଦା ଦ୍ୱାରା ରୋଜଗାର କରିବାକୁ ପଡିବ। ତେଣୁ କିଏ ଉଦ୍ୟୋଗ କରିବ ତ କିଏ ବେପାର ତ ଆଉ କିଏ କୃଷି କାର୍ଯ୍ୟ କରିବ। ଯେହେତୁ ସେମାନେ କମ ବୟସରୁ ସେ ସବୁ କାର୍ଯ୍ୟ କରିବେ, ତେଣୁ ସେଥିରେ ପାରଦର୍ଶିତା ଲାଭ କରିବେ ଓ ଆଗକୁ ବଢିବେ। ରାଜ୍ୟର ଉତ୍ପାଦକତା ବଢିବ ଓ ରାଜ୍ୟର ପ୍ରଗତି ହେବ।

ରାଜ୍ୟର ଶାସନ କାର୍ଯ୍ୟ ପାଇଁ କର୍ମଚାରୀ ଆବଶ୍ୟକ। ମାତ୍ର ଆବଶ୍ୟକତାରୁ ଅଧିକ କର୍ମଚାରୀ ନିୟୋଜିତ କଲେ ବିତ୍ତୀୟ ନିଅଣ୍ଟ ହୁଏ ଏବଂ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସରକାର ବେରୋଜଗାର ଯୁବତୀଯୁବକଙ୍କ ପାଇଁ ସରକାରୀ ଚାକିରି ବିକଳ୍ପ ସ୍ୱରୂପ ଉଦ୍ୟୋଗ ଓ ବ୍ୟବସାୟ ମାଧ୍ୟମରେ ରୋଜଗାର ସୃଷ୍ଟି ପାଇଁ ଉଦ୍ୟମ କରିବା ଆବଶ୍ୟକ। ସରକାରୀ କାର୍ଯ୍ୟକୁ ସ୍ୱଳ୍ପ ସମୟରେ ସୁଚାରରୂପେ ସମ୍ପାଦନ ପାଇଁ ଦକ୍ଷ ଯୁବତୀଯୁବକଙ୍କର ଆବଶ୍ୟକତା ରହିଛି, ଯାହାକୁ ୪୮ ବର୍ଷ ବୟସ୍କ କରିପାରିବେ ନାହିଁ। ସେଥିପାଇଁ ୩୦/୩୨ ବର୍ଷ ଭିତର ଯୁବତୀଯୁବକ ଆବଶ୍ୟକ। ଅନେକ ବର୍ଷ ଧରି ଚାକିରି ବାହାରୁ ନ ଥିବାରୁ କିଛି ଛାତ୍ରୀଛାତ୍ର ଚାକିରି ପରୀକ୍ଷା ଦେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆମକୁ ସରକାରୀ ଚାକିରିରେ ପ୍ରବେଶ ବୟସ ବଢାଇବାକୁ ପଡୁଛି। ଭବିଷ୍ୟତରେ ଆଉ କେଉଁ ସରକାର ଆସିବ, ହୁଏତ ଏହାକୁ ଆହୁରି ବଢାଇଦେବେ। ପଚାଶ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ନେଇ କ'ଣ ଆମେ ବିଭାଗର କାର୍ଯ୍ୟଦକ୍ଷତା ବଢାଇପାରିବା ? ପ୍ରତିବର୍ଷ କର୍ମଚାରୀ ଅବସର ନେଉଛନ୍ତି। ପ୍ରତିବର୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ପଡିବ। ଯାହାଦ୍ୱାରା ପ୍ରତିବର୍ଷ ପାସ୍ କରୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ବିକାଶରେ ବିନିଯୋଗ କରାଯାଇପାରିବ। ରାଜ୍ୟର ଯୁବତୀଯୁବକଙ୍କୁ ସରକାରୀ ଚାକିରି ମନସ୍କ କରାଇବା କିମ୍ବା ସେମାନଙ୍କୁ ରୋଜଗାରକ୍ଷମ ନ କରାଇ ୪୮ କିମ୍ବା ୫୦ ବର୍ଷ ପର୍ଯ୍ୟନ୍ତ ଚାକିରି ପରୀକ୍ଷା ପାଇଁ ପ୍ରସ୍ତୁତ କରାଇବା ଆଦୌ ବିଜ୍ଞତା ଓ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ଯୁବା ଗୋଷ୍ଠୀ ପାଖରେ ବିକାଶର ପର୍ଯ୍ୟାପ୍ତ ଶକ୍ତି ଅଛି। କୌଣସିମତେ ଯଦି ଆମେ ତାକୁ ଓଡ଼ିଶାରେ ପ୍ରସ୍ଫୁଟିତ କରାଇପାରିବା, ପର ପିଢି ପାଇଁ ବିକାଶର ରାସ୍ତା ସବୁଦିନ ପାଇଁ ଖୋଲିଯିବ, ଯାହାକି ଦେଶର ବିକଶିତ ରାଜ୍ୟମାନଙ୍କରେ ଦେଖିବାକୁ ମିଳେ। ତେଣୁ ଆମକୁ ବ୍ୟାପକ ସାମାଜିକ ପରିବର୍ତ୍ତନ ଉପରେ ଜୋର ଦେବାକୁ ପଡିବ। ୨୮ରୁ ୩୫ ବର୍ଷରେ ଚାକିରି ରାସ୍ତା ବନ୍ଦ ହେଲେ, ଯୁବାଗୋଷ୍ଠୀ ଅନ୍ୟାନ୍ୟ କ୍ଷେତ୍ର ପ୍ରତି ଆକୃଷ୍ଟ ହେବେ ଓ ସେଥିରେ ନିଜର ପାରଦର୍ଶିତା ଦେଖାଇବେ ଏବଂ ଓଡ଼ିଶାକୁ ସମୃଦ୍ଧ କରି ଗଢିତୋଳିବେ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର), ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଓକିଲଙ୍କୁ ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତ କରାଯାଉ

ମହାଶୟ,

ଭାରତର ଉଚ୍ଚତମ, ରାଜ୍ୟଗୁଡ଼ିକର ଉଚ୍ଚ ଏବଂ ଜିଲା ତଥା ନିମ୍ନ ଅଦାଲତଗୁଡ଼ିକରେ ଶାସକ ଦଳ ସମର୍ଥିତ ଆଇନଜୀବୀମାନେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇ ଅଦାଲତରେ ସରକାରଙ୍କ ପକ୍ଷ ରଖିଥାନ୍ତି। ଯଦି ଶାସକ ଦଳ କାର୍ଯ୍ୟକାଳ ସରିଯାଏ ବା କୌଣସି କାରଣରୁ ସରକାର ଭାଙ୍ଗିଯାଏ, ତେବେ ସେମାନେ ମଧ୍ୟ ଇସ୍ତଫା ଦେଇଥାନ୍ତି। ପୁଣି ନୂଆ ସରକାର ସେମାନଙ୍କ ଦଳର ସମର୍ଥିତ ଆଇନଜୀବୀଙ୍କୁ ଏହି ପଦବୀରେ ନିଯୁକ୍ତ ପ୍ରଦାନ କରିଥାନ୍ତି। ପ୍ରାୟତଃ ଦେଖିଯାଉଛି, ଇସ୍ତଫା ଦେଇଥିବା ପୂର୍ବ ସରକାର ଅମଳର ଆଇନଜୀବୀମାନେ ଯେଉଁ ସରକାରୀ ମକଦ୍ଦମାରେ ସରକାରୀ ପକ୍ଷ ରଖିଥିଲେ, ସେହି ମକଦ୍ଦମାରେ ବିରୋଧୀ ପକ୍ଷ ବା ଅପରପକ୍ଷଙ୍କ ଆଇନଜୀବୀ ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଯୁକ୍ତ ହୋଇ ଏହି ବିରୋଧୀଙ୍କ ପକ୍ଷ ରଖୁଛନ୍ତି। ଏହା କି ପ୍ରକାର ସମ୍ବିଧାନ ? ଏହା ଏକ ପ୍ରକାର ଦଳବଦଳ ହେଲା ନାହିଁ କି ? ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଉକ୍ତ ପଦବୀଗୁଡିକ ପାଇଁ କେନ୍ଦ୍ର/ ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ପ୍ରତିଭାବାନ୍ ପ୍ରାର୍ଥୀଙ୍କୁ ଲିଖିତ, ମୌଖିକ ପରୀକ୍ଷା ଦ୍ୱାରା ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଉ। ଏହାଦ୍ୱାରା ନ୍ୟାୟ ମିଳିବାରେ ସ୍ୱଚ୍ଛତା ଆସିପାରିବ ।

**- ଅନନ୍ତରାମ ସିଂ, କେନାଲ ରୋଡ୍, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା ।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ !
-(ଯୁଗଳ ପ୍ରୟାଣେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱଦେଶୀ ବସ୍ତୁ ବ୍ୟବହାର କଲେ ଦେଶ ଆତ୍ମନିର୍ଭରଶୀଳ ହୋଇପାରିବ


## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ସମ୍ପର୍କିତ କର୍ମଶାଳା




ଢେଙ୍କାନାଳ,୨୪।୯(ରତନ ନାୟାର)

ଭାରତକୁ ସାମାଜିକ ଓ ଆର୍ଥିକ ଭାବେ ଆତ୍ମ ନିର୍ଭର କରିବା ଏବଂ ପ୍ରତ୍ୟେକ ଘରେ ସ୍ୱଦେଶୀ ଭାବନା ସହ ଏହି ଅଭିଯାନ ସମସ୍ତଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବୁଧବାର ଭାଜପା ଜିଲା କାର୍ଯ୍ୟାଳୟ ଠାରେ ଜିଲା ସଭାପତି ରାସ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଭାରତ ବର୍ଷକୁ ଆତ୍ମ ନିର୍ଭର କରାଇବା ପାଇଁ 'ଘରଘର ସ୍ୱଦେଶୀ, ପ୍ରତିଘରେ ସ୍ୱଦେଶୀ'ର ସଂକଳ୍ପ ନେଇ ପଣ୍ଡିତ୍ ଦିନ୍ ଦୟାଲ ଉପାଧ୍ୟାୟଙ୍କ ଜନ୍ମତିଥି ସେପ୍ଟେମ୍ବର ୨୫ଠାରୁ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମତିଥି ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ତିନିମାସ ଧରି ସ୍ୱଦେଶୀ ଅଭିଯାନ ଆୟୋଜିତ ହେବ । ଏହି କର୍ମଶାଳାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି. ମୂରଲୀକ୍ରିଷ୍ଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କର୍ମଶାଳାକୁ ଉଦ୍‌ଘାଟନ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଉଦ୍ୟୋଗପତି ହୋଇ ସ୍ୱାବଲମ୍ବୀ ହେବା ସହ ସ୍ୱଦେଶୀ ବସ୍ତୁ (ମେକ୍ ଇନ୍ ଇଣ୍ଡିଆ)ର ବ୍ୟବହାର କଲେ ଦେଶ ଆତ୍ମ ନିର୍ଭରଶୀଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅଭିଯାନର ପ୍ରଚାର ପ୍ରସାର ମଣ୍ଡଳ ଓ ବୁଥ୍‌ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଉପଦେଶ ଦେଇଥିଲେ । ଉକ୍ତ କର୍ମଶାଳାରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଜିଲା ସଂଯୋଜକ ମାତୃପ୍ରସାଦ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ, ସହସଂଯୋଜକ ବସନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ଶିବ ପ୍ରସାଦ ସାହୁ, ଶିଶିରକାନ୍ତ ନାୟକ, ସାଧାରଣ ସଂପାଦକ ସୁନିଲ୍ ଶର୍ମା, ଯୁବମୋର୍ଚ୍ଚା ଜିଲା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ପରଜଙ୍ଗ ବ୍ଲକ୍ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲା ସଂପାଦକ ଅବନୀକାନ୍ତ ପଟ୍ଟନାୟକ, ଜିଲା କୋଷାଧ୍ୟକ୍ଷ ସଞ୍ଜିବ୍ ମହାପାତ୍ର, ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ଲଳିତ ସାହୁ, ରାଜ୍ୟ ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ ମହାନ୍ତି, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ଭୂୟାଁ, ବରିଷ୍ଠ ସଦସ୍ୟ ଧ୍ରୁବଚରଣ ସ୍ୱାଇଁ, ନଗରମଣ୍ଡଳ ସଭାପତି ବିକାଶ ସାହୁ, ପ୍ରଦୀପ ଦାସ, ଅଶୋକ ରାଉତ, ଅମ୍ବିକା ପ୍ରସାଦ ମିଶ୍ର, ସୁଶିଲ୍ ରାଉତ, ରଶ୍ମିରଞ୍ଜନ ଦାସ, ଅପର୍ଣ୍ଣା ନାଥ, ମାଳବିକା ସ୍ୱାଇଁ, ବ୍ରଜେଶ୍ୱରୀ ଦାସ, ଉଲ୍ଲି ନାୟକ, ଏଲିନା ଭୂତିଆ, ସୂର୍ଯ୍ୟ ମିଶ୍ର, ପ୍ରଦୀପ ନାୟକ, ଦୁଷ୍ମନ୍ତ ବେହେରା, ପ୍ରୀତିଶ୍ ଜେନା, ଡମ୍ବରୁଧର ପାତ୍ର, ସଞ୍ଜୟ ଦାସ, ବୀରେନ୍ଦ୍ର ପ୍ରତାପ ଜେନା, ଅଭୟ ନାୟକଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ଟୋଲି ଆଦି ଶତାଧିକ କାର୍ଯ୍ୟକର୍ତ୍ତା ଏହି କର୍ମଶାଳାରେ ଉପସ୍ଥିତ ଥିଲେ । ଶେଷରେ କାର୍ଯ୍ୟକ୍ରମର ସହ-ସଂଯୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଛତା ହିଁ ସେବା ଉପଲକ୍ଷେ ପ୍ରତିଯୋଗିତା



ଢେଙ୍କାନାଳ,୨୪।୯(ରତନ ନାୟାର)

ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) ପକ୍ଷରୁ ସ୍ୱଛତା ହିଁ ସେବା ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଅଭିଯାନ ପରିପ୍ରେକ୍ଷୀରେ ସ୍ୱଛତା ହିଁ ସୌନ୍ଦର୍ଯ୍ୟ, ସ୍ୱଛତା ହିଁ ସଭ୍ୟତା ଆଦି ଶୀର୍ଷକକୁ ନେଇ ପୋଷ୍ଟର, ଚିତ୍ରାଙ୍କନ, ସ୍ଲୋଗାନ, ସଫେଇ ମାରାଥନ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପ୍ରତିଷ୍ଠାନର ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଛନ୍ତି। ପ୍ରତିଷ୍ଠାନର ଶିକ୍ଷକ ଓ କର୍ମଚାରୀଗଣ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିବା ସହ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଉକି, ପ୍ରତ୍ୟେକ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨ରେ ପ୍ରତିଷ୍ଠାନ ପରିସରରେ ଆୟୋଜିତ ହେବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ଅପରପକ୍ଷେ ସଫେଇ ଓ ସଚେତନତା କାର୍ଯ୍ୟ ପ୍ରତ୍ୟହ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ନିର୍ଦ୍ଦେଶକ ପ୍ରଧାନ ପ୍ରକାଶ କରିଛନ୍ତି ।

# ପଦାର୍ଥବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ, ବିଦାୟ ସମ୍ବର୍ଦ୍ଧନା

ପରଜଙ୍ଗ, ୨୪।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ସହିତ ୨୦୨୪-୨୦୨୫ର ବିଦାୟୀ ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁଖ୍ୟ ପ୍ରାଧାପକ ବିକାଶ ପ୍ରଧାନ ସଭାପତିତ୍ୱ କରିଥିଲା। ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପକ କୁମାର କୌଶିକ ଓ ଅଧ୍ୟାପିକା ମନସ୍ୱିନୀ ଦଳେଇ ମଞ୍ଚ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ମୌସୁମୀ ବାଘ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ସୁରଭି ଧାରୁଆ, ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ଗଣିତ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ଅଧ୍ୟାପକ ବିଶିକେଶନ କର୍ଣ୍ଣ, ବିକାଶ କୁମାର ରୟେ, ଦୀପକ କୁମାର ସେଠୀ, ଯଶୋବନ୍ତ ସାହୁ, ଅସୀମା ଭୂତିଆ, ରୀତିକା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# 'ଲୋକଙ୍କୁ ମିଛ କହି ଭାଜପା କ୍ଷମତାକୁ ଆସିଛି'




## ବିଜେଡିର ନିର୍ବାଚନମଣ୍ଡଳୀ ସ୍ତରୀୟ ସାଙ୍ଗଠନିକ ବୈଠକ

କାମାକ୍ଷାନଗର, ୨୪।୯(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଡିଟୋରିଅମ ପରିସରରେ ବୁଧବାର ବିଜେଡିର କାମାକ୍ଷାନଗର ନିର୍ବାଚନମଣ୍ଡଳୀ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ଡା. ନୃସିଂହ ଚରଣ ସାହୁ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ବିଜେଡି ସରକାର ରାଜ୍ୟରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟକରିଛି ବର୍ତ୍ତମାନର ଭାଜପା ସରକାର ଆଗାମୀ ୫ ବର୍ଷ ଧରି ସେହି କାର୍ଯ୍ୟରେ ରଙ୍ଗ ମାରିଲେ ତାଙ୍କର ସମୟ ସରିଯିବ। ଏ ମିଛ ସରକାରକୁ ହଟାଇବା ପାଇଁ ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ହେବ। ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଡା. ଅଭିନାଶ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବିଜେଡି ଲୋକଙ୍କ ଦଳ, ଏବେବି ନବୀନ ବାବୁଙ୍କ ପ୍ରତି ଲୋକଙ୍କ ଭଲପାଇବା ଅଛି। ଲୋକଙ୍କୁ ମିଛ କହି ଭାଜପା କ୍ଷମତାକୁ ଆସିଛି। ଅଳ୍ପ ଦିନ ଭିତରେ ଲୋକ ତାଙ୍କୁ ଚିହ୍ନିଗଲେଣି। କାର୍ଯ୍ୟକାରୀ ସଭାପତି ସନ୍ଦୀପ ସଡଙ୍ଗୀ କହିଲେ, ବିଜେଡି ଗୋଟିଏ ପରିବାର। ଏକାଠି ଥିଲା, ଏକାଠି ଅଛି, ଆଗକୁ ଏକାଠି ହୋଇ ଲଢିବ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଏନଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଭୁବନ ବ୍ଲକ ବିଜେଡ଼ି ସଭାପତି ତଥା ଜିଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଏନଏସି ସଭାପତି ନରେନ୍ଦ୍ର କୁମାର ସାହୁ, କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶୁକନ୍ତଳା ସେଠୀ, ଜିଲା ପରିଷଦ ସଭ୍ୟା ଦିପ୍ତିମୟୀ ବିଶ୍ୱାଳ, ସୁବାସ ମାଝୀ ପ୍ରମୁଖ ମଞ୍ଚାସୀନ ରହି ଦଳକୁ ତୃଣମୂଳସ୍ତରରେ ସଂଗଠନ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ କାଉନସିଲର ସଞ୍ଜୟ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ପୋଖରୀରେ ବୁଡ଼ିଯାଇ ୧ ମୃତ

ଓଡ଼ାପଡ଼ା, ୨୪।୯ (ରଞ୍ଜିତ ନାୟକ)

ମୋଟଙ୍ଗା ଥାନା ଅନ୍ତର୍ଗତ ଏକଘରିଆ ଗ୍ରାମର ଗୋକୁଳାନନ୍ଦ ସାହୁ (୫୭) ଗ୍ରାମ ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ଖବର ପାଇ ହିନ୍ଦୋଳ ରୋଡ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ଏକ ମାମଲା ରୁଜୁ କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତ ହାଇୱା ପଛରେ ପିଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

ଓଡ଼ାପଡ଼ା, ୨୪।୯ (ରଞ୍ଜିତ ନାୟକ)



୫୫ ନଂ ଜାତୀୟ ରାଜପଥ ହଳଦିଆହଳ ନିକଟରେ ଏକ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇ ଠିଆ ହୋଇଥିବା ବେଳେ ବୁଵାବାର ଢେଙ୍କାନାଳ ଆଡୁ ଅନଗୁଳ ଅଭିମୁଖେ ଯାଉଥିବା ଏକ ଧକ୍କା ଦେଇଥିଲା। ଫଳରେ ଟ୍ରକର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଡ୍ରାଇଭରଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ପଠାଇଥିଲେ। ଟ୍ରକକୁ ପୋଲିସ ଜବତ କରିଛି।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ



ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ସ୍ୱାସ୍ଥ୍ୟ ଶିବିର।

ଢେଙ୍କାନାଳ,୨୪।୯(ରତନ ନାୟାର)

ଶ୍ରମ କମିଶନର ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଢେଙ୍କାନାଳ ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟତଃ ମହିଳା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ତାର ନିରାକରଣ ନିମନ୍ତେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ଉପାଦେୟ ପରାମର୍ଶ ଦିଆଯାଇଥିଲା । ଏଥିସହିତ ସେମାନଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା । ଆୟୋଜିତ ସ୍ୱତନ୍ତ୍ର ଶିବିରରେ ବେଲଟିକିରି ଡାକ୍ତରଖାନା ଚିକିତ୍ସାଧିକାରୀ ଡାକ୍ତର ଶ୍ୱେତା ଅଗ୍ରୱାଲ ଏବଂ ଅନ୍ୟ ଡାକ୍ତର ମାନେ ଉପସ୍ଥିତ ଥିଲେ । ଜିଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଶିବିରକୁ ସୂଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଶ୍ରମିକ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।

# ଜିଏମ୍‌ଆର୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର

ଢେଙ୍କାନାଳ,୨୪।୯(ରତନ ନାୟାର)



ରାଜ୍ୟପାଳଙ୍କଠାରୁ ଜିକେଇଏଲ୍ ପ୍ଲାଣ୍ଟହେଡ ମନୋଜ ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗଠାରେ ଥିବା ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ) ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ପ୍ରଦୂଷଣ ରୋକିଥିବାରୁ ଚଳିତବର୍ଷର ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷ ପୁରସ୍କାର ଲାଭକରିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୨୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କଠାରୁ ଜିକେଇଏଲ୍ ପ୍ଲାଣ୍ଟହେଡ ମନୋଜ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ଜିକେଇଏଲ୍ ପ୍ରଦୂଷଣ ରୋକିବାରେ ଅନେକ ପଦକ୍ଷେପ ଗ୍ରହଣ କରି ପ୍ରଶଂସିତ ହୋଇପାରିଛି । ଶତ ପ୍ରତିଶତ ପାଉଁଶର ବିନିଯୋଗ, ଶୂନ୍ୟ ତରଳ ବର୍ଜ୍ୟବସ୍ତୁ ନିଷ୍କାସନ ଓ ବର୍ଜ୍ୟବସ୍ତୁକୁ ସମ୍ପଦ ଭାବେ ବ୍ୟବହାର ଏବଂ ସବୁଜିମା ସୃଷ୍ଟି ଆଦି ନିଆରା ଉଦ୍ୟମ କରି ସମସ୍ତଙ୍କ ଆଦୃତ ହୋଇପାରିଛି । ଜିକେଇଏଲ୍ ଏହି ପୁରସ୍କାର ପାଇଥିବାରୁ ଅତ୍ୟନ୍ତ ଖୁସି ବ୍ୟକ୍ତ କରି ଜିଏମ୍‌ଆର ଏନର୍ଜି ସିଇଓ ଆଶିଷ ବାସୁ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସବୁଜ ପରିବେଶ ଉପରେ କାର୍ଯ୍ୟ ଜାରି ରଖିବାକୁ ପ୍ରକାଶ କରିଛନ୍ତି ।

# ରାସ୍ତା ମରାମତି ପାଇଁ ରାସ୍ତାରୋକୋ

ପରଜଙ୍ଗ, ୨୪।୯
(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପିଟିରିଠାରୁ ପାଲଲହଡା ଆଡ଼କୁ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ବର୍ତ୍ତମାନ ମରଣଜନ୍ତା ପାଲଟିଛି। ରାସ୍ତାସାରା ଖାଲଖମାରେ ଭର୍ତ୍ତିହୋଇଛି। ଏମିତିକି କିଛି ସ୍ଥାନରେ ରାସ୍ତାରେ ଦୁଇ ଫୁଟ ଗର୍ତ୍ତ ହୋଇ ପାଣି ଜମିରହୁଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଛି । ଏହାର ମରାମତି ପାଇଁ ବାରମ୍ବାର ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ଅବଗତି କରାଯାଇଥିଲେ ସୁଦ୍ଧା କର୍ଣ୍ଣପାତ କରୁନାହାନ୍ତି। ସୂଚନା ଥାଉକି ପରମହଂସପୁର ଛକଠାରୁ ଅଳ୍ପଦୂରରେ ରାସ୍ତାରେ ଏକ ବଡ ଗର୍ତ୍ତ ଯୋଗୁଁ ଅଧିକାଂଶ ଗାଡ଼ିଦୁର୍ଘଟଣା ଘଟିଥିଲା। ଫଳରେ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ବାସିନ୍ଦା ଏହାର ମରାମତି ଦାବିରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଏମିତିକି ସରକାରୀ ବସ ଗୋଡ଼ିକ ଛିଡ଼ାହୋଇ ରହିବାରୁ କଲେଜ ଛାତ୍ରୀମାନେ ଅଟକି ରହିଥିଲେ। ଖବର ପାଇ ପରଜଙ୍ଗ ଥାନାଧିକାରୀ ଧିରେନ କୁମାର ବେହେରା ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ଆନ୍ଦୋଳନକାରୀମାନେ ଜିଦରେ ଅଟଳ ରହିଥିଲେ। ପରେ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ତୁରନ୍ତ ଏହାକୁ ମରାମତି କରିବେ ବୋଲି ଜାତୀୟ ରାଜପଥ ବିଭାଗ ପ୍ରତିଶ୍ରୁତି ଦେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ସମାଜସେବାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ




ଢେଙ୍କାନାଳ,୨୪।୯(ରତନ ନାୟାର)

ଢେଙ୍କାନାଳସ୍ୱୟଂଶାସିତମହାବିଦ୍ୟାଳୟରେ ବୁଧବାର ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ବୁଧବାର ପାଳନ କରାଯାଇଥିଲା। ସକାଳ ୭ଟାରେ ଚାରା ରୋପଣ କାର୍ଯ୍ୟକ୍ରମ ସହିତ ଏନ୍‌ଏସ୍‌ଏସ୍ ପତାକା ଉତ୍ତୋଳନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବା ପାଇଁ ପ୍ରେରଣା ଦେଇ ସମାଜସେବାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଅମୃତ କୁମାର ସେଠ୍ ଦେଶ ନିର୍ମାଣରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା ଓ ଅଧ୍ୟାପିକା ଡ. ସୈମ୍ୟା ନନ୍ଦ ସମାଜର ସମସ୍ୟା ସମାଧାନରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ରବର୍ଟ ଭଦ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଦେବରାଜ ପରିଡ଼ା ଏନଏସଏସ୍‌ର ଉଦ୍ଦେଶ୍ୟ ଓ ଛାତ୍ରୀଛାତ୍ରଙ୍କ ସେବାମୂଳକ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ୱେଚ୍ଛାସେବୀ ଲିଟୁ ଦେହୁରୀ ଓ ସୁଶ୍ରୀ ସଙ୍ଗୀତା ସାହୁ ନିଜ ନିଜର ଅଭିଜ୍ଞତା ବଖାଣିଥିଲେ। ବିଶେଷତଃ ଲିଟୁ ଦେହୁରୀଙ୍କୁ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣରେ ଓଡ଼ିଶାରୁ ଏକମାତ୍ର ସ୍ୱେଚ୍ଛାସେବୀ ଭାବେ ଚୟନ ହୋଇ କଲେଜ ପାଇଁ ଗର୍ବ ଆଣିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଶତାଧିକ ସ୍ୱେଚ୍ଛାସେବୀଙ୍କ ସହଭାଗୀତାରେ ଉତ୍ସବମୟ ପରିବେଶରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରିଣୀ ବିଦୁସୀ ମଧୁସ୍ମିତା ଧନ୍ୟବାଦ ପ୍ରଦାନ କରିଥିଲେ।

# ଏଏପି ପକ୍ଷରୁ ଘଣ୍ଟ, ଥାଳି ବଜାଇ ବିକ୍ଷୋଭ ଶୋଭାଯାତ୍ରା

ଢେଙ୍କାନାଳ,୨୪।୯(ରତନ ନାୟାର)




ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଚିକିତ୍ସାଳୟ ପରିସରରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ୧୦ଦିନ ବ୍ୟାପୀ ଚାଲିଥିବା ଗଣଧାରଣା ବୁଧବାର ଶେଷ ହୋଇଛି । ସମାପନ ଦିବସରେ ଏଏପି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏଏପିର କାର୍ଯ୍ୟକର୍ତ୍ତାମାନେ ଘଣ୍ଟ ଓ ଥାଳି ବଜାଇ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଚିକିତ୍ସାଳୟ ପରିସରରେ ଚାଲିଥିବା ଗଣଧରଣା ସମାପନ ହେଲା ବୋଲି ଘୋଷଣା କରିଥିଲେ । ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ କରିବା ପାଇଁ ଏଭଳି ଏକ ଅଭିନବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏଏପି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଲେ ଯେ, ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଆଜି ଘଣ୍ଟ, ଥାଳି ବାଡେଇ ଶୋଭାଯାତ୍ରା କରାଯାଇଛି । କାଲି ନେପାଳ, ଶ୍ରୀଲଙ୍କା ଓ ବାଲାଙ୍ଗଦେଶ ପରି ପରିସ୍ଥିତି ନହେଉ । ରାଜ୍ୟ ସରକାରଙ୍କ ଚାପ ହେଉ କିମ୍ବା ଜିଲା ପ୍ରଶାସନର ଅବହେଳା ହେଉ, ସାଧାରଣ ଗରିବ ରୋଗୀ କଷ୍ଟ ଭୋଗୁଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର, ନର୍ସ ଏବଂ ଔଷଧର ଅଭାବ ରହିଛି । ବିଭିନ୍ନ ପ୍ରକାର ରକ୍ତ ନମୁନା ଘରୋଇ କ୍ଲିନିକରେ ପରୀକ୍ଷା କରାଯାଉଛି ବୋଲି ସେ କହିଥିଲେ । ଏହି ବିକ୍ଷୋଭ ଶୋଭାଯାତ୍ରାରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ, ରାଜ୍ୟ ଯୁବ ସଭାପତି ରୁଚିର ରୁଦ୍ର ରଥ, ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, କଲ୍ୟାଣ ଆନନ୍ଦ, ସନ୍ଦିପ ଦାଶ, ରାଜ୍ୟ ସୋସିଆଲ ମିଡିଆ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଅନୁଗୋଳ ଜିଲା ସଭାପତି ବିକ୍ରମ ରାଉତ, ବଲାଙ୍ଗିର ଜିଲା ସଭାପତି ଆଶିଷ ପାଣ୍ଡେ, ଯାଜପୁରର ମନୋଜ ମହାନ୍ତି, କନ୍ଧମାଳ ସଭାପତି ଜରବାସ ଦିଗଲ, ମହିଳା ସଭାପତି ରଶ୍ମିତା ପଟ୍ଟନାୟକ, ଖୋର୍ଦ୍ଧାର କଳ୍ପତରୁ ପଣ୍ଡା, ସମ୍ବଲପୁରର ଶକ୍ତିକାନ୍ତ ରୋହିଦାସ ଓ କୁଞ୍ଜ ରୋହିଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ସାରଦା ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଜିଲା ତଥା ରାଜ୍ୟ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋକପାତ କରିବା ସହିତ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ସମ୍ପର୍କରେ ଉଦବୋଧନ ପ୍ରଦାନ କରିଥିଲେ । ଜିଲା ସଭାପତି ରମେଶଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ଜିଲା ଯୁବ ସଭାପତି ସ୍ୱାଗତ ସିଂହ, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସଙ୍କ ସମେତ ବ୍ରାହ୍ମଣୀ ପଧାନ, ସୁକାନ୍ତୀ ପଧାନ, ଅନିଲ ସାମଲ, ଚିତ୍ତରଞ୍ଜନ ପାଣି, ପ୍ରସନ୍ନ ବରାଳ, ଅର୍ଦ୍ଧେନ୍ଦୁ ଶେଖର ବରାଳ, ଶକ୍ତି ରଞ୍ଜନ ମହାପାତ୍ର, ପିତାମ୍ବର ସାମନ୍ତରାୟ, ସୁଧନ୍ୟ ନାୟକ ଓ ଜୟନ୍ତ ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ରାଜ୍ୟ ଓ ଜିଲାରେ ଭୁଶୁଡି ପଡିଥିବା ସ୍ୱାସ୍ଥ୍ୟସେବା ଉପରେ ଗ୍ରାମାଞ୍ଚଳରେ ବୁଲିବୁଲି ଲୋକମାନଙ୍କୁ ଜଣାଇବା ଓ ସେମାନଙ୍କ ଦସ୍ତଖତ ସଂଗ୍ରହ କରିବା ପାଇଁ ରାଜ୍ୟ ସଭାପତି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।

# ବାହୁଡ଼ିଲେ ବିଶ୍ୱକର୍ମା, କମ୍ପିଲା ନାଲ୍‌କୋନଗର

**ବଣରପାଳ,୨୪।୯ (ସୁବାସ ସାହୁ)**



ଶେଷ ହୋଇଛି ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା। ୭ ଦିନ ଧରି ଚାଲୁ ରହିଥିବା ପୂଜା ବୁଧବାର ଭସାଣି ସହ ସମାପନ ହୋଇଛି। ତେବେ ଦେବଶିଳ୍ପୀଙ୍କୁ ବିଦାୟ ଦେବାବେଳେ ବିଭିନ୍ନ ବାଦ୍ୟ, ଲୋକନୃତ୍ୟରେ ନାଲ୍‌କୋନଗର ପ୍ରକମ୍ପିତ ହୋଇଉଠିଥିଲା। ବୁଧବାର ନାଲ୍‌କୋ ପକ୍ଷରୁ ଆୟୋଜିତ ଭସାଣି ଉତ୍ସବରେ ୬ଟି ପୂଜା କମିଟି ସାମିଲ ହୋଇଥିଲେ। ସମସ୍ତ ପୂଜା ମଣ୍ଡପ ସଭାପତି, ସମ୍ପାଦକ, ନାଲ୍‌କୋ ୱେଲଫେୟାର କମିଟି, ନାଲ୍‌କୋ ପୋଲିସ ଅଧିକାରୀ, ସିଆଇଏସଏଫ୍ ଅଧିକାରୀ, ଠିକା ସୁରକ୍ଷା କର୍ମୀଙ୍କୁ ନେଇ ହୋଇଥିବା ବୈଠକ ଅନୁଯାୟୀ ଠିକ୍ ଅପରାହ୍ନ ୪ଟାରେ ଭସାଣି ଉତ୍ସବ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ପଟ୍ଟଲାଇନ, କାଷ୍ଟ ହାଉସ ଏ, କାଷ୍ଟ ହାଉସ ବି, ରୋଡିଂଶପ୍ ୧, ବ୍ୟାକ ଓଭନ, ରୋଡିଂଶପ୍ ୨, ସେଣ୍ଟ୍ରାଲ ମେନ ଷ୍ଟୋର, ପଟ୍ଟଲାଇନର ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଯାଉଥିବା ବେଳେ ବିଭିନ୍ନ ବାଦ୍ୟ ଓ ଲୋକନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସିଆଇଏସଏଫ୍ ଓ କରଣ ସିଂ ସିକ୍ୟୁରିଟି ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ସମସ୍ତ ମୂର୍ତ୍ତି ପଟ୍ଟଲାଇନ ପୂଜା ପେଣ୍ଡାଲ ଠାରୁ କୋଅପରେଟିଭ ମାର୍କେଟ, ପାଣିଟାଙ୍କି ଛକ, ସ୍କୁଲ ଛକ, ତାରିଣୀ ମନ୍ଦିର ଛକ, ଜଗନ୍ନାଥ ମନ୍ଦିର ଛକ, ଗୋପବନ୍ଧୁ ଛକ ଦେଇ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇ କୃତ୍ରିମ ପୋଖରୀରେ ବିସର୍ଜନ ହୋଇଥିଲା।







# ଉଛୁଳୁଛି ଡ୍ରେନ୍ ପାଣି, ସଂକ୍ରମଣ ଆଶଙ୍କା



ମେଡିକାଲ କଲେଜ ରାସ୍ତାରେ ଉଛୁଳା ଡ୍ରେନ୍‌ପାଣି।

**ଅନୁଗୋଳ,୨୪।୯(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡ୍ରେନ୍‌ଗୁଡ଼ିକ ଠିକ୍ ଭାବେ ସଫେଇ ହେଉନାହିଁ। ଫଳରେ ଆବର୍ଜନା ପରିବହିବା କାରଣରୁ ବହୁ ଡ୍ରେନ୍ ପୋତି ହୋଇଗଲାଣି। ଏଥିଯୋଗୁ ଡ୍ରେନ୍‌ର ଆବର୍ଜନା ପାଣି ଉଛୁଳି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ରୋଗୀଙ୍କୁ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ କୋଠା ନିକଟରୁ ବାହାରିଥିବା ଡ୍ରେନ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ପରିସର ନିକଟରେ ଉଛୁଳି ପଡ଼ୁଛି। ଫଳରେ ଡ୍ରେନ ପାଣି ରାସ୍ତାକୁ ମାଡ଼ିଯିବାରୁ ରୋଗୀଙ୍କ ଠାରୁ ସର୍ବସାଧାରଣ ସମସ୍ତେ ଏହି ପାଣିରେ ପଶି ଆସଯାଆ ହେଉଛନ୍ତି। ଅନେକ ସମୟରେ ଏପରି ଦୂଷିତ ପରିବେଶ ସୃଷ୍ଟି ହେଉଥିବାରୁ ଡାକ୍ତରଖାନା ଭିତରେ ରୋଗୀଙ୍କଠାରେ ସଂକ୍ରମଣର ଭୟ ସୃଷ୍ଟି ହୋଇଛି। ସେହିପରି ଆବର୍ଜନା ପାଣିର ଦୁର୍ଗନ୍ଧ ଯୋଗୁ ଏଠାକୁ ଆସୁଥିବା ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଅନେକ ଥର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କାୟାକଳ୍ପ ପୁରସ୍କାର ମିଳିଥିବାବେଳେ ଏବେ ଏଠାରେ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ଉତ୍ତମ ସ୍ୱାସ୍ଥ୍ୟସେବା ସହ ପରିବେଶକୁ ସ୍ୱଚ୍ଛ ତଥା ନିର୍ମଳ ରଖିବା ପାଇଁ ବହୁକୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଡ୍ରେନ୍ ଠିକ୍ ଭାବେ ସଫେଇ ନ ହେବା ଓ ଏପରି ଦୁର୍ଗନ୍ଧମୟ ସ୍ଥିତି ସୃଷ୍ଟି ହେବା ମେଡିକାଲ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଏଡିଏମ୍‌ଓ ମାନସ ରଞ୍ଜନ ବିଶ୍ୱାଳ କହିଛନ୍ତି, ସମସ୍ୟା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପୂର୍ତ୍ତ ବିଭାଗ ସହ କଥା ହୋଇଛନ୍ତି।

# ସୁରେଶ୍ୱରୀ ପ୍ରକଳ୍ପ କାର୍ଯ୍ୟକାରୀ ଦାବିରେ ବିକ୍ଷୋଭ




ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଶୋଭାଯାତ୍ରା।

**ବଇଣ୍ଡା, ୨୪।୯ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଆନ୍ଦୋଳନ କରାଯାଉଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ବୁଧବାର ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଛି। କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ଥାନୀୟ ବରପଡିଆରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପୀତାମ୍ବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ କମିଟି ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ତରୁଣ ବେହେରା, କୈଳାସ ପ୍ରଧାନ, କିଶୋରୀ ପ୍ରଧାନ, ଲକ୍ଷ୍ମଣ ବେହେରା, ସୁରୁଚି ପ୍ରଧାନ, ବସୁମତୀ ସାହୁ, ନବ କିଶୋର ପ୍ରଧାନଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ।

# ମାଧପୁର, ଖମାରରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

**ମାଧପୁର,୨୪।୯ (ମନୋଜ ପ୍ରଧାନ)/ ଖମାର (ରଜନୀକାନ୍ତ ମହାରଣା)**

ଆଠମଲ୍ଲିକ ବ୍ଲକ ମାଧପୁର ଭାଜପା ମଣ୍ଡଳ ପକ୍ଷରୁ ସେବାପକ୍ଷ ପାଳନ ଅବସରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୪୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜିତେନ୍ଦ୍ର ହୋତା ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ କୁମାର ସାହୁ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ମଣ୍ଡଳ ପ୍ରଭାରୀ ପ୍ରଭାକର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଠମଲ୍ଲିକ ବ୍ଲଡ ବ୍ୟାଙ୍କ ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସେହିପରି ପାଲଲହଡ଼ା ଉପଖଣ୍ଡ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଅନୋଜ କୁମାର ଭୁକ୍ତା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ରକ୍ତଦାନ କେନ୍ଦ୍ରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ଦେବତା ଓ ନୁରୀ କୁରେସୀ, କର୍ମଚାରୀ ହେମନ୍ତ ବିଶ୍ୱାଳ ଓ ମନ୍ମେସ୍କର ପ୍ରଧାନ ରକ୍ତଦାତାଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ଅନୁଗୋଳ ଜିଲା ଜାତୀୟ ସେବା ଯୋଜନା ସଂଯୋଜକ ଓ କଲେଜ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅଶୋକ କୁମାର ସାମଲ, ଯୁବ ରେଡ୍‌କ୍ରସ ଅଧିକାରୀ ରାଜେନ୍ଦ୍ର କୁମାର ଦାଶ ସହଯୋଗ କରିଥିଲେ।



# ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ

**ଅନୁଗୋଳ ୨୪୯ (ମାନସ ବିଶ୍ୱାଳ)**

ଅନୁଗୋଳ ବ୍ଲକର ପଞ୍ଚମହଲା ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଦିଲୀପ କୁମାର ମିଶ୍ର ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟକାରିତା ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏଥିସହ କାର୍ଯ୍ୟର ଠିକ୍ ତଦାରଖ ସହ ସଫଳ ରୂପାୟନ ପାଇଁ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ସୁପ୍ରଭା ସେଠୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁଶାନ୍ତ କୁମାର ବେହେରା ଯୋଗଦାନ କରିଥିଲେ।

# ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା




**ଅନୁଗୋଳ,୨୪।୯(ମାନସ ବିଶ୍ୱାଳ)**

ଭାଜପାର ସେବାପକ୍ଷ ପାଳନ ଅବସରରେ ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ବୁଧବାର ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି. ମୁରଲୀ କ୍ରିଷ୍ଣା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଉପରେ ଆଲୋଚନା କରିଥିଲେ। କର୍ମଶାଳା ସଂଯୋଜକ ପ୍ରଭାତ ପ୍ରଧାନ, ସହ ସଂଯୋଜକ ପ୍ରତିମା ମିଶ୍ର, ବିଶ୍ୱଜିତ ମିଶ୍ର, ଜିଲା ଉପ ସଭାନେତ୍ରୀ ସୁଜାତା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

# ୭୦ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତରଙ୍କ ସହ ଛାତ୍ରୀମାନେ।

**ତାଳଚେର,୨୪।୯(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଟିପିସି ତାଳଚେର ଥର୍ମାଲ ସ୍ୱାସ୍ଥ୍ୟ କଲ୍ୟାଣ ଆନୁକୂଲ୍ୟରେ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଗଠନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଆଶାଲୋକ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭାରତୀ ସିଂ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଏନ୍‌ଟିପିସି (ଏଚ୍‌ଆର୍) ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଆଶାଲୋକ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ଡା. ଇନ୍ଦ୍ରଜିତ ଜେନା, ଡା. ଅନିତା ସାହୁ, ଡା. କେ.ଏନ. ରୟ ଏବଂ ଡାକ୍ତରୀ କର୍ମଚାରୀମାନେ ଉପସ୍ଥିତ ରହି ବିଦ୍ୟାଳୟର ପ୍ରାୟ ୭୦ ଜଣ ଛାତ୍ରୀଙ୍କ ଚକ୍ଷୁ, ଦନ୍ତ, ଚର୍ମରୋଗ ଆଦି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଗାମୀ ଦିନରେ କିପରି ସୁସ୍ଥ ତଥା ନୀରୋଗ ରହିଲେ ସଶକ୍ତ ପରିବାର ଗଠନ ହୋଇପାରିବ ତାହା ଉପରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସିଂ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀ ସହଯୋଗ କରିଥିଲେ।

# ଡିଏମ୍‌ଏଫ୍ ପ୍ରଭାବିତ ଅଞ୍ଚଳରୁ ୬ ପଞ୍ଚାୟତ ବାଦ୍ ଅଭିଯୋଗ

**ବନ୍ତଲା,୨୪।୯ (ସୁଶିତ ସାହୁ)**

ଅନୁଗୋଳ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ବିନିଯୋଗରେ ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ନିମନ୍ତେ ଜିଲା ଖଣିଜ ପାଣ୍ଠି ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୂଆ ଆଇନ କରାଯାଇଛି। ଖଣି ଖାଦାନ, ଶିଳ୍ପ ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ପାଇଁ ୭୦ % ଅର୍ଥ ବ୍ୟୟ ବରାଦ କରାଯାଇଥିଲାବେଳେ ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳରେ ୩୦% ପ୍ରତିଶତ ଅର୍ଥ ଖର୍ଚ୍ଚ ପାଇଁ ଅନୁଷ୍ଠିତ ଟ୍ରଷ୍ଟ ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ତରବରିଆ ଭାବେ ଜିଲାର ୧୧୭ଟି ପଞ୍ଚାୟତକୁ ପ୍ରତ୍ୟକ୍ଷ ଓ ୪୭ଟି ପଞ୍ଚାୟତକୁ ପରୋକ୍ଷ ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଗାଇଡ ଲାଇନ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ଅନୁଗୋଳ ବ୍ଲକ ବନ୍ତଲା ଅଞ୍ଚଳର ୪ନଂ ଜିଲା ପରିଷଦ ଜୋନ୍ ଅଧୀନ ୬ଟି ପଞ୍ଚାୟତ ଡିଏମ୍‌ଏଫ୍ ପ୍ରଭାବିତ ଅଞ୍ଚଳରୁ ବାଦ ପଡିଥିବା ଜିଲା ପରିଷଦ ସଦସ୍ୟ ଧ୍ରୁବଚରଣ ମାଝୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ୪ ନଂ ଜୋନ୍‌ର ବଡ଼କନ୍ତକୁଳ, ଖୁଣ୍ଡା, ଗଡ଼ତରାସ, ବାରଗୌଣିଆ, ତଳଗଡ ଓ ବେଡ଼ାଶାସନ ପଞ୍ଚାୟାତକୁ ଡିଏମ୍‌ଏଫ୍ ପ୍ରଭାବିତ ଅଞ୍ଚଳରୁ ବାଦ ଦିଆଯିବା ଆଶ୍ଚର୍ଯ୍ୟ ଚକିତ କରିଛି। କେଉଁ ଆଧାରରେ ଏହି ପଞ୍ଚାୟତଗୁଡ଼ିକ ବାଦ ପଡ଼ିଲା ତାହା ତର୍ଜମା କରିବା ସହ ପୁନର୍ବାର ତାଲିକାଭୁକ୍ତ କରାଯାଉ। ଏ ନେଇ ସଂପୃକ୍ତ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ଜାହିର କରିବା ସହ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜିଲା ପରିଷଦ ସଦସ୍ୟ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ କହିନ୍ତି, ଖଣି ବିଭାଗ ପକ୍ଷରୁ ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ଯଦି କୌଣସି ପଞ୍ଚାୟତ ବାଦ ପଡିଛି, ତେବେ ଲିଖିତ ଭାବେ ଜଣାଇଲେ ପୁନର୍ବିଚାର କରାଯାଇ ଅନ୍ତର୍ଭୁକ୍ତ କରାଯିବ।

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ।

**ବଇଣ୍ଡା,୨୪।୯(ପରିକ୍ଷିତ ସାହୁ)**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ର ସମୀକ୍ଷା ବୈଠକ ବୁଧବାର କିଶୋରନଗର ବ୍ଲକ ଧଉରାପାଲି କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କପୁଲା, ସମ୍ମାନିତ ଅତିଥି ଭାବେ ଉପ ନିର୍ଦ୍ଦେଶକ ଯଶୋବନ୍ତ ବେରିଆ, ଉପ ବନ ସଂରକ୍ଷକ କୁନ୍ଦନ ସିଂ, ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ ଓ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ଜିଲା କୃଷି ଅଧିକାରୀ ବିନୋଦ କୁମାର ଦଳେଇ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କମଳଲୋଚନ ଦାଶ, ୟୁକୋ ବ୍ୟାଙ୍କ ଅଧିକାରୀ ଦୁଷ୍ମନ୍ତ ଗଡ଼ନାୟକ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ କୁମାର ପଣ୍ଡା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ମଲିକ, ସହକାରୀ ଶିଳ୍ପ ଅଧିକାରୀ ଯଶୋବନ୍ତ କିଷାନ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ବାରିକ, ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ସଂଚାଳକ ଫ୍ରାନସିସ୍ ବାଲା, ସହକାରୀ ବନ ସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପ୍ରକଳ୍ପ ତରଫରୁ ନିଆଯାଇଥିବା କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ବାମୁର, ମାଧପୁର ଓ ଆଠମଲ୍ଲିକ ବନାଞ୍ଚଳ ତରଫରୁ ବନାଞ୍ଚଳ ଅଧିକାରୀ ସ୍ୱାଧୀନ କୁମାର ସାମଲ, ବିଜୟ କୁମାର ସାହୁ ଓ ସୁନୀଲ କୁମାର ସାହୁଙ୍କ ସମେତ, ବିଭାଗୀୟ କର୍ମକର୍ତ୍ତା ଓ ସହାୟତା କରୁଥିବା ଅନୁଷ୍ଠାନ ବିଶ୍ୱ ଯୁବକେନ୍ଦ୍ରର କର୍ମୀ ନିଆଯାଇଥିବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ତରଫରୁ ଆସିଥିବା ସାମଗ୍ରୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପ ବୈଷୟିକ ଅଧିକାରୀ ଗିରିଜା ଶଙ୍କର ଦାଶ, ଅମରେଶ ପ୍ରସାଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧସିଲା ୫୫ ନମ୍ବର ରାଜପଥ ବାଇପାସ୍ ପାର୍ଶ୍ୱ ରାସ୍ତା

**ଅନୁଗୋଳ,୨୪।୯(ଦିବ୍ୟଶାନ୍ତନୁ ନାଥ)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ସହର ନିକଟବର୍ତ୍ତୀ ବାଇପାସ୍ ରାସ୍ତାର ଖମାରସ୍ଥିତ ପାର୍ଶ୍ୱ ରାସ୍ତା ବର୍ଷା ଯୋଗୁ ପ୍ରାୟ ୧୦୦ ଫୁଟ୍ ଧସିଯାଇଛି। ଫଳରେ ରାସ୍ତା ପାର୍ଶ୍ୱରେ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇ ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। କିନ୍ତୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏହି ବିପଦସଙ୍କୁଳ ସ୍ଥାନକୁ ତୁରନ୍ତ ମରାମତି କରି ନ ଥିବାବେଳେ ଗାଡ଼ି ଚାଳକଙ୍କ ଉଦ୍ଦେଶ୍ୟରେ କୌଣସି ସତର୍କ ସଂକେତ ମଧ୍ୟ ଦେଇନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ସହର ନିକଟ ଖମାର ଦେଇ ୫୫ ନମ୍ବର ଜାତୀୟ ରାଜପଥର ବାଇପାସ୍ ରାସ୍ତା ଯାଇଛି। ଆଖପାଖ ଅଞ୍ଚଳର ଲୋକଙ୍କ ଯାତାୟାତ ପାଇଁ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ଅନୁଗୋଳ ସହର କିମ୍ବା ମହୀଧରପୁର ଆଡୁ ଆସୁଥିବା ଗାଡ଼ି ଚାଳକଙ୍କ ପାଇଁ ବାଇପାସ୍‌କୁ ଉଠିବାକୁ ଏଠାରେ ପାର୍ଶ୍ୱ ରାସ୍ତା ନିର୍ମାଣ ହୋଇଛି। ହେଲେ ଏହି ପାର୍ଶ୍ୱ ରାସ୍ତା ଓ ବାଇପାସ୍‌ର ସଂଯୋଗସ୍ଥଳରୁ ବିରାଟ ମାଟି ଅତଡ଼ା ବର୍ଷା ଯୋଗୁ ଧସିଯାଇଛି। ଫଳରେ ୧୦୦ ଫୁଟ ଲମ୍ବା ଏବଂ ୫୦ ଫୁଟ ଗଭୀର ଗର୍ତ୍ତ ସୃଷ୍ଟି ହୋଇଥିବାରୁ ପାର୍ଶ୍ୱ ରାସ୍ତାରୁ ବାଇପାସ୍‌କୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ମାଟି ଅତଡ଼ା ଧସି ଉକ୍ତ ସ୍ଥାନ ଖୋଲାମେଲାରେ ଥିବାବେଳେ ଏନ୍‌ଏଚ୍‌ଏଆଇ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସନ୍ଧ୍ୟା ହେବା ମାତ୍ରେ ରାସ୍ତାଟି ଅନ୍ଧାରିଆ ହୋଇଯାଉଥିବାରୁ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଛି। ଧିମେଇ ଚାଲିଥିବା ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘବର୍ଷ ପରେ ଏଠାରେ କେତେକାଂଶରେ ସରିଥିବା ବେଳେ ବାଇପାସ୍ ଓ ପାର୍ଶ୍ୱ ରାସ୍ତାର ସଂଯୋଗସ୍ଥଳ ଧସିବା ଏନ୍‌ଏଚ୍‌ଏଆଇ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହା ଉପର ଦେଇ ଗାଡ଼ି ଯାତାୟାତକୁ ବର୍ଷେ ବିତି ନ ଥିବା ବେଳେ ରାସ୍ତା ଧସିଯିବା ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ ପିଡି କହିଛନ୍ତି, ନିର୍ମାଣ ସମୟରେ କିଛି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିବା କାରଣରୁ ଏପରି ସ୍ଥିତି ଦେଖାଯାଇଛି। ଯଥାଶୀଘ୍ର ଉକ୍ତ ସ୍ଥାନରେ ବିପଦ ସଂକେତ ସୂଚନା ଦିଆଯିବ।



ଅନୁଗୋଳ ସହର ନିକଟ ଖମାରଠାରେ ୫୫ନମ୍ବର ଜାତୀୟ ରାଜପଥର ବାଇପାସ ଓ ପାର୍ଶ୍ୱ ରାସ୍ତାର ସଂଯୋଗସ୍ଥଳ ଧସିଯାଇଛି।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

ବଇଣ୍ଡା, ୨୪।୯ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ନୁନୁକାପଶି ଗ୍ରାମରେ ବୁଧବାର ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କର୍ଣ୍ଣ ସାହୁଙ୍କ ଘରୁ ୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ହଣ୍ଡପା ପୋଲିସ ନୁନୁକାପଶି ଗ୍ରାମରେ ଚଢ଼ାଉ କରି କୁନା ମାଝୀଙ୍କ ଘରୁ ୫ ଲିଟର ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ହଣ୍ଡପା ପୋଲିସ ନମ୍ବର ୩୫୪/୨୫ରେ ଏକ ମାମଲା ରୁଜୁ କରିଛି।

### ଘରୁ ଅଜଗର ଉଦ୍ଧାର

ବଇଣ୍ଡା, ୨୪।୯ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମର ସନ୍ତୋଷ ଦେହୁରୀଙ୍କ ଘରୁ ବୁଧବାର ଏକ ଅଜଗର ଉଦ୍ଧାର କରାଯାଇଛି। ଘର ଭିତରକୁ ପଶୁଥିବା ଦେଖି ସନ୍ତୋଷ ଘଉଡ଼ାଇବା ବେଳେ ସାପଟି ଗୁହାଳକୁ ପଳାଇ ଯାଇଥିଲା। ଏ ନେଇ ସନ୍ତୋଷ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେବାପରେ ସେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ। ସେହିପରି ନୁନୁକାପଶି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ଘରୁ ଏକ ଅଜଗର ସାପ ଉଦ୍ଧାର କରାଯାଇଛି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ଅଭିଯୋଗ

ସନ୍ତ୍ରିଛକ ୨୪।୯ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ଥାନା ନୂଆହତା ଗ୍ରାମର ଗଣମାଧ୍ୟମ ପ୍ରତିନିଧି ପ୍ରଫୁଲ୍ଲ କୁମାର ସିଂଙ୍କୁ ମଙ୍ଗଳବାର ବଁଅରପାଳ ତଳସହି ଠାରେ ସୁବ୍ରତ ନାଏକ ଠେଙ୍ଗାରେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୁକ୍ତ ସୁବ୍ରତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ତାଲା ଭାଙ୍ଗି ମନ୍ଦିରରୁ ଚୋରି

ବଇଣ୍ଡା, ୨୪।୯ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁରୁମଟାପ ଗ୍ରାମ ଶିବ ମନ୍ଦିର ତାଲା ଭାଙ୍ଗି ସୋମବାର ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୂଜକ ଗାୟା ଚାନ୍ଦ ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୬୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ହୁଣ୍ଡି ସହ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି।

# କୋଇଲା ଖଣି କର୍ମଚାରୀଙ୍କୁ ବୋନସ ଦାବିରେ ବିକ୍ଷୋଭ




ତାଳଚେର ୨୪।୯ (ମନୋଜ ନନ୍ଦ)

କୋଲ୍ ଇଣ୍ଡିଆର ଶ୍ରମିକମାନଙ୍କୁ ପୂଜା ବୋନସ ତୁରନ୍ତ ଦେବାକୁ ଦାବି କରି ବୁଧବାର କୋଇଲା ଖଣି ଶ୍ରମିକ ସଙ୍ଗଠନ ଏଆଇଟିୟୁସି ପକ୍ଷରୁ ଜଗନ୍ନାଥ ଜିଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏଆଇଟିୟୁସିର ସାଧାରଣ ସମ୍ପାଦକ ଏସ୍. କେ. ଶର୍ମାଙ୍କ ନେତୃତ୍ୱରେ ତାଳଚେରର ସମସ୍ତ କୋଇଲା ଖଣିର ଶ୍ରମିକ ପ୍ରତିବାଦ କରି ଏମ୍‌ସିଏଲ୍ ଅଧ୍ୟକ୍ଷଙ୍କଉଦ୍ଦେଶ୍ୟରେ ଜଗନ୍ନାଥ ଜିଏମ୍ ଏ. କେ. ଧଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ପ୍ରତିବର୍ଷ କୋଲ୍ ଇଣ୍ଡିଆ କର୍ମଚାରୀଙ୍କୁ ବାର୍ଷିକ ଦଶହରା ପୂଜା ବୋନସ ଅଗ୍ରିମ ଦିଆଯାଇଥାଏ। କିନ୍ତୁ ଚଳିତବର୍ଷ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିବାରୁ କୋଇଲା ଖଣି କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନରଏହି ପ୍ରଥାକୁ ବନ୍ଦ କରିବା ନେଇ ସରକାର ଓ କୋଲ ଇଣ୍ଡିଆ ନିଷ୍ପତ୍ତିକୁ ନେଇ ଖଣି କର୍ମଚାରୀ ଏବଂ ପରିବାର ବର୍ଗଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଦଶହରା ପୂର୍ବରୁ ବୋନସ ଦେବାକୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିଯିବ ବୋଲି ଚେତାବନୀ ଦିଆଯାଇଛି।

# କମେଣ୍ଟ ମାରି ଯୁବକ ଗିରଫ

ଛେଣ୍ଡିପଦା, ୨୪।୯ (ଅଜିତ ଧଳ)

ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ରୋଡ୍ ରୋମିଓଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଷଣ୍ଢପାଳ ଗାଁର ରାହୁଲ ନାଏକ। ପୋଲିସ କହିଛି, ଅନୁଗୋଳରୁ ବାଗଡିଆ ଯାଇଥିବା ୬୩ ନଂ. ରାଜ୍ୟ ରାଜପଥରେ ବାଗଡିଆ ଥାନା ଅଞ୍ଚଳର ସମ୍ଭ୍ରାନ୍ତ ଯୁବତୀ ସ୍କୁଟିରେ ଯାଉଥିବା ବେଳେ ନିଶା ଥାନା ନିକଟରୁ ରୋଡ୍ ରୋମିଓ ରାହୁଲ ତାଙ୍କୁ ପିଛା କରିଥିଲେ। ଏକା ଥିବାର ସୁଯୋଗ ନେଇ ନିଛାଟିଆ ସ୍ଥାନରେ କମେଣ୍ଟ କରିଥିଲେ। ସେହି ସମୟରେ କନଷ୍ଟେବଲ ସରୋଜ ସାହୁ ଛେଣ୍ଡିପଦା ଥାନାକୁ ଆସୁଥିବା ବେଳେ ରୋଡ୍ ରୋମିଓଙ୍କ ବ୍ୟବହାର ଦେଖି ତାଙ୍କୁ ଅଟକାଇ ବାରଣ କରିଥିଲେ। କିନ୍ତୁ ରାହୁଲ କନଷ୍ଟେବଲ ସରୋଜଙ୍କୁ ଅଟକ ରଖିବା ସହ ମାଡ଼ ମାରିବା ପାଇଁ ଧମକ ଦେଇଥିଲେ। ଘଟଣାସ୍ଥଳକୁ ସାଙ୍ଗଙ୍କୁ ଡାକିଥିଲେ। ଏ ସମ୍ପର୍କରେ କନଷ୍ଟେବଲ ସରୋଜ ଥାନାକୁ ଖବର ଦେବା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରାହୁଲଙ୍କୁ ଗିରଫ କରିଥିଲା।

# ସେବାପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ତାଳଚେର, ୨୪।୯ (ମନୋଜ ନନ୍ଦ)

ଭାଜପା ପକ୍ଷରୁ ପାଳନ କରାଯାଉଥିବା ସେବା ପକ୍ଷ ଅବସରରେ ବୁଧବାର ତାଳଚେର ଦେଉଳବେଢ଼ା ଡିସିଆଇ କ୍ଲବଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଦଳର ବିଧାନସଭା ସଂଯୋଜକ ରତ୍ନାକର ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାଜପା ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ପୂର୍ବତନ ନଗରପାଳ ଜ୍ୟୋସ୍ନା ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ବରିଷ୍ଠ ନେତା ରାଜେନ୍ଦ୍ର ସିଂହ, ବରୁଣ ସାହୁ, ଲୋକନାଥ ସାହୁ, ବିରଞ୍ଚି ପାଣି, ସହଦେବ ସାହୁ, ସୁଶାନ୍ତ ପ୍ରଧାନ, ମନୋଜ ପ୍ରଧାନ, ଜସ୍ମିନ ପ୍ରଧାନ, ବିଭୂତି ସାହୁ, ରଙ୍ଗାଧର ନାହାକ, ଅଖିଳ ସାମଲ, ପ୍ରଭାତିନି ଆଚାର୍ଯ୍ୟ, ଜିତେନ୍ଦ୍ର ଦାସ, ସତ୍ୟବନ୍ତ ସାହୁ, ଦୟାସାଗର ମିଶ୍ର, ମଣ୍ଡଳ ସଭାପତି ମାନସ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ପଲ୍ଲିଶ୍ରୀମେଳା ଉଦ୍‌ଯାପିତ, ୬ କୋଟିର କାରବାର

ବଁଅରପାଳ, ୨୪।୯ (ସୁବାସ ସାହୁ)




ନାଲ୍‌କୋନଗର ବିଶ୍ୱକର୍ମା ପୂଜା ଅବସରରେ ଗତ ୧୬ ତାରିଖରୁ ଓରମାସ ପକ୍ଷରୁ ଆୟୋଜିତ ୧୬ତମ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଓରମାସର ଡେପୁଟି ସିଇଓ ବିମନ ମଲଙ୍କ ତତ୍ତ୍ୱାବଧାନରେ ୮ଦିନ ବ୍ୟାପୀ ମେଳା ସୁରୁଖୁରୁରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ସମାରୋହରେ ଏଡିଏମ୍ ଅନୁଗୋଳ ଉଦୟଶଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ମେଳାରେ ସରକାରୀ ଯୋଜନା ସମ୍ପର୍କିତ ଉତ୍ତମ ପ୍ରଦର୍ଶନକାରୀ ଷ୍ଟଲ୍ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ପଲ୍ଲିଶ୍ରୀ ମେଳାରେ ମୋଟ ୬ କୋଟି ୫୩ଲକ୍ଷ ୧୪ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଓରମାସ ପକ୍ଷରୁ କୁହାଯାଇଛି। ସତ୍ୟସାଇ ଏସ୍‌ଏଚ୍‌ଜିର ଉତ୍ପାଦିତ ହ୍ୟାଣ୍ଡଲୁମ ସୋନପୁର ସର୍ବାଧିକ ୧୩ ଲକ୍ଷ ୨୭ ହଜାର ଟଙ୍କାର ବ୍ୟବସାୟ କରି ପୁରସ୍କୃତ ହୋଇଥିଲା। ସମୁଦାୟ ୫ଜଣଙ୍କୁ ପୁରସ୍କୃତ କରାଯାଇଥିଲା ବୋଲି ଓର୍‌ମାସର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ଶିବାଶିଷ ମିଶ୍ର ସୂଚନା ଦେଇଛନ୍ତି।

# ଆଦର୍ଶ ଶିଶୁ ଭାବେ ଗଢ଼ି ତୋଳିବାକୁ ପରାମର୍ଶ




ଢେଙ୍କାନାଳ, ୨୪।୯ (ରତନ ନାୟାର)

ଢେଙ୍କାନାଳ ଲେଖକ ସଂସଦ ଭବନଠାରେ ଅଭିନୟ ଫାଉଣ୍ଡେଶନ ନୃତ୍ୟ ଅନୁଷ୍ଠାନ ତରଫରୁ ଟ୍ୟାଲେଣ୍ଟ ଶୋ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଯୋଗଦେଇ ନୃତ୍ୟଗୀତ ଶିକ୍ଷା ସହ ଆଦର୍ଶ ଶିଶୁ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବରେ ଶିଳ୍ପୀ ପରେଶ ପଟ୍ଟନାୟକ, ନିହାରିକା ମିଶ୍ର, କାବେରୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନ ସଭାପତି ନୃତ୍ୟଗୁରୁ ସୁଚିସ୍ମିତା ମାନା, ସମ୍ପାଦିକା ରଶ୍ମିତା ପଟେଲ୍, ନୃତ୍ୟଗୁରୁ ଆଲୋକ ରଞ୍ଜନ ଦାସ ପ୍ରମୁଖଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହିଙ୍ଗୁଳା ପୀଠରେ ନବରାତ୍ର ପୂଜା

ତାଳଚେର ୨୪।୯ (ମନୋଜ ନନ୍ଦ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାରେ ପ୍ରଥମ ଦିବସରେ ଶୈଳପୁତ୍ରୀ ପୂଜନ, ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ପୂଜନ, ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା ପୂଜନ, ଚତୁର୍ଥ ଦିବସରେ କୃଷ୍ମାଣ୍ଡେ ପୂଜନ, ପଞ୍ଚମ ଦିବସରେ ସ୍କନ୍ଦମାତା ପୂଜନ, ଷଷ୍ଠ ଦିବସରେ କାତ୍ୟାୟନୀ ପୂଜନ, ସପ୍ତମ ଦିବସରେ କାଳରାତ୍ରୀ ପୂଜନ, ଅଷ୍ଟମ ଦିବସରେ ମହାଗୌରୀ ପୂଜନ, ନବମ ଦିବସରେ ସିଦ୍ଧିଦାତ୍ରୀ ପୂଜନ, ଦଶମ ଦିବସରେ ଅପରାଜିତା ପୂଜନ, ଆରତୀ ଓ ପୂର୍ଣ୍ଣାହୂତି ଆଦି ପାରମ୍ପରିକ ବିଧିବିଧାନ ଅନୁଯାୟୀ ପାଳନ କରାଯିବ। ବୁଧବାର ନବରାତ୍ର ପୂଜାର ତୃତୀୟ ଦିବସରେ ପୂଜା ଅନୁଷ୍ଠିତ ହୋଇଛି। ସ୍ୱାମୀ ଧୀରେନ ଚୈତନ୍ୟ ମହାରାଜଙ୍କ ଆବାହକତ୍ୱରେ ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ସୁରେଶ ଚନ୍ଦ୍ର ଧର, ବିମଳେନ୍ଦୁ କର ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି। କର୍ତ୍ତା ଭାବରେ ଦାମୋଦର ଦୋରା, ପଦ୍ମିନୀ ଦୋରା, ରାଜକିଶୋର ସାହୁ, ତପନ କୁମାର ଗଡ଼ନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଶିଶୁଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ କର୍ମଶାଳା

ବଇଣ୍ଡା, ୨୪।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ମାଧ୍ୟମରେ ଶୁକ୍ରବାର କିଶୋରନଗର, ଛେଣ୍ଡିପଦା, ଆଠମଲ୍ଲିକ ବ୍ଲକର କିଶୋରୀ କିଶୋର ଓ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା, ଶିଶୁ ଚାଲାଣର ଶିକାର ହୋଇଥିବା ଶିଶୁମାନେ ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଶିଶୁ ସୁରକ୍ଷା, ଶିଶୁଙ୍କ ସମସ୍ୟା ଓ ଆଇନଗତ ସେବା ବିଷୟରେ ଅବଗତ କରାଇଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମୀ ପୂଜା ସ୍ୱାଇଁ, ପପି ଦେହୁରୀ, ଡିପି ଦେହୁରୀ ଓ ଜସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.33-SBP-TRD-OT-2025-26, ତା.17.09.2025ରିଖ

କାର୍ଯ୍ୟର ନାମ: "ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ୍-କୁନାଗଡ଼ ରୋଡ୍ ସେକ୍ସନରେ 02 ଗୋଟି ଲେଭେଲ କ୍ରସିଙ୍ଗ ଫାଟକ (LJ-06 ଏବଂ LJ-11) ଗୁଡ଼ିକର ଇଣ୍ଟରଲିଙ୍କିଂ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ): 31,25,895.43, EMD (ଟଙ୍କାରେ): 62,500/-, ଶେଷ ହେବା ଅବଧି: 09 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.10.2025 ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-628/Q/25-26



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVBBS 2025042, ତା.18.09.2025ରିଖ

କାର୍ଯ୍ୟର ନାମ: ଅନୁଗୁଳ ଷ୍ଟୋର ଠାରେ ବୈଦ୍ୟୁତ୍ ସାମଗ୍ରୀଗୁଡ଼ିକର ଗଚ୍ଛିତ ନିମନ୍ତେ କଭର ସେଡ଼ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 158.19 ଲକ୍ଷ, EMD (ଟଙ୍କାରେ): 2,29,100/-, କାର୍ଯ୍ୟ ଶେଷ ହେବା ଅବଧି: 05(ପାଞ୍ଚ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.10.2025 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତ୍ୱ ଆବଶ୍ୟକାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-117/CI/25-26



## DISTRICT PROJECT OFFICE, SAMAGRA SHIKSHA, MAYURBHANJ

ସମଗ୍ର ଶିକ୍ଷା / Samagra Shiksha

Murgabadi, PO-Bhanjpur, Baripada, Pin-757002,
E-mail : dpcmayurssa.opepa@nic.in

**TENDER CALL NOTICE**
**No. : 4590 Date : 23.09.2025**

**Purchase of Category-A :TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding**

**No.n-167** : Sealed Tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. no. for Supply of **Category-A: TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 nos of KGBVs (Type-III) of Mayurbhanj District**. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.odisha.gov.in. Cost Tender processing fees @Rs.6000.00 (Rupees Six Thousand) Only (Non-Refundable) for each category. The last date & time for submission of sealed tender is 27.10.2025 at 2 pm and the Tech & Fin bid will be opened on 28.10.2025 at 10:30 .A.M.

Sd./- Collector-cum-Chairman
Samagra Shiksha, Mayurbhanj

OIPR-27140/11/0014/2526



## Government of Jharkhand
## Urban Development and Housing Department
## Deoghar Municipal Corporation, Deoghar

**Short Term E Procurement Notice**
**Tender Notice No. DNN/31/2025-26 (2nd Call)**

| Sl No. | Particulars | Details |
|---|---|---|
| 1 | Name of Work | O & M of Ajay and Dharwa Water Supply Scheme, under Deoghar Town |
| 2 | Mode of Submission | e-tendering https://jharkhandtenders.gov.in/nicgep/app |
| 3 | Estimated Cost (Rs.) | Rs. 5,57,50,268.00 (Rupees Five Crore Fifty Seven Lac Fifty Thousand Two Hundred Sixty Eight Only) |
| 4 | Tender Fee (Payable online) | Rs. 25,000/- ( Rupees Twenty Five Thousand Only) Not refundable |
| 5 | Bid Security (Payable online) | Rs. 5,57,503/- (Rupees Five Lac Fifty Seven Thousand Five Hundred Three Only) |
| 6 | Time Period of O&M | One Year |
| 7 | Date/Time of Publication of Tender on Website | 26.09.2025 by 01:00 PM |
| 8 | Last Date/Time for receipts of Bids Online | 10.10.2025 by 02:00 PM |
| 9 | Opening of Technical BID | 11.10.2025 by 3:00 PM at New DMC Building near Electric Office, Deoghar, Jharkhand 814112 |
| 10 | Name & Address of Officer Inviting Tender | Municipal Commissioner, Deoghar Municipal Corporation, Jharkhand |
| 11 | Helpline number of E - Procurement Cell | Mob No. – 9508112201 |

Note: (i) Only e- tenders will be accepted. Further Details can be seen on website https://jharkhandtenders.gov.in/nicgep/app
(ii) Contractor should be registered in appropriate class as per NIT
(iii) Estimated cost/ quantity may be increased or decreased, as per actual requirement.
(iv) e-tender will be in double envelop system.

ह0/–
नगर आयुक्त सह प्रशासक
देवघर नगर निगम, देवघर

PR 362826 Deoghar(25-26).D



No.O-787

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, MOHANA

E-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 04/MOHANA/2025-26**

1. Name of the work : Building works, 2. Total No. of work : 03 (Three) Nos., 3. Estimated cost : 2.94 Lakhs to 7.02 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA/ 2025-26 | 03 (Three) Nos. | 26.09.2025 from 11.00 | 08.10.2025 upto 5.00 PM | 04.10.2025 upto 5.00 PM | 09.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd./- Executive Engineer
R.W. Division, Mohana

OIPR-25148/11/0043/2526



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, GUNUPUR

E-mail id : eerwgunupur@gmail.com

No.O-808

**GEPNIC e-Procurement Notice**
**Bid Identification No. : EERWGNP - Online - 04/2025-26**

**No.:/3461 Date : 17.09.2025**

1. Name of the Work : Building Works, 2. Total No. of Works : 05 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online-04/2025-26 | 26.09.2025 at 10.00 A.M. | 08.10.2025 upto 5.00 P.M. | 09.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25170/11/0018/2526



## Jharkhand BijliVitran Nigam Limited

(CIN : U40108JH2013SGC001702)
Regd. Office : Engineering Building, H.E.C., Dhurwa, Ranchi-834004,
Telephone :-0651-2400799 & Fax : 0651-2400799
https://www.jbvnl.co.in

**E-Tender Notice No. 201/PR/JBVNL/25-26**

Jharkhand BijliVitran Nigam Limited, Engineering Building, HEC Admin, Dhurwa, Ranchi – 834004, Jharkhand invites E-tender for bid from eligible Bidders for 'Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL)'.

The tender documents with detailed conditions can be obtained through web site http://jharkhandtenders.gov.in and should be submitted in the envelope containing all relevant documents as mentioned in the tender document.

| Sl. No. | Name of Work | Details |
|---|---|---|
| 1 | Name of Work | Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL) |
| 2 | Date of Publication of NIT on website | 26/09/2025 |
| 3 | Date of Pre-Bid Meeting / Time | 09/10/2025 / 03:00 PM |
| 4 | Last Date / Time for receipt of bids | 09/10/2025 / 04:00 PM |
| 5 | Date and Time for Opening of Technical bid | 31/10/2025 / 01:00 PM |
| 6 | Tender fee (Non – Refundable) | Rs. 1,000/- + GST @ 18% |
| 7 | Earnest Money Deposit (EMD) | Rs. 12,950/- |
| 8 | Contact email | itcelljbvnl@gmail.com |

स्वहित एवं राष्ट्र हित में ऊर्जा बचावें। कृपया अपनी शिकयतों को टॉल फ्री नं० 1800 345 6570 पर दर्ज करायें।

Sd/-
General Manager (IT)
JBVNL

PR 362770 Jharkhand Bijlee Vitran Nigam Ltd(25-26)D



## WALK-IN-INTERVIEW
## JODA WOMEN'S COLLEGE, JODA, KEONJHAR

Applications are invited from suitable candidates for the following posts on contractual engagement.

| Sl. # | Name of the Post | No. of Post | Qualification |
|---|---|---|---|
| 1. | Lecturer in English | 01 | PG (55% Min.) |
| 2. | Assistant Librarian | 01 | B. Lib. |

The engagement of the person for the above post is purely temporary in nature and the authority reserves the right to cancel/postponed the same at any point of time without assigning any reason thereof. Salary is negotiable. Desirous candidates with requisite qualification carrying the photocopy of their documents with original may appear in the Walk-in-Interview at Joda Women's College, Joda, Keonjhar on **Dt.13.10.2025 (Monday, 11 A.M.)**.

Sd./- Principal I/C-cum-Secretary
Joda Women's College, Joda, Keonjhar

**Contact No.: 9438340548**



No.B-554

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR

Phone / Fax : (0680) 2233683, e-mail : sernb1.ganjam@yahoo.com

**"e" Procurement Notice**
**Bid Identification No. SE R&B Divn. No.I Bam. 15/2025-26**

Lr. No. 11205 — Dated : 20.09.2025

| | |
|---|---|
| Name of work | : E.I. Work |
| No. of works | : 11 (Eleven) Nos |
| Estimated Cost | : Approximately Rs.5.86 to 15.71 Lakh |
| Period of Completion | : 1 (One) Year |
| Date and time of Availability of bid document in the portal | : From 10.00 hours of 26.09.2025 to 16.00 hours of 13.10.2025 |
| Last date / time for receipt of bids in the portal | : Upto 16.00 hours of 14.10.2025 |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34109/11/0046/2526



No.A-660

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## SUNDARGARH IRRIGATION DIVISION, SUNDARGARH

ଅଧୀକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼

E.mail-ID : irreesng@yahoo.in / irreesng@gmail.com

**'e' Procurement for Civil Works**
**Bid-Identification No. SID-03/2025-26 (On-line), Dt. 23.09.2025**

Letter No. 11462 — Dt. 23.09.2025

| | | |
|---|---|---|
| 1 | No. of works | : Six (06 Nos.) |
| 2 | Estimated Cost | : Rs.8.48 Lakh to Rs.29.17 Lakh |
| 3 | Period of completion | : Four (04) Calendar Months |
| 4 | Date & Time of availability | : Dt.26.09.2025 at 10:00 A.M. to Dt.16.10.2025 up to 5:30 P.M. |
| 5 | Last date/Time for receipt of bids in the portal | : Dt.16.10.2025 up to 5:30 P.M. |
| 6 | Date and time of opening of tender | : Dt.18.10.2025 at 11:00 A.M. |

Further details can be seem from the State Govt. Portal : www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Superintending Engineer
Sundargarh Irrigation Division
Sundargarh

OIPR-32134/11/0011/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଆଦ୍ୟା
ପରିବାରବର୍ଗ


ଶୁଭଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ୧ ଲକ୍ଷ କୋଟିର ପୁଞ୍ଜି ନିବେଶ ଆଶା

**■ଅକ୍ଟୋବର ୨୭ରୁ ମୁମ୍ବାଇରେ ସାମୁଦ୍ରିକ ସପ୍ତାହ**
**■ଯୋଗଦେବେ ଶତାଧିକ ଦେଶ**

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)




ଭାରତ ସାମୁଦ୍ରିକ ସପ୍ତାହ-୨୦୨୫(ଆଇଏମ୍‌ଡବ୍ଲ୍ୟୁ) ପାଳନର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରଠାରେ ପାରାଦୀପ ବନ୍ଦର ପକ୍ଷରୁ ଏକ ରୋଡ୍-ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଭୁବନେଶ୍ୱରରେ ଇଣ୍ଡିଆନ ମେରିଟାଇମ୍ ସେକ୍ଟରର ପରିବର୍ତ୍ତନକୁ ନାଭିଗେଟ୍ କରିବା: ଭଲ୍ୟୁମ୍‌ରୁ ଭିଜନକୁ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଲୋକ ସଭା ସଦସ୍ୟ ବିଭୁ ପ୍ରସାଦ ତରାଇ, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ସଚିବ ଉଷା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଗତ ଭାଷଣରେ ପାରାଦୀପ ପୋର୍ଟର ଚେୟାରମ୍ୟାନ ପି.ଏଲ. ହାରାନ୍ଧ କହିଲେ, ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁଥିବା ଆଇଏମ୍‌ଡବ୍ଲ୍ୟୁ-୨୦୨୫ରେ ୧୦୦ରୁ ଅଧିକ ଦେଶ, ୨୦୦ ଅନ୍ତର୍ଜାତୀୟ ବକ୍ତା, ୫୦୦ ପ୍ରଦର୍ଶକ ଓ ୧ ଲକ୍ଷ ପ୍ରତିନିଧି ଯୋଗଦେବେ। ଏହା ପୋର୍ଟ ମଡର୍ନାଇଜେଶନ, କ୍ଷମତା ବୃଦ୍ଧି, ଗ୍ରୀନ୍ ଶିପିଂ, ଶିପ୍ ବିଲ୍ଡିଂ, ଇନ୍ସୁରାନ୍ସ ଓ ଫାଇନାନ୍ସ, ମେରିଟାଇମ୍ ସୁରକ୍ଷା ଆଦି ବିଷୟରେ ଚର୍ଚ୍ଚାର ପ୍ଲାଟ୍‌ଫର୍ମ ହେବ। ମନ୍ତ୍ରଣାଳୟ ୧୦ ଲକ୍ଷ କୋଟିରୁ ଅଧିକ ଏମ୍‌ଓୟୁ ସାଇନ୍ କରିବ। ସେଥିମଧ୍ୟରୁ ଓଡ଼ିଶାର ପାରାଦୀପ ପୋର୍ଟ ୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ଆକର୍ଷଣ କରିବ ବୋଲି ଆଶା କରାଯାଉଛି। ସେ ଗୁଜରାଟର ଭାବନଗରରେ ପ୍ରଧାନମନ୍ତ୍ରୀଙ୍କ ଇଭେଣ୍ଟରେ ଓଡ଼ିଶା ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିବା ମେଜର୍ ପୋର୍ଟ(୨୧,୫୦୦ କୋଟି), ମହାନଦୀ ମାଉଥ୍‌ରେ ଶିପ୍‌ବିଲ୍ଡିଂ ହବ୍(୨୪,୭୦୦ କୋଟି) ଓ ପୁରୀରେ କ୍ରୁଜ୍ ଟର୍ମିନାଲ ଉପରେ ଏମ୍‌ଓୟୁକୁ ଉଲ୍ଲେଖ କରି 'ୱାନ୍ ନେଶନ ୱାନ୍ ପୋର୍ଟ' ପ୍ରୋସେସ୍ ଡକ୍ୟୁମେଣ୍ଟ ଆଦି ସମ୍ପର୍କରେ କହିଥିଲେ। ସେହିପରି ଉଷା ପାଢ଼ୀ କହିଲେ, ବର୍ତ୍ତମାନର ୮୦ ଏମ୍‌ଟିପିଏ ପୋର୍ଟ କ୍ଷମତାକୁ ୨୦୪୭ ସୁଦ୍ଧା ୫୦୦ ଏମ୍‌ଟିପିଏ କରିବା ପାଇଁ ଆଧୁନିକୀକରଣ, ନୂଆ ଭିତ୍ତିଭୂମି ଓ ଓଡ଼ିଶା ମେରିଟାଇମ୍ ବୋର୍ଡ ପ୍ରସ୍ତାବିତ ରହିଛି। ସେ ମେରିଟାଇମ୍ ସେକ୍ଟରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ହେମନ୍ତ ଶର୍ମା ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍ ଓ ମେରିଟାଇମ୍ ସେକ୍ଟର ପରସ୍ପରର ଅଭିବୃଦ୍ଧିରେ ସହାୟକ ହେଉଥିବା କହିଥିଲେ। ଓଡ଼ିଶାର ୮-୯% ଆର୍ଥିକ ବୃଦ୍ଧି ରାଷ୍ଟ୍ରୀୟ ହାରକୁ ଅତିକ୍ରମ କରୁଥିବା ସେ କହିଥିଲେ। ଏମ୍‌ପି ଡ. ତରାଇ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ସଂଯୁକ୍ତ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ସ୍ୱାଇଁ ଓଡ଼ିଶାକୁ ଭାରତର ପୂର୍ବମୁଖୀ ମେରିଟାଇମ୍ ଗେଟ୍‌ୱେ, ପୂର୍ବୋଦୟ ଓ ସଷ୍ଟେନେବଲ ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍‌ର ଡ୍ରାଇଭର୍ ଭାବେ ପ୍ରସ୍ତୁତ ବୋଲି କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଡେପୁଟି ଚେୟାରମ୍ୟାନ (ଇନ୍‌ଚାର୍ଜ) ଏ.କେ. ସାହୁ ଧନ୍ୟବାଦ ଦେଇଥିଲେ।

# ଓଡିଏମ୍- ଓଭୋ -ଆର୍ଡୋର ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଓଡିଏମ୍ ଶିକ୍ଷା ସମୂହ ଦ୍ୱାରା ଓଡିଏମ୍-ଓଭୋ-ଆର୍ଡୋରର ସହଯୋଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆ ପୁଷ୍ଟିକର ସହଯୋଗୀ ଭାବରେ ଓଡିଏମ୍ ଶିକ୍ଷାସମୂହ ଓ ଆର୍ଡୋର ଫୁଟ୍‌ବଲ ଏକାଡେମୀ ସହ ଓଭୋ ଫାର୍ମସର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ଅଧୀନରେ ଓଭୋ ଫାର୍ମସ ଓଡିଏମ୍ ଛାତ୍ରବୃତ୍ତି ପ୍ରାପ୍ତ ଛାତ୍ରୀଛାତ୍ର ଏବଂ ଆର୍ଡୋର ଏକାଡେମୀ ସେଣ୍ଟର ପାଇଁ ପ୍ରତି ସପ୍ତାହରେ ବିନା ମୂଲ୍ୟରେ ୧,୪୦୦ ଅଣ୍ଡା ଯୋଗାଇଦେବ। ଏହାଦ୍ୱାରା ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ଓଡିଏମ୍ ଶିକ୍ଷା ସମୂହର ସିଓଓ ସ୍ୱୟନ ସତ୍ୟେନ୍ଦୁ, ଓଭୋ ଫାର୍ମସର ସିଇଓ ସମରେନ୍ଦ୍ର ମିଶ୍ର ଓ ଆର୍ଡୋର ଫୁଟ୍‌ବଲ ଏକାଡେମୀର ମୁଖ୍ୟ ଜୟଦେବ ମହାପାତ୍ର ଉପସ୍ଥିତ ରହିଥିଲେ। ଓଡିଏମ୍-ଓଭୋ-ଆର୍ଡୋର ଏହି ସହଯୋଗକୁ ନେଇ ଉତ୍ସାହିତ ଅଛନ୍ତି ଏବଂ ଏହା ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ଏକ ନୂଆ ଦିଗ ଆରମ୍ଭ କରିବ ବୋଲି ଆଶା କରାଯାଉଛି।


**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



**ଶୁଭଜିତ୍**

ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ କୋଟି ଆୟୁଷ ପ୍ରଦାନ କରନ୍ତୁ।
ଶୁଭକାମନା ସହ: ତୋର ଭାଇ, ଭଉଣୀ (ମାମୁନ୍) ଓ ସମସ୍ତ ପରିବାରବର୍ଗ।
ଧ-୭୬୮୫୬

**ଜନ୍ମଦିନ ଶୁଭେଚ୍ଛା**



**ଆଦ୍ୟା ଅସ୍ମିତା**
ସାରସ୍ୱତ, ମୁଣ୍ଡିଦେଉଳି, କାମାକ୍ଷାନଗର, ଢେଙ୍କାନାଳ
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆଦ୍ୟାକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ ଏବଂ ତା ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୁଭେଚ୍ଛା ସହ: ରୋମା, ଡାଏନା, ପାପା, ମାମା, ଅଜା, ଆଇଁ, ଜେଜେବାପା, ଜେଜେମା', ମାମୁଁ, ମାଇଁ, ଲକିମାମୁଁ, ବିକିମାମୁଁ, ସଲିଆଇ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୨୦୯୭

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଡିଅନ୍ ଗ୍ରୁପ୍ ଓ ଆଥର୍ ଏନର୍ଜିର ନୂଆ ପାର୍ଟନରଶିପ୍

**କଟକରେ ଖୋଲିଲା ଏକ୍ସପେରିଏନ୍ସ ସେଣ୍ଟର**

ଭୁବନେଶ୍ୱର,୨୪।୯



ଡିଅନ ଗ୍ରୁପ୍ ଓ ଇଲେକ୍ଟ୍ରିକ୍ ଭେଇକିଲ ଟୁ-ହ୍ୱିଲର ସେଗ୍‌ମେଣ୍ଟର ବ୍ରାଣ୍ଡ ଆଥର ଏନର୍ଜି ଲିମିଟେଡ୍ ସହ ପାର୍ଟନରଶିପ୍ ଘୋଷଣା କରିଛି। ଏହି ସହଯୋଗରେ କଟକରେ ଏକ ନୂଆ ଏକ୍ସପେରିଏନ୍ସ ସେଣ୍ଟର ଖୋଲାଯାଇଛି। କଟକବାସୀଙ୍କ ପାଇଁ ଗୁଣବତ୍ତାଯୁକ୍ତ ଉତ୍ପାଦ ଓ ସେବା ଯୋଗାଇବ। ଡିଅନ ଗ୍ରୁପ୍‌ର ଶାଖା ସଂସ୍ଥା ଡିଅନ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଆଥର ଏନର୍ଜି ମଧ୍ୟରେ ଏହି ନୂଆ ପାର୍ଟନରଶିପ୍ ଡିଅନର ଅଟୋମୋବାଇଲ ଭର୍ଟିକାଲକୁ ମଜଭୁତ କରିବ ଏବଂ ଆଥର ଏନର୍ଜିର ବଜାର ନେଟ୍‌ୱର୍କକୁ ବିସ୍ତାର କରିବ। ସୂଚନାଥାଉ କି, ୨୦୧୦ରେ ଇଂ. ମନୋଜ କୁମାର ସାହୁ(ଫାଉଣ୍ଡର ଓ ଡାଇରେକ୍ଟର)ଙ୍କ ଦ୍ୱାରା ପ୍ରତିଷ୍ଠିତ ଡିଅନ୍ ଗ୍ରୁପ୍ ଓଡ଼ିଶାର ଏକ ଦ୍ରୁତ ବିକାଶଶୀଳ ଏଣ୍ଟରପ୍ରାଇଜ୍। ୨୦୧୯ରେ ଟାଟା ମୋଟର୍ସର ଅଥୋରାଇଜ୍ଡ ଡିଲର ଭାବେ ଅଟୋମୋଟିଭ ସେକ୍ଟରରେ ପ୍ରବେଶକରି ଏହା ବର୍ତ୍ତମାନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ବାଲୁଗାଁ, ଫୁଲବାଣୀ ଓ ଭଞ୍ଜନଗରରେ ୭ଟି ଶୋ'ରୁମ୍ ଏବଂ ବ୍ରହ୍ମପୁରରେ ଏକ ଟାଟା ମୋଟର୍ସ ଅଥୋରାଇଜ୍ଡ ସର୍ଭିସ୍ ଷ୍ଟେଶନ (କମର୍ସିଆଲ ଭେଇକିଲ) ସହ ୨୦,୦୦୦ରୁ ଅଧିକ ଗ୍ରାହକଙ୍କୁ ସେବା ଦେଉଛି। ଏହି ଉଦ୍‌ଘାଟନୀ ଉତ୍ସବରେ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଆଥର ଏନର୍ଜିର ହେଡ୍ ଅଫ୍ ସେଲ୍‌ସ ଅପରେଶନ ଓ ନେଟ୍‌ୱର୍କ ଉମେଶ ଚୌଧୁରୀ ଉପସ୍ଥିତ ଥିଲେ।

# ଜିଓମାର୍ଟର ଜିଓ ଉତ୍ସବ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)




ପାର୍ବଣଋତୁରେ ଜିଓମାର୍ଟ ପକ୍ଷରୁ ଜିଓ ଉତ୍ସବ-୨୦୨୫ ହୋଇଛି। ଏହି ଉତ୍ସବ ଅବସରରେ ଗ୍ରାହକଙ୍କୁ ଅନେକ ଅଫର ପ୍ରଦାନ କରାଯାଉଥିବାବେଳେ ଆଇଫୋନ ୧୬ ଭାରତରେ ସର୍ବନିମ୍ନ ମୂଲ୍ୟରେ ଅର୍ଥାତ୍ ୪୪,୮୭୦ ଟଙ୍କାରୁ ଆରମ୍ଭ ଉପଲବ୍ଧ ହୋଇଛି। ଏହାସହ ଆଇଫୋନ୍ ୧୬ ପ୍ଲସ୍ ୬୧,୭୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ବ୍ୟତୀତ ଜିଓମାର୍ଟ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଇନ୍‌ଫିନିକ୍ସ ଜିଟି ୩୦ ୧୭,୪୯୯ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ମ୍ୟାକ୍‌ବୁକ୍ ଅପ୍‌ଗ୍ରେଡ୍ ୪୯,୫୯୦ ଟଙ୍କାରୁ ସାମ୍‌ସଙ୍ଗ୍ ୩୨" ଟିଭିଃ ୧୦,୪୯୦ ଟଙ୍କାରୁ, ସେମି-ଅଟୋମେଟିକ ଓାଶିଂ ମେଶିନ ୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଅନ୍ୟପଟେ ଏୟାର କଣ୍ଡିସନର (ଏସି) ୨୨,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ଏହାସହ ରୋଷେଇ ଓ ଘରୋଇ ଉପକରଣ, ଅଡିଓ ଏବଂ ଆକ୍ସେସୋରିଜ୍‌ରେ ୯୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ପାର୍ବଣରେ କ୍ରୟକୁ ଆହୁରି ଲାଭଦାୟକ କରିବା ପାଇଁ ଜିଓମାର୍ଟ ଆଇସିଆଇସିଆଇ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଏବଂ ଆର୍‌ବିଏଲ୍ ବ୍ୟାଙ୍କ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପ୍ରଦାନ କରୁଛି। ଜିଓମାର୍ଟର ବିସ୍ତୃତ ନେଟ୍‌ୱାର୍କ ମେଟ୍ରୋ, ସହର ଓ ଗ୍ରାମାଞ୍ଚଳର ଲକ୍ଷାଧିକ ପରିବାର ନିର୍ଦ୍ଧାରିତ ସମୟରେ ବାଧାମୁକ୍ତ ଡେଲିଭରି ପ୍ରଦାନ କରୁଛି।



# Classified Everyday
0674-2580101, 9692975378


**REAL ESTATE**
**SALE**

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018




The massage felt totally professional & comfortable at all times-7978109255. D-76495

Newly open Jyoti SPA positively health benefits (expert therapist). 8458067955. D-76936

Newly open health benefits spa by experts therapist con 8658088274. D-1866

**LOST**

I, Rajkishor Das, R/o- At- Near DIET School, P.O./ P.S.- Ainthapali, Tahasil/ Dist.- Sambalpur, Odisha, PIN- 768004 declare that my father Narasingh Charan Das had purchased a landed property at Mouza- Chhanchanpali, P.S.- Dhama, Area Ac.1.45 Dec through a registered Sale Deed bearing No.- 353 of 1993 dated- 16.02.1993. That on 20.09.2025 while I was going from my house to Ainthapali inadvertently I lost the said original sale deed along with other property documents. Inspite of my repeated search it could not be traced out. If anybody found kindly contact me Mob. 9938904555 or deposit it at the nearest police station. D-2107

**AFFIDAVIT**

I, Alok Soni, S/o- Late Damodar Prasad Soni, resident of Ward No.- 45, M-285, Padmanabhpur, District- Durg, Chhattisgarh (PIN 491001), hereby declare that my correct and full name is Alok Kumar Soni. Henceforth, I shall be known as Alok Kumar Soni for all purposes. D-2100

Dillip Kumar Das, House No.-76, At- Kapagoradi P.O.-Othaka PIN- 752108 Puri changed my as Laxmidhar Das, S/o- Jahan Das. D-2108

I, Sanjya Kumar Paikaray, S/o- late Dharanidhar Paikaray, resident of Plot No.- 238, At/P.O.- Rasulgarh, P.S.- Mancheswar, Bhubaneswar, Dist.- Khordha, Odisha- 751010 declare by this affidavit No.- 85, dated- 22.09.2025 that now onwards I shall be known as Sanjay Kumar Paikaray for all future purposes. D-2099

By Virtue of an affidavit sworn before Executive Magistrate, Kutra, dated- 18-09-25, I Anjlina Dhanwar, Address: Vill- Katang (Turitoli), P.O.- Katang, P.S.- Kutra, Dist.- Sundargarh Odisha, PIN-770023 declare that I have changed the Name of my daughter from Adilina Dhanwar to Edlin Dhanwar. Henceforth, She shall be known as Edlin Dhanwar for all purposes.
Edlin Dhanwar
D-2101

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଫୁସି ବେହେରା**
ଗୌଡ଼ସାହି, ମାଁସଡ଼ା, ବିଞ୍ଝାରପୁର
ଆବିର୍ଭାବ -୧୨।୦୩।୩୩
ତିରୋଧାନ- ୧୬।୦୯।୨୫
ବୋଉଲୋ, ତୁ ଚାହୁଁ ଚାହୁଁ ଏଗାର ଦିନ ହେବ ଆମକୁ ଛାଡ଼ି ଅଫେରା ରାଇଜକୁ ଗଲୁଣି। ହେଲେ ତୋର ସ୍ଥାନଟି ସେମିତି ଶୂନ୍ୟ ହୋଇ ରହିଯାଇଛି। ତୋର ପ୍ରେରଣା ଆମକୁ ଦିଗଦର୍ଶନ ଦେବାରେ ସହାୟକ ହେବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ଜଗବନ୍ଧୁ, ରାମଚନ୍ଦ୍ର, ଶ୍ୟାମସୁନ୍ଦର, ପୁତ୍ରବଧୂ- ରାଧାରାଣୀ, ଅଞ୍ଜଳୀ, ଝିଅ- ଭାରତୀ, ପ୍ରଭାତୀ, ଜ୍ୱାଇଁ- ଯୁଗଳ, ଅଭୟ, ନାତି- ଦିଲ୍ଲିପ, ସଞ୍ଜୟ, ଚନ୍ଦନ, ସୌମ୍ୟ, ନାତୁଣୀ- ପୂଜା, ମାମା ଓ ବନ୍ଧୁ, ପରିବାରବର୍ଗ
ଧ-୨୧୦୯

**ଶ୍ରଦ୍ଧାଞ୍ଜଳି**



**୰ଇଂ. ପ୍ରେମାନନ୍ଦ ପ୍ରଧାନ**
ଆବିର୍ଭାବ: ୧୦।୦୨।୧୯୬୬
ତିରୋଧାନ: ୧୫।୦୯।୨୦୨୫
ପବିତ୍ର ଇଂଜିନିୟର ଦିବସରେ ତୁମେ ଆମ ସମସ୍ତଙ୍କୁ ଶୋକ ସାଗରରେ ବୁଡ଼ାଇ ଦେଇ ଆରପାରିକୁ ଚାଲିଗଲ। ପରମ ପିତାଙ୍କ ନିକଟରେ ଆକୁଳ ପ୍ରାର୍ଥନା ତୁମର ଅମର ଆତ୍ମା ଚିରନ୍ତନ ଶାନ୍ତି ଲାଭ କରୁ।
ଉଭୟ ପିତ୍ରାଳୟ ଓ ଶ୍ୱଶୁରାଳୟର ଶୋକାକୁଳ ପ୍ରଧାନ ପରିବାରବର୍ଗ
ସ୍ଥାନ- ବଳମ କଣ୍ଟେଲ, ଜି- ଦେବଗଡ଼
ଧ-୨୧୦୨


# ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା

ଭୁବନେଶ୍ୱର,୨୪।୯



ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିଅର ଦ୍ୱାରା ପ୍ରକାଶିତ ତାଲିକାରେ ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକଙ୍କ ମଧ୍ୟରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ସ୍ଥାନ ପାଇଛନ୍ତି। ଏହା ପତଞ୍ଜଳି, ଆୟୁର୍ବେଦ ଓ ଭାରତ ପାଇଁ ଗର୍ବର ବିଷୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଭାରତୀୟ ପ୍ରାଚୀନ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହ ମିଶ୍ରଣକରି ତାଙ୍କର ୩୦୦ରୁ ଅଧିକ ଗବେଷଣା ପ୍ରବନ୍ଧ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହୋଇଛି। ତାଙ୍କ ନେତୃତ୍ୱରେ ପତଞ୍ଜଳି ୧୦୦ରୁ ଅଧିକ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିଛି। ୧୨୦ରୁ ଅଧିକ ପୁସ୍ତକ ଓ ୨୫ଟି ପ୍ରାଚୀନ ପାଣ୍ଡୁଲିପିରେ ଯୋଗଦାନ ସହ ତାଙ୍କର ହର୍ବାଲ ଏନ୍‌ସାଇକ୍ଲୋପିଡିଆ ବୈଜ୍ଞାନିକ ମହଲରେ ପ୍ରଶଂସିତ ହୋଇଛି। ଉତ୍ତରାଖଣ୍ଡର ମାଲାଗୋଂରେ ହର୍ବାଲ ଓାର୍ଲ୍ଡ ମାଧ୍ୟମରେ ସେ ପାରମ୍ପରିକ ଚିକିତ୍ସା ଜ୍ଞାନ ବିସ୍ତାର କରୁଛନ୍ତି। ଯୋଗଗୁରୁ ରାମଦେବ ଏହାକୁ ଆୟୁର୍ବେଦର ବୈଜ୍ଞାନିକ ମାନ୍ୟତା ଓ ଭାରତର ଗବେଷଣା ଶକ୍ତିର ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି।

# ନାଲ୍‌କୋ ପକ୍ଷରୁ ପ୍ରଥମ ଏଚ୍‌ଆର୍ କନ୍‌କ୍ଲେଭ୍

ଭୁବନେଶ୍ୱର,୨୪।୯

ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଭୁବନେଶ୍ୱରଠାରେ 'ନବ-ଦୃଷ୍ଟି: ପିପୁଲ ଫାଷ୍ଟ, ଫିଉଚର ଫରୱାର୍ଡ' ବିଷୟବସ୍ତୁ ଆଧାରିତ ପ୍ରଥମ ଏଚ୍‌ଆର୍ କନ୍‌କ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ନୂତନ ଯୁଗର ମାନବ ସଂସାଧନ ପରିଚାଳନା ପଦ୍ଧତି ଉପରେ ଚିନ୍ତନ ଏବଂ ପ୍ରତିଫଳନ ନିମନ୍ତେ ଖଣି, କୋଇଲା, ପେଟ୍ରୋଲିୟମ ଏବଂ ଧାତୁ ଶିଳ୍ପ ସହ ଜଡ଼ିତ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାବିତ୍ ଏବଂ ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, କମ୍ପାନୀର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ବିତ୍ତ) ଅଭୟ କୁମାର ବେହୁରିଆ, ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ ଜ୍ୟୋତିନାଥ ପ୍ରମୁଖ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସେଲ୍‌ର ନିର୍ଦ୍ଦେଶକ (କାର୍ମିକ) କୃଷ୍ଣ କୁମାର ସିଂହ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମାନବ ସମ୍ବଳ ଗ୍ରୁପ୍ ସଭାପତି ବିଜୟ କୁମାର ସାହୁ ଓ ଇଣ୍ଡିଆନ ଅଏଲର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଇଣ୍ଡିଆନ ଅଏଲ, ସେଲ୍, ଟାଟା ଷ୍ଟିଲ୍, ଏନ୍‌ଟିପିସି ଏବଂ କୋଲ୍ ଇଣ୍ଡିଆ ଭଳି ଦେଶର କେତେକ ପ୍ରମୁଖ କମ୍ପାନୀ ନିଜର ମାନବ ସମ୍ବଳ ପ୍ରୟାସ ଏବଂ ଅଭ୍ୟାସଗୁଡ଼ିକୁ ଉପସ୍ଥାପନା କରିଥିଲେ।

# ବିଦ୍ୟୁତ୍ ବିଲ୍ ପୈଠ ସରଳ କରୁଛି ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ) ପକ୍ଷରୁ ଡିଜିଟାଲ ପେମେଣ୍ଟ ବିକଳ୍ପ କାର୍ଯ୍ୟକ୍ଷମ କରି ବିଦ୍ୟୁତ୍ ବିଲ୍ ପୈଠ ବେଶ୍ ସହଜ କରିଛି। ଏହି ଉଦ୍ୟମ ଉପଭୋକ୍ତାମାନଙ୍କୁ କୌଣସି ଅସୁବିଧା ବିନା ନିଜ ଘରେ ଆରାମରେ ବିଲ୍ ପଇଠ କରିବା ଏବଂ ଆକର୍ଷଣୀୟ ରିହାତି ପାଇବାର ସୁଯୋଗ ଦେଇଛି। ୧୦ ଲକ୍ଷରୁ ଅଧିକ ଟିପିସିଓଡିଏଲ ଉପଭୋକ୍ତା ଡିଜିଟାଲ ପେମେଣ୍ଟ ସୁବିଧା ଉପଭୋଗ କରୁଛନ୍ତି। ଏହାକୁ ସୁଗମ କରିବା ପାଇଁ ଟିପିସିଓଡିଏଲ ୟୁପିଆଇ ପେମେଣ୍ଟ, ମିତ୍ର ଆପ୍ ଭଳି ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଏଥିସହିତ ସୁରକ୍ଷିତ ଏବଂ ତତ୍‌କ୍ଷଣାତ୍ ପେମେଣ୍ଟ ପାଇଁ ଉପଭୋକ୍ତାଙ୍କୁ କ୍ୟୁଆର୍ କୋଡ୍ ମଧ୍ୟ ଦିଆଯାଇଛି। ଟିପିସିଓଡିଏଲ ପ୍ରତି ମାସରେ ପ୍ରାୟ ୧୦ ଲକ୍ଷ ଉପଭୋକ୍ତାଙ୍କୁ ଇ-ବିଲ୍ ପଠାଉଛି, ଯାହାଦ୍ୱାରା ଠିକ୍ ସମୟରେ ବିଲ୍‌ର ସୂଚନା ମିଳୁଛି ଏବଂ ଡିଜିଟାଲ ନେଣଦେଣକୁ ଉତ୍ସାହିତ କରାଯାଉଛି। କ୍ୟୁଆର୍ କୋଡ୍ ଉଦ୍ୟମର ପ୍ରଥମ ପର୍ଯ୍ୟାୟରେ ହିଁ ୫୮,୪୪୦ ଉପଭୋକ୍ତା (ତିନି-ଫେଜ୍ ଘରୋଇ) ଏହି ପ୍ରଣାଳୀକୁ ଗ୍ରହଣ କରିସାରିଛନ୍ତି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ପ୍ରତ୍ୟେକ ଉପଭୋକ୍ତାଙ୍କୁ ସରଳ ଡିଜିଟାଲ ସାଧନ ଦ୍ୱାରା ସଶକ୍ତ କରିବା, କାଗଜବିହୀନ ନେଣଦେଣକୁ ଉତ୍ସାହିତ କରିବା ଏବଂ ଏକ ପ୍ରକୃତ କ୍ୟାଶ୍‌ଲେସ୍ ଓଡ଼ିଶା ଗଠନରେ ଯୋଗଦାନ କରିବା ଟିପିସିଓଡିଏଲର ଲକ୍ଷ୍ୟ ରହିଛି।

# ତାପଜ କେନ୍ଦ୍ରରୁ ବାହାରୁଛି ୪୬ ନିୟୁତ ଟନ୍ ପାଉଁଶ

ଭୁବନେଶ୍ୱର,୨୪।୯(ଅନୁରାଧା ମହାରଣା)

ରାଜ୍ୟରେ ଥିବା ୪୫ଟି ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଗତ ଆର୍ଥିକ ବର୍ଷରେ ପ୍ରାୟ ୪୬ ନିୟୁତ୍ ଟନ୍ ପାଉଁଶ ବାହାରିଛି। ଏହାକୁ ଇଟା ତିଆରି କାରଖାନା ସହ ସିମେଣ୍ଟ କାରଖାନା, କଂକ୍ରିଟରେ ମିଶାଇବା, ଆଜ୍‌ବେଷ୍ଟସ୍ ନିର୍ମାଣ, ବନ୍ଧ ଓ ରାସ୍ତା କାମରେ ଲଗାଯାଉଛି। ତାପଜ କେନ୍ଦ୍ରର ପାଉଁଶ ସଂକ୍ରାନ୍ତରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି, ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶର ସର୍ବାଧିକ ଉପଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ୨୦୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟମ ବୋର୍ଡ ୨୦୧୭ ମସିହାରେ ଖାଲୁଆ ଅଞ୍ଚଳ ପୂରଣ ଏବଂ ପରିତ୍ୟକ୍ତ ଖଣି ଗର୍ତ୍ତ ପୂରଣ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି।

### ଏଥର ଦଶହରାରେ

# ଚାରିଧାମ ବନାମ ଚ୍ୟାଲେଞ୍ଜ



‘ଚ୍ୟାଲେଞ୍ଜ’ ଫିଲ୍ମରେ ଏଲିନା-ଅର୍ଦ୍ଧେନ୍ଦୁ

ଆମର ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ରଜ ଏବଂ ଦଶହରା ଅନ୍ୟତମ। ବିଶେଷଭାବରେ ଏହି ସମୟରେ ମୁକ୍ତିଲାଭ କରୁଥିବା ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। କେତେବେଳେ ଦୁଇଟି ପୁଣି ବେଳେବେଳେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳେ। ଗତ କିଛି ବର୍ଷ ଧରି ବର୍ଷକୁ ପ୍ରାୟ ୩୦ରୁ ଅଧିକ ସିନେମା ମୁକ୍ତିଲାଭ କରୁଛି। ହେଲେ ଦୁର୍ଗାପୂଜା ଏବଂ ରଜ ସମୟରେ ପରଦା ଉପରକୁ ଆସୁଥିବା ଚିତ୍ରଗୁଡିକ ପ୍ରାୟ ଭଲ ବିଜନେସ୍ କରିଥାଏ। ଏହାର ଉଦାହରଣ ଭାବରେ ଚଳିତ ବର୍ଷ ରଜରେ ମୁକ୍ତିଲାଭ କରିଥିବା ‘ବୋଉ ବୁଟୁ ଭୁତ’କୁ ନିଆଯାଇପାରେ। ଏଥର ଦଶହରାରେ ଦୁଇଟି ସିନେମା ରିଲିଜ ହେବାକୁ ଯାଉଛି। ଚିତ୍ରଦ୍ୱୟ ହେଲା ‘ଚାରିଧାମ’ ଏବଂ ‘ଚ୍ୟାଲେଞ୍ଜ’। ଫିଲ୍ମଦୁଇଟିର ପ୍ରଯୋଜନା ସଂସ୍ଥା ନିଜ ନିଜ ସଫଳତାକୁ ନେଇ ଢେର ଆଶାବାଦୀ ଅଛନ୍ତି। ‘ଚାରିଧାମ’ରେ ଅନୁଭବ ମହାନ୍ତି ନାୟକ ସାଜିଥିବା ବେଳେ ‘ଚ୍ୟାଲେଞ୍ଜ’ର ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଦ୍ଧେନ୍ଦୁ ସାହୁ। ତେବେ ଏଥର ଦଶହରାରେ କାହା ସିନେମା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେଉଛି ତାହା ରିଲିଜର ଦିନ କେଇଟା ପରେ ସ୍ପଷ୍ଟ ହୋଇଯିବ।

**ଚାରିଧାମ**

ଆମ ଧର୍ମରେ ଚାରିଧାମର ମହତ୍ତ୍ୱ କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଜଣେ ପୁଅର ବାପା-ମାଆଙ୍କ ପ୍ରତି କି କର୍ତ୍ତବ୍ୟ ରହିଛି ଏବଂ ସେ ତାହାକୁ କିପରି ପୂରଣ କରୁଛି ତାହା ଏଥିରେ ଦେଖିବାକୁ ମିଳିବ। ‘ଚାରିଧାମ’ର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ। କ୍ୟାମେରା କୁଇନ୍ ପ୍ରଡକ୍ସନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଚିତ୍ରଟି ଚଳିତ ଦଶହରାରେ ରିଲିଜ ହେବାକୁ ଯାଉଛି। ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଚିତ୍ରଟିର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଡା. ଅନୁରାଧା ପାଣିଗ୍ରାହୀ। ଖାସ୍ କଥା ହେଲା, ଏହାର ଭାଇରାଲ ହୋଇଥିବା ଆଇଟମ୍ ନମ୍ବର- ‘କେରକେରା’ରେ ଅନୁଭବ-ଶିବାନୀ ସଙ୍ଗୀତାଙ୍କ ଡ୍ୟାନ୍ସ ମଧ୍ୟ ଚର୍ଚ୍ଚାରେ ରହିଛି। ଏହାର କାଷ୍ଟିଂରେ ସୁକାନ୍ତ ରଥ, ଅଶୋକ ଦାସ, ମମତା ତ୍ରିପାଠୀ, ପ୍ରଦ୍ୟୁମ୍ନ ଲେଙ୍କା, ଆଶିଷ (ଗୁଲୁଆ), ସୁଜିତ ପାଇକରାୟ, ଶକ୍ତି ବରାଳ ଏବଂ କାଳିଆ ଷଣ୍ଢ ପ୍ରମୁଖ କଳାକାର ଅଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ତାପସ ସରଘରିଆ। ଅଖିଳ ମୋହନ ରାଉତରାୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି କୁମାରଶ୍ରୀ ସାହୁ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ ଏବଂ ବୈଦ୍ୟନାଥ ଦାଶ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଗିରିଶ ମହାନ୍ତି ଏବଂ ଅମିତ ନାୟକ।



‘ଚାରିଧାମ’ ଫିଲ୍ମରେ ଅନୁଭବ-ଅନୁରାଧା

**ଚ୍ୟାଲେଞ୍ଜ**

ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏଥର ଦଶହରାରେ ଚ୍ୟାଲେଞ୍ଜ ଦେବାକୁ ଯାଉଛନ୍ତି। ଏହାପୂର୍ବରୁ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିସାରିଥିବା ଏହି ଅଭିନେତା ଏଥର ନିଜ ରୋଲ୍‌ର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି। ‘ଚ୍ୟାଲେଞ୍ଜ’ଟାଇଟଲ ବିଶିଷ୍ଟ ଏହି ସିନେମାର ସେ ନାୟକ ସାଜିଛନ୍ତି ଆଉ ଏହି ଚିତ୍ରଟି ଚଳିତ ମାସ ୨୬ରେ ରିଲିଜ ହେବାକୁ ଯାଉଛି। ନିଜ ହୋମ ବ୍ୟାନର ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟରେ ପ୍ରସ୍ତୁତ ଉକ୍ତ ସିନେମାର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିବେ ପୁନିତ ଇସାର। ସେ ଏଥିରେ ମୁଖ୍ୟ ଖଳନାୟକ ଭାବରେ ଅଭିନୟ କରିଛନ୍ତି। ଚିତ୍ରଟିର ଫିମେଲ୍ ଲିଡ୍‌ରେ ଅଛନ୍ତି ଏଲିନା ପ୍ରିୟଦର୍ଶିନୀ। ‘‘ଏଥିରେ ଏଭଳି ମସଲା ରହିଛି ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ। ଏହି ଫିଲ୍ମଟିର ଗୀତଗୁଡିକ ମଧ୍ୟ ସେମାନଙ୍କୁ ପ୍ରଭାବିତ କରିବ ବୋଲି କହନ୍ତି ଅର୍ଦ୍ଧେନ୍ଦୁ।’’ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସାଇ କିରଣ ମଙ୍ଗରାଜ। ଏଥିରେ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ଅଭିନୟ କରିଛନ୍ତି ଲିପି। ଦୁହିଁଙ୍କୁ ନେଇ ଏକ ସୁନ୍ଦର ରାଖି ଗୀତଟିଏ (‘ସୂତା ଖିଅର ଡୋର, ଏ ସମ୍ପର୍କ ଆମର..’) ମଧ୍ୟ ଦୃଶ୍ୟାୟନ କରାଯାଇଛି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ଚିତ୍ରତୋଳନ ଦାୟିତ୍ୱ ତୁଲାଇଛନ୍ତି ପ୍ରତାପ ରାଉତ। ବବି ମିଶ୍ର, ରତନ ମେହେର, ପୁପିନ୍ଦର ଏବଂ ହରିହର ମହାପାତ୍ର ଏହାର କାଷ୍ଟିଂରେ ଅଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ। ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ।

## ମଗଧୀରା ଫ୍ଲପ୍ ହୋଇଥିଲେ...

କାଜଲ ଅଗ୍ରୱାଲ ଦକ୍ଷିଣ ଭାରତୀୟ ସିନେମାରେ ଜଣେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ୨୦୦୪ରେ ସେ ‘କ୍ୟୁଁ ହୋ ଗୟା ନା’ ଟାଇଟଲବିଶିଷ୍ଟ ହିନ୍ଦୀ ସିନେମାରେ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମ ଥିଲା ‘ଲକ୍ଷ୍ମୀ କଲ୍ୟାଣମ’ (୨୦୦୭)। ତା’ପରେ ଆଉ କେତୋଟି ଫ୍ଲପ ଫିଲ୍ମରେ ଆକ୍ଟିଂ କରିବା ପରେ ନିଜ କ୍ୟାରିୟରକୁ ନେଇ ଦୋଛକିରେ ପଡିଥିଲେ ଏହି ଅଭିନେତ୍ରୀ। କିନ୍ତୁ ୨୦୦୯ରେ ସତେଯେମିତି ସଫଳତା ତାଙ୍କୁ ଅପେକ୍ଷା କରି ରହିଥିଲା। ତେଲୁଗୁ ଫିଲ୍ମ ‘ମଗଧୀରା’ ବ୍ଲକ ବଷ୍ଟର ସାବ୍ୟସ୍ତ ହେଲା, ଆଉ ତା’ପରେ କାଜଲ ପଛକୁ ଫେରି ଚାହିଁ ନ ଥିଲେ। ଏ ବିଷୟରେ ସେ କହନ୍ତି, ‘‘ଯଦି ‘ମଗଧୀରା’ ଫ୍ଲପ୍ ହୋଇଥାଆନ୍ତା ତେବେ ଆଜି ମୁଁ ଏ ସ୍ଥାନରେ ବୋଧହୁଏ ନ ଥାନ୍ତି। ‘ମଗଧୀରା’ ହିଟ୍ ହେବା ପରେ ମୋତେ ବ୍ୟାକ୍-ଟୁ-ବ୍ୟାକ୍ ଗୁଡାଏ ସିନେମା ମିଳିଲା ଏବଂ ସେଗୁଡିକ ମଧ୍ୟ ହିଟ୍ ସାବ୍ୟସ୍ତ ହେଲା।’’ ମୁମ୍ବାଇରେ ଜନ୍ମିତା କାଜଲଙ୍କ ଭଉଣୀ ନିଶା ଅଗ୍ରୱାଲ ମଧ୍ୟ ଜଣେ ଅଭିନେତ୍ରୀ।



କାଜଲ

## ରେସ୍‌ଲିଂ ଚାମ୍ପିୟନରୁ ଅଭିନେତା

ବିଶିଷ୍ଟ ମାଲୟାଲମ ଅଭିନେତା ମୋହନଲାଲ। ତାଙ୍କର ପ୍ରକୃତ ନାମ ହେଲା ମୋହନଲାଲ ବିଶ୍ୱନାଥନ। ଅଭିନୟ କ୍ଷେତ୍ରରେ ସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ହେଲେ ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ସେ କ୍ରୀଡା କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇ ସାରିଥିଲେ। ୧୯୭୭-୭୮ରେ ଆୟୋଜିତ କେରଳ ରାଜ୍ୟ ରେସ୍‌ଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଥିଲେ। କେବଳ ସେତିକି ନୁହେଁ, ମାର୍ଶଲ ଆର୍ଟରେ ସେ ମଧ୍ୟ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି। କିନ୍ତୁ ଏହାପରେ ତାଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା, ହେଲେ ତାହାର ସଦୁପଯୋଗ ସେ କରିପାରି ନ ଥିଲେ। ଜାତୀୟ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ସେ ମନୋନୀତ ହୋଇଥିଲେ। ହେଲେ ନିଜର ପ୍ରଥମ ସିନେମାର ଶୁଟିଂ ପାଇଁ ସେ ଏଥିରେ ଯୋଗ ଦେଇପାରି ନ ଥିଲେ। ୧୯୭୮ରୁ ଏ ପର୍ଯ୍ୟନ୍ତ ସେ ସିନେମା ଜଗତ ସହ ଜଡିତ। ସେ ଯେଉଁ ପ୍ରଥମ ସିନେମା ‘ଥିରାନୋଟମ’ରେ ଅଭିନୟ କରିଥିଲେ ତାହାର ସେ ଅନ୍ୟତମ ପ୍ରଯୋଜକ ମଧ୍ୟ ଥିଲେ। କିନ୍ତୁ କେତେକ କାରଣରୁ ଏହି ସିନେମା ରିଲିଜ ହେବାକୁ ଅନେକ ବର୍ଷ ଲାଗିଥିଲା। ଆଉ ତା’ଭିତରେ ମୋହନଲାଲ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜକୁ ଜଣେ ଷ୍ଟାର ଭାବରେ ପରିଚିତ କରାଇ ସାରିଥିଲେ। ୧୯୮୦ରେ ମାଲୟାଲମ ଫିଲ୍ମ ‘ମଞ୍ଜିଲ ଭିରିଞ୍ଜା ପୋକ୍କାଲ’ ସୁପରହିଟ୍ ସାବ୍ୟସ୍ତ ହେଲା ଆଉ ତା’ପରେ ତାଙ୍କୁ ଅଫର ପରେ ଅଫର ମିଳି ଚାଲିଲା। ଏପର୍ଯ୍ୟନ୍ତ ସେ ମାଲୟାଲମ,ତାମିଲ, ତେଲୁଗୁ ଏବଂ କନ୍ନଡ ଭାଷାରେ ନିର୍ମିତ ପ୍ରାୟ ୪୦୦ ଫିଲ୍ମରେ ଅଭିନୟ କରିସାରିଛନ୍ତି। ୨୦୧୦ରେ ତାଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଭିନୟ କ୍ୟାରିୟରରେ ସେ ପାଞ୍ଚ ଥର ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି।





ମୋହନଲାଲ

## ଅ|ତୀ|ତ|ରୁ

→ପୁଷ୍ପାଞ୍ଜଳି ପିକ୍ଚର୍ସ, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ଅନୁରାଧା’। ରଘୁନାଥ ମିଶ୍ର ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଗିରିଧର। ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ଏବଂ ଅନୀତା ଦାସ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

→ଓଡ଼ିଆ ଚିତ୍ର ‘କିଏ ଜିତେ କିଏ ହାରେ’ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ନିତାଇ ପାଲିତ। ଏହି ସିନେମାର ସଙ୍ଗୀତ ନିର୍ଦ୍ଦେଶକ ଥିଲେ ଅକ୍ଷୟ ମହାନ୍ତି।

→ଓଡ଼ିଆ ଫିଲ୍ମ ‘ଦେବଯାନୀ’ର ନାୟକ ଚରିତ୍ରରେ ଅଭିନୟ କରିଥିଲେ ଅଜିତ ଦାସ। ଏଥିରେ ଚକ୍ରପାଣି, ଶ୍ରାବଣୀ ରାୟ ଏବଂ ରାମ ପ୍ରତିହାରୀ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।

→ଶ୍ରୀରାମ ପଣ୍ଡା, ସୌଦାମିନୀ, ସ୍ୱରୂପ ନାୟକ ଏବଂ ତ୍ରିପୁରା ମିଶ୍ରଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ମାନସୀ’। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ପ୍ରଫୁଲ୍ଲ କର।

## ଜୀ ସାର୍ଥକରେ ଦଶମ

ରାଜ୍ୟର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଏଥର ଦଶହରାରେ ନିଜ ଅଗଣିତ ଦର୍ଶକଙ୍କୁ ଭେଟି ଦେଉଛି ଏକ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର। ଏହାର ଟାଇଟଲ ରହିଛି ‘ଦଶମ’। ଏହି ସିନେମାଟି ଚଳିତ ମାସ ୨୮ ତାରିଖ ସନ୍ଧ୍ୟା ୬.୩୦ରେ ଉକ୍ତ ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି। ଏହାପୂର୍ବରୁ ଉକ୍ତ ଚିତ୍ରଟି ବଡ ପରଦାରେ ରିଲିଜ ହୋଇ ଦର୍ଶକାଦୃତ ହୋଇସାରିଛି। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମାନସିକତାକୁ ଆଧାର କରି କାହାଣୀ ଗତିଶୀଳ। ଏହି ସମୟରେ ଖଟାମିଠା ଅନୁଭୂତିକୁ ଦର୍ଶକ ଏଥିରେ ଦେଖିବାକୁ ପାଇବେ। ଏହାର ଏକ ଗୀତରେ ବାବୁସାନ୍ କଣ୍ଠଦାନ କରିଛନ୍ତି। ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଷ୍ଟି, ସିମ୍ରନ, ନୀଲାକ୍ଷି, ସୁମନ ପଟ୍ଟନାୟକ, ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ‘‘ଜୀ ସାର୍ଥକ ସବୁବେଳେ ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହିତ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି ‘ଦଶମ’। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ -ଏହା ଆମ ସମାଜର ଲୁକ୍କାୟିତ ବାସ୍ତବତାର ଏକ ଦର୍ପଣ ଏବଂ ଆମ ପାଇଁ ଆତ୍ମନିରୀକ୍ଷଣ ପାଇଁ ଏକ ଆହ୍ୱାନ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଓଡ଼ିଆ ଦର୍ଶକଙ୍କ ମନ ଜିତିବ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ ।’’

## ମନେ ପକାନ୍ତି ସାନ୍ୟା

ସାନ୍ୟା ମାଲହୋତ୍ରାଙ୍କୁ ଆମୀର ଖାନ୍‌ଙ୍କ ‘ଦଙ୍ଗଲ’ରେ ବ୍ରେକ୍ ମିଳିଥିଲା। ଏଭଳି ସୁଯୋଗ ପାଇବା ଲାଗି ତାଙ୍କୁ ଏକ ମାରାଥନ ଅଡିଶନର ସାମନା କରିବାକୁ ପଡିଥିଲା। ଶେଷରେ ତାଙ୍କୁ ବବିତା ପୋଘଟ ରୋଲ ପାଇଁ ଚୟନ କରାଯାଇଥିଲା। ହେଲେ ଅଭିନୟ କରିବା ପୂର୍ବରୁ କିଛି ରୋଜଗାର କରି ଚଳିବା ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏପରି କି କେତେକ ସିନେମାରେ ସେ ଆସିଷ୍ଟାଣ୍ଟ କ୍ୟାମେରାମ୍ୟାନ୍ ଭାବରେ କାମ କରିଥିଲେ। ସେହି ସମୟରେ ଘଟଣାକୁ ଏବେ ବି ମନେ ପକାନ୍ତି ଏହି ଅଭିନେତ୍ରୀ। ଏ ବିଷୟରେ ସାନ୍ୟା କହନ୍ତି, ‘‘ମୁଁ ୨୦୧୩ରେ ମୁମ୍ବାଇ ଆସିଲି। ଘରୁ ଆସିବା ସମୟରେ ମୋ ପାଖରେ ଥିଲା ମାତ୍ର ୧୦,୦୦୦ଟଙ୍କା। ତେଣୁ ଏଠାରେ ଚଳିବା ପାଇଁ ମୋତେ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ତା’ପରେ କେତୋଟି ବିଜ୍ଞାପନରେ କାମ କରିଥିଲି। ‘ଦଙ୍ଗଲ’ ସିନେମାର ସଫଳତା ମୋ ଅଭିନୟ ଜୀବନକୁ ଏକ ନୂଆ ମୋଡ ଦେଇଥିଲା। ଏହାର ସମସ୍ତ ଶ୍ରେୟ ଉକ୍ତ ଚିତ୍ରର କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରାଙ୍କୁ ହିଁ ଦେବି।’’ ବାଲେଟ୍ ଡ୍ୟାନ୍ସରେ ତାଙ୍କର ବେଶ୍ ପଟୁତା ରହିଛି। ସାନ୍ୟା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି-‘ସିକ୍ରେଟ ସୁପରଷ୍ଟାର’, ‘ପଟାଖା’, ‘ଲଡୁ’, ‘ଲଭ୍ ହଷ୍ଟେଲ’, ‘ଜୱାନ’ ଏବଂ ‘ସାମ ବାହାଦୂର’। ତାଙ୍କ ଅଭିନୀତ ‘ସନି ସଂସ୍କାରି କି ତୁଲସୀ କୁମାରୀ’ ଚଳିତ ବର୍ଷ ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି।



ସାନ୍ୟା



‘ଦଶମ’ ଫିଲ୍ମର ଏକ ଦୃଶ୍ୟ

# ହେଣ୍ଡରସନ ସବୁଠୁ ଦାମୀ, ଜୁନିୟରରେ ବିବେକ

**ନୂଆଦିଲ୍ଲୀ, ୨୪।୯(ପି.ଟି.)**

ହିରୋ ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ) ପୁରୁଷ ବର୍ଗର ମିନି ଅକ୍ସନ ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ପୁରୁଷ ଖେଳାଳି ଏଥିରେ ସାମିଲ ହୋଇଛନ୍ତି। ଏଥିରେ ଅଷ୍ଟ୍ରେଲିଆର ଲିଆମ ହେଣ୍ଡରସନ ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଏହି ଅଷ୍ଟ୍ରେଲୀୟ ଡିଫେଣ୍ଡରଙ୍କୁ ୪୨ ଲକ୍ଷ ଟଙ୍କାରେ କିଣିଛି। ଜୁନିୟର ବର୍ଗରେ ଓଡ଼ିଶାର ବିବେକ ଲାକ୍ରା ଓ ଅଦ୍ରୋହିତ ଏକ୍କା ଦାମୀ ଖେଳାଳି ହୋଇଛନ୍ତି।

**ହକି ଇଣ୍ଡିଆ ଲିଗ୍ ମିନି ଅକ୍ସନ**



ଲିଆମ ହେଣ୍ଡରସନ



ବିବେକ ଲାକ୍ରା

ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ନେଦରଲାଣ୍ଡ୍ସ ଡିଫେଣ୍ଡର ସାଣ୍ଡର ଡି ୱିଜିନଙ୍କୁ କିଣିବା ପାଇଁ ଫ୍ରାଞ୍ଚାଇଜ୍ ମଧ୍ୟରେ ବେଶ୍ କସରତ ଦେଖିବାକୁ ମିଳିଥିଲା। ଶେଷରେ ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ ୩୬ ଲକ୍ଷ ଟଙ୍କାରେ କିଣିଥିଲା। ୟୁପି ରୁଦ୍ରାସ୍‌ର ଦାୟିତ୍ୱ ଏବେ ବୁଝୁଥିବା ଏଚ୍‌ଆଇଏଲ ଗଭର୍ନିଂ କାଉନ୍ସିଲ ଜର୍ମାନୀର ଥିଜ୍ ପ୍ରିଞ୍ଜଙ୍କ ପାଇଁ ୩୬ ଲକ୍ଷ ଟଙ୍କା ବ୍ୟୟ କରିଥିଲା। ଅଷ୍ଟ୍ରେଲୀୟ ଫରୱାର୍ଡ କୁପର ବର୍ନ୍ସ ୩୪.୫୦ ଲକ୍ଷ ଟଙ୍କା ବିନିମୟରେ କଳିଙ୍ଗ ଲାନ୍ସର୍ସ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ନେବା ପାଇଁ ଲାନ୍ସର୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ବେଶ୍ କିଛି ସମୟ ଲଢ଼େଇ ଚାଲିଥିଲା।


ଭାରତୀୟ ଖେଳାଳିଙ୍କ ମଧ୍ୟରେ ଟିନ୍‌ଏଜ୍ ଗୋଲ୍‌କିପର ବିବେକ ଲାକ୍ରାଙ୍କ ବେସ୍ ପ୍ରାଇସ୍ ୨ ଲକ୍ଷ ଥିଲେ ମଧ୍ୟ ତାଙ୍କୁ ୨୩ ଲକ୍ଷ ଟଙ୍କାରେ କିଣିଛି ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ। ତାଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ବେଶ୍ କସରତ ଦେଖିବାକୁ ମିଳିଥିଲା। ସେହିପରି ଜୁନିୟର ଖେଳାଳିଙ୍କ ମଧ୍ୟରେ ମିଡ୍‌ଫିଲ୍ଡର ଅଦ୍ରୋହିତ ଚାହିଦାରେ ରହିଥିଲେ। ଶେଷରେ ତାଙ୍କୁ ତାମିଲନାଡୁ ଡ୍ରାଗନ୍ସ ୧୧ ଲକ୍ଷ ଟଙ୍କାରେ ନେଇଥିଲା। ୧୪ ବର୍ଷୀୟ କେତନ କୁଶୱାହା ୨.୫ ଲକ୍ଷ ଟଙ୍କାରେ ବେଙ୍ଗଲ ଟାଇଗର୍ସ ଦଳକୁ ଯାଇଛନ୍ତି। ସେ ଏହି ଅକ୍ସନର ସବୁଠାରୁ କମ୍ ବୟସର ଖେଳାଳି ଥିଲେ। ସେହିପରି ଭାରତୀୟ ଜୁନିୟର ଦଳର ଫରୱାର୍ଡ ଅଜିତ୍ ଯାଦବ ୧୧.୫ ଲକ୍ଷରେ ଏଚ୍‌ଆଇଏଲ ଗଭର୍ନିଂ କାଉନ୍ସିଲ ଦଳରେ ସାମିଲ ହୋଇଛନ୍ତି।

ଗତ ସିଜନରେ ବେଙ୍ଗଲ ଟାଇଗର୍ସ ପକ୍ଷରୁ ନେତୃତ୍ୱ ନେଇଥିବା ଭେଟେରାନ ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ୍ ସିଂ ଏଥର ୧୨ ଲକ୍ଷ ଟଙ୍କାରେ ଏସ୍‌ଜି ପାଇପର୍ସ ଦଳରେ ସାମିଲ ହୋଇଛନ୍ତି। ୨୦୨୬ ସିଜନ ପାଇଁ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍ସିଲ ୟୁପି ରୁଦ୍ରାସର ଦାୟିତ୍ୱ ନିଜ ହାତକୁ ନେଇଛି। ନୂଆ ଫ୍ରାଞ୍ଚାଇଜ୍ ନ ମିଳିବା ପର୍ଯ୍ୟନ୍ତ ଏହି ଦଳ 'ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍ସିଲ' ନାମରେ ଖେଳିବ। ହାଇଦ୍ରାବାଦ ତୋଫାନ୍ସ ଏହାର ସମସ୍ତ ଖେଳାଳିଙ୍କୁ ରିଟେନ୍ କରିଛି। ଅକ୍ସନ ସମୟରେ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍ସିଲ, ହାଇଦ୍ରାବାଦ ତୋଫାନ୍ସ, ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ, ରାଞ୍ଚି ରୟାଲ୍ସ, ଏସ୍‌ଜି ପାଇପର୍ସ, ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ, ତାମିଲନାଡୁ ଡ୍ରାଗନ୍ସ ଓ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଫ୍ରାଞ୍ଚାଇଜ୍ ସଦସ୍ୟ ଉପସ୍ଥିତ ଥିଲେ। ଯୁବ ଭାରତୀୟ ଖେଳାଳିଙ୍କୁ ଗଢ଼ିତୋଳିବା ପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଦୃଢ଼ ପରିକର ଥିବା ଏହି ଅକ୍ସନରେ ପ୍ରତିଫଳିତ ହୋଇଛି। ସେହିପରି ବିଦେଶୀ ଅଭିଜ୍ଞ ଖେଳାଳିଙ୍କୁ ନିଆଯାଇ ଦଳରେ ସନ୍ତୁଳନ ରଖାଯାଇଛି।

# ମହିଳା ଏଚ୍‌ଆଇଏଲ୍: ଗୋର୍ଜେଲାନି ଦାମୀ ଖେଳାଳି

**ନୂଆଦିଲ୍ଲୀ, ୨୪।୯**

ମହିଳା ହକି ଇଣ୍ଡିଆ ଲିଗ୍‌ର ମିନି ଅକ୍ସନରେ ଆର୍ଜେଣ୍ଟିନାର ଅଗଷ୍ଟିନା ଗୋର୍ଜେଲାନୀ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏହି ଅକ୍ସନରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବ, ରାଞ୍ଚି ରୟାଲ୍ସ, ଏସ୍‌ଜି ପାଇପର୍ସ ଓ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଫ୍ରାଞ୍ଚାଇଜ୍ ଭାଗ ନେଇଥିଲେ। ଗୋର୍ଜେଲାନିଙ୍କୁ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୪୨ ଲକ୍ଷ ଟଙ୍କାରେ କିଣିଛି। ସେହିପରି ଗ୍ରାନାଟୋ ମାରିଆ ଜୋଶ୍‌ଙ୍କୁ ସେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ ୩୪ ଲକ୍ଷ ଏବଂ ଭାଲେଣ୍ଟିନା ରାପୋସୋ ରୁଇଜ୍ ଡି ଲୋସ ଲିଆନୋସଙ୍କୁ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୩୦ ଲକ୍ଷ ଟଙ୍କା ବିନିମୟରେ ନିଜ ପାଖକୁ ନେଇଛି। ଗତ ସିଜନରେ ଅନ୍‌ସୋଲ୍ଡ ରହିଥିବା ମିଡ୍ ଫିଲ୍ଡର ମୋନିକା ଏଥର ଭାରତୀୟ ଖେଳାଳିଙ୍କ ମଧ୍ୟରେ ସବୁଠାରୁ ଦାମୀ ହୋଇଛନ୍ତି। ତାଙ୍କୁ ବେଙ୍ଗଲ ଟାଇଗର୍ସ ୧୫ ଲକ୍ଷରେ କିଣିଛି। ଅନ୍ୟମାନଙ୍କ ମଧ୍ୟରେ ଉଦିତା ୧୦ ଲକ୍ଷରେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ମହିମା ଟେଟେ ୨ ଲକ୍ଷରେ ସୁର୍‌ମା ଦଳକୁ ଯାଇଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନୁ ୨ଲକ୍ଷ, ବିଚୁ ଦେବୀ ୯.୮ ଲକ୍ଷରେ ରାଞ୍ଚି ରୟାଲ୍ସ, ଥୌଡମ ସୁମନ ଦେବୀ ୫ ଲକ୍ଷ, ପ୍ରୀତି ଦୁବେ ୨ ଲକ୍ଷରେ ଏସ୍‌ଜି ପାଇପର୍ସ ଏବଂ ଗୁରଜିତ କୌର ୨ ଲକ୍ଷ, ପୂଜା ସାହୁ ୨ଲକ୍ଷ, ସୁଖବୀର କୌର ୨ ଲକ୍ଷ, ଅଞ୍ଜଳି ଗୌତମ ୨ ଲକ୍ଷରେ ବେଙ୍ଗଲ ଟାଇଗର୍ସ ଦଳରେ ସାମିଲ ହୋଇଛନ୍ତି।



# ଦଳକୁ ଶକ୍ତିଶାଳୀ କଲା ଲାନ୍ସର୍ସ




ହକି ଇଣ୍ଡିଆ ଲିଗ୍‌ର ବୁଧବାର ଅନୁଷ୍ଠିତ ମିନି ଅକ୍ସନ ସମୟରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟିମ୍।

**ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)**

ଆସନ୍ତା ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍) ପୂର୍ବରୁ ବୁଧବାର ଅନୁଷ୍ଠିତ ମିନି ଅକ୍ସନରେ ମନପସନ୍ଦର ଖେଳାଳି କିଣି ନିଜ ଦଳକୁ ଶକ୍ତିଶାଳୀ କରିଛି ବେଦାନ୍ତ କଳିଙ୍ଗ ଲାନ୍ସର୍ସ। ଦଳକୁ ୩ ଭାରତୀୟ ଏବଂ ୪ ବିଦେଶୀ ଖେଳାଳି ସ୍ଲଟ୍ ପୂରଣ କରିବାର ଥିଲା। ଅକ୍ସନ ଅବସରରେ ଲାନ୍ସର୍ସ ପ୍ରଥମେ ଅଷ୍ଟ୍ରେଲିଆନ ଗୋଲକିପର ଜେଡ୍ ସ୍ନୋଡେନଙ୍କୁ ୧୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ୨୪ ବର୍ଷୀୟ ସ୍ନୋଡେନ ଚଳିତବର୍ଷ ପ୍ରାରମ୍ଭରେ ସିନିୟର ପଦାର୍ପଣ କରିଥିଲେ। ନିକଟରେ ଓସେନିଆ କପ୍ ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଦଳର ସେ ସଦସ୍ୟ ଥିଲେ। ଏହାପରେ ଫ୍ରାଞ୍ଚାଇଜ୍ ସ୍ଥାନୀୟ ପ୍ରତିଭା ଅମିତ୍ କୁମାର ଟପ୍ପୋଙ୍କୁ ୨ ଲକ୍ଷ ଟଙ୍କାରେ ନେଇଥିଲା। ୨୦୨୪ ଜାତୀୟ ହକି ଚାମ୍ପିୟନଶିପ୍ ବିଜୟୀ ଓଡ଼ିଶା ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ବିଡିଂ ଯୁଦ୍ଧ ପରେ ଅଷ୍ଟ୍ରେଲିଆନ ଫରୱାର୍ଡ କୁପର ବର୍ନ୍ସଙ୍କୁ ଦଳ ୩୪.୫ ଲକ୍ଷ ବିନିମୟରେ ନିଜ ପକ୍ଷକୁ ନେବାକୁ ସକ୍ଷମ ହୋଇଥିଲା। ୨୩ ବର୍ଷୀୟ ବର୍ନ୍ସ ଅଷ୍ଟ୍ରେଲିଆ ହକି ଲିଗ୍‌ରେ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ବିବେଚିତ ହୋଇଥିଲେ। ୨୦୨୪-୨୫ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ସେ ସିନିୟର ପଦାର୍ପଣ କରିଥିଲେ। ଭାରତୀୟ ଜୁନିୟର ପୁରୁଷ ଦଳର ସେଟ୍‌ଅପ୍‌ର ପ୍ରତିଭାସମ୍ପନ୍ନ ଖେଳାଳି ସୁନୀଲ ପି.ବି.ଙ୍କୁ ଦଳ ୨ ଲକ୍ଷ ଟଙ୍କାରେ ନେଇଛି। ଚଳିତବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ କର୍ଣ୍ଣାଟକ ଦଳର ସେ ସଦସ୍ୟ ଥିଲେ। ଏବେ ସେ ସୁଲ୍‌ତାନ ଜୋହର କପ୍ ପାଇଁ ଭାରତୀୟ ଜୁନିୟର ଦଳ ଲାଗି ମନୋନୀତ ହୋଇଛନ୍ତି। କ୍ରେଗ୍ ମାରାଇସ୍ ହେଉଛନ୍ତି ଦଳର ତୃତୀୟ ବିଦେଶୀ ଖେଳାଳି। ତାଙ୍କୁ ଲାନ୍ସର୍ସ ୧୦ ଲକ୍ଷ ଟଙ୍କାରେ କିଣିଛି। ୨୦୨୪ରେ ଅଷ୍ଟ୍ରେଲିଆ ସିନିୟର ଦଳରେ ଡେବ୍ୟୁ କରିଥିବା ମାରାଇସ୍ ଏବେ ନିୟମିତ ସଦସ୍ୟ ରହି ଆସିଛନ୍ତି। ଦିଲ୍ଲୀ ଫ୍ରାଞ୍ଚାଇଜ୍ ସହ ଆଉ ଏକ ଜୋର୍‌ଦାର ବିଡିଂ ଲଢ଼େଇ ପରେ ଲାନ୍ସର୍ସ ଅଷ୍ଟ୍ରେଲିଆନ ମିଡ୍‌ଫିଲ୍ଡର ଲିଆମ ହେଣ୍ଡରସନଙ୍କୁ ୪୨ ଲକ୍ଷ ଟଙ୍କାରେ କିଣିଛି। ଏହି ଅକ୍ସନରେ ସେ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ହେଣ୍ଡରସନ ଏବେ ଅଷ୍ଟ୍ରେଲିଆ କୋର୍ ଗ୍ରୁପ୍‌ର ସଦସ୍ୟ। ସେହିପରି ଭାରତର ବବି ସିଂ ଧାମିଙ୍କ ପାଇଁ ଦଳ ୧୦ ଲକ୍ଷ ବ୍ୟୟ କରିଛି।

ଅକ୍ସନ ପୂର୍ବରୁ ଫ୍ରାଞ୍ଚାଇଜ୍ ୧୩ ଖେଳାଳିଙ୍କୁ ରିଟେନ୍ କରିଥିଲା। ଏହା ମଧ୍ୟରେ ୩ ବିଦେଶୀ ଖେଳାଳି ସାମିଲ। ଦଳର ସନ୍ତୁଳନକୁ ନେଇ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ରାଜୀବ କୁମାର କହିଛନ୍ତି, "ଏଚ୍‌ଆଇଏଲ୍ ଅକ୍ସନ ଆମମାନଙ୍କ ଦଳକୁ ଅଧିକ ଶକ୍ତିଶାଳୀ କରିବାକୁ ସୁଯୋଗ ଦେଇଛି। କୋର୍ ଖେଳାଳିଙ୍କୁ ରିଟେନ୍ ରଖି ଆବଶ୍ୟକ ଖେଳାଳି କିଣିବା ଉପରେ ଆମେ ଫୋକସ୍ କରିଛୁ। ଆମ ଦଳ ଏବେ ସମ୍ପୂର୍ଣ୍ଣ ସନ୍ତୁଳିତ ଏବଂ ଉଚ୍ଚସ୍ତରରେ ଖେଳିବା ପାଇଁ ପ୍ରସ୍ତୁତ। ଆଗାମୀ ସିଜନରେ ଟାଇଟଲ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ।"

**କଳିଙ୍ଗ ଲାନ୍ସର୍ସ ଦଳ**

ଭାରତୀୟ: କ୍ରିଶନ ବାହାଦୁର ପାଠକ, ସଞ୍ଜୟ, ପ୍ରତାପ ଲାକ୍ରା, ରୋହିତ୍ କୁଲୁ, ରବିଚନ୍ଦ୍ର ମୋଇରାଙ୍ଗଥେମ, ରୋଶନ କୁଜୁର, ଦିଲ୍‌ପ୍ରୀତ ସିଂ, ଅଙ୍ଗଦ ବୀର ସିଂ, ଦୀପକ ପ୍ରଧାନ, ଗୁରସାହିବଜିତ୍ ସିଂ, ଅମିତ୍ କୁମାର ଟପ୍ପୋ, ସୁନୀଲ ପି.ବି., ବବି ସିଂ ଧାମି। ବିଦେଶୀ: ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ, ଆର୍ଥର ଭାନ୍ ଡୋରେନ, ଆଣ୍ଟୋନି କିନା, ଜେଡ୍ ସ୍ନୋଡେନ, କୁପର ବର୍ନ୍ସ, କ୍ରେଗ୍ ମାରାଇସ୍, ଲିଆମ୍ ହେଣ୍ଡରସନ।

# ଏସିଆନ୍ ଗେମ୍ସ ପାଇଁ ଚୟନ ମାନଦଣ୍ଡ

**ନୂଆଦିଲ୍ଲୀ,୨୪।୯(ପି.ଟି.)**

ଆସନ୍ତା ବର୍ଷ ହେବାକୁଥିବା ଏସିଆନ୍ ଗେମ୍ସ ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର କଡ଼ା ସିଲେକ୍ସନ କ୍ରାଇଟେରିଆ ଉନ୍ମୋଚିତ କରାଯାଇଛି। ଦଳରେ କେବଳ ପଦକ ଜିତିବା ଲାଗି ପ୍ରବଳ ଦାବିଦାର ଥିବା ଆଥ୍‌ଲେଟ୍ସଙ୍କୁ ସାମିଲ କରାଯିବ। ପାଞ୍ଚପୃଷ୍ଠାବିଶିଷ୍ଟ ଡକ୍ୟୁମେଣ୍ଟକୁ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯାଇଛି। ଏଥିରେ ସ୍ପଷ୍ଟ କରାଯାଇଛି ଯେ, ଏସିଆ ସ୍ତରରେ ବ୍ୟକ୍ତିଗତ ଇଭେଣ୍ଟରେ ଟପ୍-୬ ର‌୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଆଥ୍‌ଲେଟ୍ସ ଓ ଦଳଗତ ଇଭେଣ୍ଟ ଲାଗି ଟପ୍-୮ ର‌୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ହିଁ ଜାତୀୟ ମହାସଂଘରୁ ମନୋନୀତ ହେବା ଲାଗି ଯୋଗ୍ୟ ହେବେ। ଆଗାମୀ ଏସିଆନ୍ ଗେମ୍ସ ଆସନ୍ତା ବର୍ଷ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ନାଗୋୟାରେ ଅନୁଷ୍ଠିତ ହେବ।

କେବଳ ପଦକ ଜିତିବା ଲାଗି ଦାବିଦାର ଥିବା ଆଥ୍‌ଲେଟ୍ସଙ୍କ ଅଂଶଗ୍ରହଣତାକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ଆଗାମୀ ଏସିଆନ ଗେମ୍ସର ୧୨ ମାସ ପୂର୍ବରୁ ଅନ୍ତର୍ଜାତୀୟ କ୍ରୀଡ଼ା ଫେଡେରେଶନ ଦ୍ୱାରା ମାନ୍ୟତା ପ୍ରାପ୍ତ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଟପ୍-୬ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିବା ଆଥଲେଟ୍‌ଙ୍କ ନାମକୁ ଏନ୍‌ଏସ୍‌ଏଫ୍ (ଜାତୀୟ କ୍ରୀଡ଼ା ମହାସଂଘ) ପକ୍ଷରୁ ଦଳରେ ସାମିଲ କରାଯାଇପାରିବ। ଯଦି ଦଳରେ ସାମିଲ ଥିବା କୌଣସି ଆଥ୍‌ଲେଟ୍ ପଦକ ଜିତିବା ପରିବର୍ତ୍ତେ କେବଳ ଅଂଶଗ୍ରହଣକୁ ଲକ୍ଷ୍ୟ ରଖିଥିବା ମନ୍ତ୍ରଣାଳୟ ଓ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନଜରକୁ ଆସେ, ତେବେ ସେଭଳି ଆଥ୍‌ଲେଟ୍ସ ଓ ଦଳଗୁଡ଼ିକୁ ମଞ୍ଜୁରୀ ଦିଆଯିବ ନାହିଁ। ଦଳରେ କେବଳ ସେହି ଆଥ୍‌ଲେଟ୍ସ, କୋଚ୍ ଓ ସପୋର୍ଟ ଷ୍ଟାଫଙ୍କୁ ସାମିଲ କରାଯିବ, ଯେଉଁମାନଙ୍କର ନାମକୁ ସରକାରୀ ଖର୍ଚ୍ଚରେ ମଞ୍ଜୁରୀ ମିଳିଛି। ଅତିରିକ୍ତ ଆଥ୍‌ଲେଟ୍ସ, କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଦଳରେ ସାମିଲ କରାଯିବ ନାହିଁ ବୋଲି ଏଥିରେ କୁହାଯାଇଛି। ଏହି କଡ଼ା କ୍ରାଇଟେରିଆ ଯୋଗୁ ଭାରତୀୟ ଫୁଟବଲ ଦଳ ପାଇଁ ଏସିଆନ୍ ଗେମ୍ସରେ ଖେଳିବା କଷ୍ଟକର ହେବ। କାରଣ ଏସିଆନ ସ୍ତରରେ ଫିଫା ର‌୍ୟାଙ୍କିଙ୍ଗ୍‌ରେ ଭାରତ ୨୪ତମ ସ୍ଥାନରେ ରହିଛି।

# ତାଙ୍କୁ କହିବାକୁ ଦିଅ, ଆମେ ଦେଖିନେବୁ

**ଆବୁଧାବି,୨୪।୯(ପି.ଟି.)**

ନିକଟ ଅତୀତରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତର ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ-ପାକ୍ ମ୍ୟାଚ୍‌କୁ ପୂର୍ବଭଳି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କୁହାଯିବା ଉଚିତ ନୁହେଁ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମତ ଦେଇଥିଲେ। ଏ ସମ୍ପର୍କରେ ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପାକିସ୍ତାନ ଦଳର ମୁଖ୍ୟ ପେସର ଶାହିନ ଶାହ ଆଫ୍ରିଦୀ ପ୍ରତିକ୍ରିୟା ରଖିଛନ୍ତି।

'ତାହା ତାଙ୍କର ମତାମତ ଥିଲା। ତାଙ୍କୁ କହିବାକୁ ଦିଅ। ଆମେ ଯେତେବେଳେ ଫାଇନାଲରେ ପରସ୍ପରକୁ ଭେଟିବୁ, ସେତେବେଳେ ଦେଖିନେବୁ। ଏପର୍ଯ୍ୟନ୍ତ ସେମାନେ ଫାଇନାଲରେ ପହଞ୍ଚିନାହାନ୍ତି କି ଆମେ ମଧ୍ୟ ପହଞ୍ଚିନାହୁଁ। ଯେବେ ଆସିବେ ଦେଖି ନେବୁ। ଆମର କାମ ହେଲା ଏସିଆ କପ୍ ଜିତିବା ଏବଂ ପାକିସ୍ତାନର ଆଶା ପୂରଣ କରିବା ପାଇଁ ଆମେ ଶ୍ରେଷ୍ଠ ଉଦ୍ୟମ କରିବୁ' ବୋଲି ଆଫ୍ରିଦୀ କହିଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପରସ୍ପରକୁ ଦୁଇଥର ଭେଟିଛନ୍ତି ଏବଂ ଉଭୟ ଥର ଭାରତ ସହଜରେ ବିଜୟଲାଭ କରିଛି। ସୁପର-୪ ପର୍ଯ୍ୟାୟରେ ପାକିସ୍ତାନକୁ ୬ ଉଇକେଟରେ ପରାଜିତ କରିବା ପରେ ସୂର୍ଯ୍ୟ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କୁହାଯିବା ଉଚିତ ନୁହେଁ। କାରଣ ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୫ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୧୨-୩ରେ ଆଗରେ ରହିଛି। ଉଲ୍ଲେଖଯୋଗ୍ୟ, ୧୯୮୪ରେ ଏସିଆ କପ୍ ଟୁର୍ନାମେଣ୍ଟ ଆରମ୍ଭ ହେବା ପରଠାରୁ ଉଭୟ ଦିନିକିଆ ଓ ଟି୨୦ ଫର୍ମାଟ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୨୦ଟି ମ୍ୟାଚ୍ ଖେଳାଯାଇଛି। କିନ୍ତୁ ଉଭୟ ଦଳ କଦାପି ଫାଇନାଲରେ ପରସ୍ପରକୁ ଭେଟିନାହାନ୍ତି।

# ଭୁବନେଶ୍ୱର ଟାଇଗର୍ସ ବିଜୟୀ

**ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ ବୁଧବାର ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ଟାଇଗର୍ସ ୫ ଉଇକେଟରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଛି। ୧୫ ଓଭରବିଶିଷ୍ଟ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଉରକେଲା ଷ୍ଟିଲର୍ସ ୮ ଉଇକେଟ ହରାଇ ମାତ୍ର ୯୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ଟପ୍ ଓ ମିଡଲ

**ଓଡ଼ିଶା ପ୍ରୋ ଟି୨୦ ଲିଗ୍**

ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ଶେଷଭାଗରେ ସ୍ୱପ୍ ଭୂୟାଁ ୧୮ ବଲ୍‌ରୁ ୩୧ ରନ୍‌କରି ଅପରାଜିତ ରହିଥିଲେ। ଅଧିନାୟକ ଆଶୀର୍ବାଦ ସ୍ୱାଇଁ ୨୨ ରନ୍ କରିବାକୁ ସକ୍ଷମ ହୋଇଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ବାଦଲ ବିଶ୍ୱାଳ ୨ଟି ଲେଖାଏ ଏବଂ ଜୟନ୍ତ ବେହେରା ଓ ଶୁଭମ୍ ପ୍ରିୟଦର୍ଶୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ଟାଇଗର୍ସ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ୧୧.୪ ଓଭରରେ ୫ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଓପ୍‌ନର ସତ୍ୟକାମ ଭରଦ୍ୱାଜ ୩୪ ବଲ୍‌ରୁ ୬୫(୮ ଚୌକା, ୩ ଛକା) ରନ୍‌ରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ଆଉଟ୍ ହୋଇଥିବା ୫ ଜଣଯାକ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପରାଜିତ ଦଳର ପ୍ରଦୀପ ପ୍ରଧାନ ଓ ଆଶୁତୋଷ ମାରାଣ୍ଡି ୨ଟି ଲେଖାଏ ଉଇକେଟ ନେଇଥିଲେ। ସତ୍ୟକାମ ଭରଦ୍ୱାଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସଭାପତି ତଥା ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଯୁଗ୍ମ ସମ୍ପାଦକ ଜି. ଶ୍ରୀନିବାସ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ସତ୍ୟକାମଙ୍କୁ ପୁରସ୍କୃତ କରିଥିଲେ। ସେ ବିଜୟୀ ଦଳର ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୱିନିଂ କ୍ୟାପ୍ ମଧ୍ୟ ପ୍ରଦାନ କରିଥିଲେ।




ସତ୍ୟକାମ ଭରଦ୍ୱାଜ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଓଡ଼ିଶାରୁ ଭାଗନେବେ ୮ ଖେଳାଳି

**ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)**

**ଏସୀୟ ଜୁନିୟର ପେନ୍‌ଚାକ୍ ସିଲାଟ୍**

କଶ୍ମୀରଠାରେ ୩ୟ ଜୁନିଅର ଏସୀୟ ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗାରେ ଓଡ଼ିଶାରୁ ୮ ପ୍ରତିଯୋଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଆଶିକ୍ ପ୍ରଧାନ , ସ୍ୱୟମ୍ ଗୁରୁଙ୍ଗ, ଭୁବନ ରାୟ, ଏଲିନା ଗୁରୁଙ୍ଗ, ଗାୟତ୍ରୀ ଦାସ, ନିତିଶା ବାରିକ୍, କାହ୍ନା ବେହେରା ଓ ସମରେଶ କୁମାର ନନ୍ଦ। ଏସିଆନ ଚାମ୍ପିୟନଶିପ୍‌ରେ ମୋଟ ୧୨ଟି ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଖେଳାଳିମାନଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସମେତ ଓଡ଼ିଶା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି, ଖୋର୍ଦ୍ଧା ପେନ୍‌ଚାକ୍ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଏସୀୟ ଜୁନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଓଡ଼ିଶାର ୮ ଖେଳାଳି ଓ କର୍ମକର୍ତ୍ତା।

# ସିବିଏସ୍‌ଇ ଜାତୀୟ ବାଳିକା ସୁଇମିଂ ଆରମ୍ଭ

**ଭୁବନେଶ୍ୱର, ୨୪।୯(ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସିବିଏସ୍‌ଇ ଜାତୀୟ ବାଳିକା ସୁଇମିଂ ଚାମ୍ପିୟନଶିପ୍ ବୁଧବାର ଆରମ୍ଭ ହୋଇଛି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାଶନାଲର ପ୍ରିନ୍ସିପାଲ ସଞ୍ଜୟ ସୁଆର, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଏବଂ କିଟ୍-କିସ୍‌ର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥର ପ୍ରତିଯୋଗିତାରେ ଭାରତ ଏବଂ ମିଡଲ ଇଷ୍ଟର ୨୩୭ ସ୍କୁଲ୍‌ରୁ ୬୦୦ରୁ ଊର୍ଦ୍ଧ୍ୱ ସୁଇମର ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୫୦ ଜଣ ଟେକ୍ନିକାଲ ଏକ୍ସପର୍ଟ ନିୟୋଜିତ ହୋଇଛନ୍ତି।



କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସିବିଏସ୍‌ଇ ଜାତୀୟ ବାଳିକା ସୁଇମିଂ ପ୍ରତିଯୋଗିତା।

# ପ୍ରଥମ ମ୍ୟାଚ୍ ଖେଳିବ ଆଫଗାନିସ୍ତାନ ମହିଳା ଫୁଟ୍‌ବଲ ଦଳ

**ଜୁରିଚ୍,୨୪।୯(ଏପି)**

ଶରଣାର୍ଥୀ ଖେଳାଳିଙ୍କୁ ନେଇ ଗଠିତ ଆଫଗାନିସ୍ତାନ ଜାତୀୟ ଫୁଟ୍‌ବଲ ଦଳ ଆସନ୍ତା ମାସରେ ଆନୁଷ୍ଠାନିକ ଭାବେ ଦୁବାଇଠାରେ ଏକ ୪ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ତା'ର ପ୍ରଥମ ମ୍ୟାଚ୍ ଖେଳିବ। ଏହି ଫିଫା ସମର୍ଥିତ ଦଳ ଏପର୍ଯ୍ୟନ୍ତ ଆଫଗାନିସ୍ତାନକୁ ଆନୁଷ୍ଠାନିକ ଭାବେ ପ୍ରତିନିଧିତ୍ୱ କରିନାହିଁ। ଏହି ଦଳ ଅକ୍ଟୋବର ୨୩ରୁ ୨୯ ପର୍ଯ୍ୟନ୍ତ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ହେବାକୁଥିବା ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟରେ ଖେଳିବ। ଏଥିରେ ଆୟୋଜକ ୟୁଏଇ, ଲିବିୟା ଓ ଚାଦ ଭଳି ଦଳ ଖେଳିବେ। ୨୦୧୮ଠାରୁ ଆଫଗାନିସ୍ତାନ ପାଖରେ କୌଣସି ଆନୁଷ୍ଠାନିକ ମହିଳା ଦଳ ନାହିଁ। ୨୦୨୧ରେ ତାଲିବାନ୍ ସରକାରକୁ ଫେରିବା ପରେ କ୍ରୀଡ଼ାରେ ମହିଳାଙ୍କ ଅଂଶଗ୍ରହଣ ଉପରେ ରୋକ୍ ଲଗାଇଥିଲା।

### କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ଘଟଣା

# ୟୁଟ୍ୟୁବର ଦୀପକ ଗିରଫ

**ଆନ୍ଦୋଳନ ବେଳେ ଭିଡିଓ କରି ଉସୁକାଇଥିଲେ**


ଦୀପକ ନାୟକ

**ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)**

କ୍ୟାପିଟାଲ ହସ୍ପିଟାଲରେ ଶିଶୁମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ବେଳେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଘଟଣାରେ ୟୁଟ୍ୟୁବର ଦୀପକ ନାୟକ(୨୭)ଙ୍କୁ ବୁଧବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଆନ୍ଦୋଳନ ସମୟର ଭିଡିଓ କରି ଆକ୍ରମଣ ପାଇଁ ଉସୁକାଇବା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି। ଗିରଫ ଦୀପକଙ୍କ ଘର ଭଦ୍ରକ ଜିଲା ନାୟକାଣିଡିହି ଥାନା ଅନ୍ତର୍ଗତ ପୁରୁଷୋତ୍ତମ ଗ୍ରାମରେ। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲରେ ସୋମବାର ସାଲିଆସାହିର ୧୩ ମାସର ଏକ ଶିଶୁପୁତ୍ରର ମୃତ୍ୟୁକୁ ନେଇ ହସ୍ପିଟାଲ ପରିସର ରଣକ୍ଷେତ୍ର ପାଲଟିଥିଲା। କାର୍ଯ୍ୟରତ ସୁରକ୍ଷାକର୍ମୀ ଓ ସ୍ମାର୍ଟସିଟି ଅନ୍‌ଲାଇନ୍ ଅଟୋଚାଳକ ସଂଘ ମଧ୍ୟରେ ହାତାହାତି ହୋଇଥିଲା। ପୋଲିସର ବୁଝାଶୁଝା ପରେ ମାମଲା ଶାନ୍ତ ପଡ଼ିଥିଲା। ତେବେ ପୋଲିସ ସୂଚନା ଅନୁଯାୟୀ, ଦୀପକ ସେହି ସମୟରେ ଭିଡିଓ ଶୁଟ୍ କରିବା ସହ ସୁରକ୍ଷାକର୍ମୀ ଓ ହସ୍ପିଟାଲ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଉସୁକାଇଥିଲେ। ଭିଡ଼ ଭିତରେ ସୁରକ୍ଷାକର୍ମୀ ସୁବ୍ରତ ବିଶ୍ୱାଳଙ୍କୁ ଇଙ୍ଗିତ କରି 'ୟାକୁ ଜୀବନରୁ ମାରିଦିଅ' ବୋଲି କହିଥିଲେ। ଏହା ପରେ ଦୀପକ ଓ ଅନ୍ୟମାନେ ମିଳିତ ଭାବରେ ସୁବ୍ରତଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ହସ୍ପିଟାଲର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ଅଭିଯୁକ୍ତ ଦୀପକଙ୍କ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୩ଟି ମାମଲା ରହିଛି। ଏନେଇ ସୁବ୍ରତଙ୍କ ଏତଲାକୁ ଭିତ୍ତିକରି କ୍ୟାପିଟାଲ ଥାନା ପୋଲିସ ମାମଲା (ନଂ.୫୬୬/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ୟୁଟ୍ୟୁବ୍‌ରେ ଦୀପକଙ୍କର ୱେବିଗୋ ଟିଭି ନାମରେ ଏକ ଚ୍ୟାନେଲ ଥିବାବେଳେ ଏଥିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି। ସେହିପରି ଫେସ୍‌ବୁକରେ ମଧ୍ୟ ଏହି ଚ୍ୟାନେଲର ୧.୯୭ ଲକ୍ଷ ଫଲୋଅର୍ସ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଆକ୍ରମଣକୁ ବିରୋଧ କରି କାର୍ଯ୍ୟାନୁଷ୍ଠାନ ଦାବିରେ ସୁରକ୍ଷାକର୍ମୀମାନେ ମଙ୍ଗଳବାର ଧାରଣାରେ ବସିଥିଲେ।

# ଭିବ୍‌ଗ୍ୟୋର ଚିଟ୍‌ଫଣ୍ଡ ଓଡ଼ିଶା ମୁଖ୍ୟଙ୍କୁ ୧୦ବର୍ଷ ଜେଲ

**୧୪ କୋଟି ଠକେଇ ମାମଲା**

**ଭୁବନେଶ୍ୱର,୨୪।୯(ସତ୍ୟଜିତ୍ ରାଉତ)**

ବହୁଗୁଣ ଲାଭ ଦେବା ଆଳରେ ଜମାକାରୀଙ୍କଠାରୁ ୧୪ କୋଟି ଟଙ୍କା ଠକେଇ ମାମଲାରେ 'ଭିବ୍‌ଗ୍ୟୋର ଆଲାଏଡ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ' ସଂସ୍ଥାର ଓଡ଼ିଶା ମୁଖ୍ୟ ପବିତ୍ର କୁମାର ସାହୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୭୦ ହଜାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ କଟକସ୍ଥିତ ଓପିଆଇଡି କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି। ୨୦୧୫ରେ ଇଓଡବ୍ଲ୍ୟୁ ଏହି ସଂସ୍ଥା ମୁଖ୍ୟ ରାଣା ଭଦ୍ରାଙ୍କୁ ଗିରଫ କରିଥିବା ବେଳେ କୋର୍ଟରେ ତାଙ୍କର ମାମଲା ବିଚାରାଧୀନ ରହିଛି।

ମାମଲାର ବିବରଣୀ ଅନୁଯାୟୀ, ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ କୋଲକାତାରେ ଥିବାବେଳେ ୨୦୦୯ରେ କମ୍ପାନୀ ଓଡ଼ିଶାରେ ପ୍ରବେଶ କରିଥିଲା। କମ୍ପାନୀ ପ୍ରଥମେ ଭୁବନେଶ୍ୱର ୟୁନିଟ୍-୭ ସୂର୍ଯ୍ୟନଗରସ୍ଥିତ ପ୍ଲଟ୍ ନଂ.୧୨୦-ବିରେ ବ୍ରାଞ୍ଚ ଅଫିସ ଖୋଲିଥିଲା। ପରେ ବାଲେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅଫିସ ଖୋଲିଥିଲା। ଅଧିକ ହାରରେ ସୁଧଦେବା ଲାଗି ଜମାକାରୀଙ୍କୁ ପ୍ରଲୋଭିତ କରି ବିଭିନ୍ନ ସ୍କିମ୍‌ରେ ଟଙ୍କା ସଂଗ୍ରହ କରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ ଏଭଳି ପ୍ରାୟ ୧୫ ହଜାର ଜମାକାରୀଙ୍କଠାରୁ ପ୍ରାୟ ୧୪ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ହେଲେ ୨୦୧୩ରେ କମ୍ପାନୀ ଟଙ୍କା ଫେରସ୍ତ ନ କରି ଏହାର ସମସ୍ତ ଅଫିସକୁ ବନ୍ଦ କରିଦେଇଥିଲା। ଏପରିକି ସଂସ୍ଥାରେ କାମ କରୁଥିବା ସମସ୍ତ ଅଧିକାରୀ ମଧ୍ୟ ଫେରାର ହୋଇଯାଇଥିଲେ। ଏନେଇ ପ୍ରଥମେ କ୍ୟାପିଟାଲ ଥାନାରେ ୨୦୧୫ରେ ଅଭିଯୋଗ ହେବା ପରେ ଏକ ମାମଲା (ନଂ.୨୩୫/୨୦୧୫) ରୁଜୁ ହୋଇଥିଲା। ପରେ ଠକେଇର ଶିକାର ଜମାକାରୀ ରମେଶ ଚନ୍ଦ୍ର ସାହୁ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଇଓଡବ୍ଲ୍ୟୁ ୨୦୧୮ରେ ମାମଲା (ନଂ.୧/୨୦୧୮) ରୁଜୁ କରି ତଦନ୍ତ କରିଥିଲା। ୯ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଥିବାବେଳେ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରୋସିକ୍ୟୁଟର ବିଶ୍ୱଜିତ୍ ମହାପାତ୍ର ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଲଳାଟେନ୍ଦୁ ଦାସ ପରିଚାଳନା କରୁଥିଲେ।

# ପୁଇଁତଲା ଥାନାରୁ ଗିରଫ ଅଭିଯୁକ୍ତ ଚମ୍ପଟ

**ବଲାଙ୍ଗୀର,୨୪।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଭିତରୁ ବୁଧବାର ଭୋର ସମୟରେ ପୋଲିସକୁ ଚକ୍‌ମା ଦେଇ ଜଣେ ଗିରଫ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ କୁଲଥିପାଲି ଗାଁର ମଣ୍ଟୁ ଦଳେଇ (୨୬)। ୨୦୨୩ ମସିହାର ଏକ ମାମଲା (ନଂ. ୨୯୯/୨୩)କୁ ନେଇ ପୋଲିସ ଅଭିଯୁକ୍ତ ମଣ୍ଟୁଙ୍କୁ ମଙ୍ଗଳବାର ଗିରଫ କରି ପୁଇଁତଲା ଥାନାରେ ଆଣି ରଖିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥାନ୍ତା। ତେବେ ଭୋର୍ ସମୟରେ ସେ ଥାନା ପରିସର ଭିତରେ ଥିବା ଶୌଚାଳୟ ଯିବାକୁ କହି ଲୁହାଗ୍ରୀଲ ଲାଗିଥିବା ଏକ ଗେଟ୍ ଭାଙ୍ଗି ସେଠାରୁ ଚମ୍ପଟ ମାରିଥିଲେ। ଅଭିଯୁକ୍ତ ମଣ୍ଟୁ ଫେରାର ମାରିବା ଜାଣିବା ପରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତାଙ୍କୁ ଖୋଜାଖୋଜି କରାଯାଉଥିବା ଥାନା ଆଇଆଇସି ଅନିତା ପ୍ରଧାନ ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**


ସୋନାଲି ବେହେରା

**ପୋଲସରା,୨୪।୯(ସୁବ୍ରତ ବେହେରା)**

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଚଢ଼ିଆପଡ଼ା ଗ୍ରାମର ଜିତେନ୍ଦ୍ର ସାହୁଙ୍କ ଘରୁ ଜଣୈକା କଲେଜ ଛାତ୍ରୀଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଅଧୀନ ବାଲିଛାଇ ଗ୍ରାମର ସୁରେଶ ବେହେରାଙ୍କ ଝିଅ ସୋନାଲି(୨୦)। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲସରା ଥାନାରେ ଏକ ମାମଲା(ନଂ. ୬୯୧/୨୫) ରୁଜୁ ହୋଇଛି।

ଖବରରୁ ଜଣାପଡ଼ିଛି, ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ସୋନାଲି ବୁଧବାର ସକାଳେ ଘରୁ କଲେଜ ଯାଉଛି ବୋଲି କହି ଆସିଥିଲେ। ଏହାର କିଛି ସମୟ ପରେ ଜିତେନ୍ଦ୍ରଙ୍କ ଘରୁ ତାଙ୍କ ମୃତଦେହ ମିଳିଥିଲା। ଏସମ୍ପର୍କରେ ଜିତେନ୍ଦ୍ରଙ୍କ ପୁଅ ଚନ୍ଦନ ସୋନାଲିଙ୍କ ଘରକୁ ଫୋନ କରି ତୁମ ଝିଅ ଆମ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ଖବର ଦେଇଥିଲେ। ମାତ୍ର ପରିବାର ଲୋକେ ବିଶ୍ୱାସ ନ କରି ପ୍ରଥମେ କଲେଜକୁ ଯାଇ ଖୋଜାଖୋଜି କରିବା ସହ ଛାତ୍ରୀଛାତ୍ରଙ୍କୁ ପଚାରିଥିଲେ। ସେମାନେ ସୋନାଲି କଲେଜ ଆସି ନ ଥିବା କହିଥିଲେ। ସେଠାରୁ ସେମାନେ ଚନ୍ଦନଙ୍କ ଘରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଝିଅର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅକୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲସରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଚନ୍ଦନ ଓ ଜିତେନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**ଅପ୍ରାକୃତ ଯୌନ ସମ୍ପର୍କ ରଖିବା ମାମଲା**

**କେନ୍ଦୁଝର,୨୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

୧୦ ବର୍ଷର ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ମାମଲାର ରାୟ ବୁଧବାର କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ କମ୍ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ମୋନାଲିସା ମହାନ୍ତି ମାମଲାର ବିଚାର କରି ବାମେବାରୀ ଥାନା ଅନ୍ତର୍ଗତ ନମ୍ପିରା ଗ୍ରାମର ଅଭିଯୁକ୍ତ ରଞ୍ଜିତ ସେଠୀଙ୍କୁ ୨୦ ବର୍ଷ ଜେଲଦଣ୍ଡ ଆଦେଶ କରିଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଜାନୁଆରୀ ୫ରେ ନାବାଳକ ପାଖ ବନ୍ଧକୁ ଗାଧୋଇବାକୁ ବାହାରିଥିଲେ। ରଞ୍ଜିତ ମଧ୍ୟ ଉକ୍ତ ବନ୍ଧକୁ ଗାଧୋଇବାକୁ ଯାଉଥିବାରୁ ନାବାଳକଙ୍କୁ ସାଙ୍ଗରେ ନେଇଯାଇଥିଲେ। ବନ୍ଧରେ ରଞ୍ଜିତ ନାବାଳକଙ୍କ ସହିତ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ନାବାଳକଙ୍କ ଜଣେ ସାଙ୍ଗ ଏହି ଘଟଣା ଦେଖିବା ପରେ ନାବାଳକଙ୍କ ମା'ଙ୍କୁ ସବୁ କଥା କହିଥିଲେ। ନାବାଳକଙ୍କ ମା' ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୭/୨୦୨୩) ରୁଜୁ କରି ଅଭିଯୁକ୍ତ ରଞ୍ଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମୁଦାୟ ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ପୀଡ଼ିତଙ୍କୁ ୭ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସଚେତନତା ପ୍ରାଧିକରଣଙ୍କୁ ଆଦେଶ କରିଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

# ପେଟ୍ରୋଲିୟମ ପାଇପ୍ ଲାଇନରୁ ତେଲ ଲୁଟ୍ ଘଟଣାର ପର୍ଦ୍ଦାଫାସ

- ୭ ଆନ୍ତଃରାଜ୍ୟ ଲୁଟେରା ଗିରଫ
- ସଜାଗ ପ୍ରହରୀ ପ୍ରୋତ୍ସାହନ ଯୋଜନାରେ ୨୧ ସମ୍ବର୍ଦ୍ଧିତ



ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀ।

**ଢେଙ୍କାନାଳ,୨୪।୯(ରତନ ନାୟାର)**

ଜଟଣୀରୁ ଢେଙ୍କାନାଳ ଦେଇ ସମ୍ବଲପୁର ଆଡକୁ ଯାଇଥିବା ଆଇଓସିଏଲ୍ ପେଟ୍ରୋଲିୟମ ପାଇପ ଲାଇନରୁ ତେଲ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଢେଙ୍କାନାଳ ଜିଲା ବାଲିମୀ ଥାନା ପୋଲିସ । ଏହି ଘଟଣାରେ ୭ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ବହୁ ପରିଶ୍ରମ କରି ଏହି ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଥିବାରୁ ଆଇଓସିଏଲ୍ ପକ୍ଷରୁ ସଜାଗ ପ୍ରହରୀ ପ୍ରୋତ୍ସାହନ ଯୋଜନାରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନଙ୍କ ସମେତ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ, ବାଲିମୀ ଥାନା ଅଧିକାରୀ ସୂଚୀସ୍ମିତା ମହାନ୍ତି, ଏସ୍‌ଆଇ ଅନୁରାଗ ମଲ୍ଲିକ, ମୋଟଙ୍ଗା ଥାନା ଏସ୍‌ଆଇ ରଣଜିତ ପ୍ରଧାନ, ଗଁଦିଆ ଥାନା ଏଏସ୍‌ଆଇ ଏ.ପରିଡା, ବାଲିମୀ ଥାନା ଏଏସ୍‌ଆଇ ମାମିନା ମିଶ୍ରଙ୍କ ସମେତ ବାଲିମୀ ଥାନା କନେଷ୍ଟବଳ ଅମର ସେଠୀ, ଦିଲୀପ କୁମାର ରାଉତ, ପ୍ରମୋଦ କୁମାର ସେଠୀ, ମୋଟଙ୍ଗା ଥାନା କନେଷ୍ଟବଳ ପ୍ରଶାନ୍ତ କୁମାର ନାୟକ, ବାଲିମୀ ଥାନାର ଓଏପିଏଫ୍ କନଷ୍ଟେବଳ କୁଲୁ ଖାଡିଆ, ମଦନ ଭୂଆଁ, ଛବିଳା ଦେହୁରୀ, ହୋମଗାର୍ଡ ଦୀପକ ସାମଲ, କେଶବ ସାମଲ, ହେମନ୍ତ ସାହୁ, ଅନାଦି ଚରଣ ମାଝୀ, ଘରୋଇ ଗାଡ଼ିଚାଳକ ପି. ଦାସ ଓ ଅଜୟ ସାମନ୍ତଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ନଗଦ ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଆଇଓସିଏଲ୍ ଚିଫ୍ ଜେନେରାଲ ମ୍ୟାନେଜର ଆଲୋକ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଏ ସଂକ୍ରାନ୍ତରେ ବାଲିମୀ ଥାନାରେ ୨.୦୮.୨୦୨୫ରେ କେସ୍ ନଂ. ୧୫୫।୨୫, ୧୫.୦୮.୨୦୨୫ରେ କେସ୍ ନଂ-୧୬୬/୨୫ ଏବଂ ୧୬୭/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିଲେ। ଅଭିଯୁକ୍ତମାନେ ଲୁଟ୍ ସମୟରେ ବନ୍ଧୁକ ବ୍ୟବହାର କରୁଥିଲେ । ଏହି ପାଇପ୍ ଲାଇନ ମଧ୍ୟରୁ ଗୋଟିଏ ଘଣ୍ଟାରେ ୧୦ଟି ଟ୍ୟାଙ୍କର ଫୁଲହୋଇ ତେଲ ଚୋରାଚାଲାଣ ହେଉଥିଲା ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ସଦର ଥାନା କୁମଣ୍ଡ ଗ୍ରାମର ଲିପୁ ଓରଫ୍ ଲିପକ କୁମାର ସାହୁ (୩୪), ବଅଁରପାଳ ଥାନା ତେନ୍ତୁଳେଇ ଗ୍ରାମର ଟୁଟୁ ଓରଫ ସୁବ୍ରତ ନାୟକ (୨୮), ତଳମୁଳ ଶାସନ ଗ୍ରାମର ଅଜିତ କୁମାର ବେହେରା (୩୦), ତେନ୍ତୁଳେଇ ଗ୍ରାମର ସୁଧାକର ନାୟକ (୨୪) ଓ ରାଜୁ ଓରଫ ଦୁଷ୍ମନ୍ତ ନାୟକ (୩୭), ଢେଙ୍କାନାଳ ଜିଲା ବାଲିମୀ ଥାନା ତର୍କାବେଡା ଗ୍ରାମର ମଳୟ ନାୟକ (୩୩) ଓ ମୋଟଙ୍ଗା ଥାନା ସିରିଡି ଗ୍ରାମର ବିକାଶ ଭୋଇ (୨୭) । ଅଭିଯୁକ୍ତମାନେ ଛତିଶଗଡ, ମଧ୍ୟପ୍ରଦେଶ, ଝାଡଖଣ୍ଡ ଆଦି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ତେଲ ଚୋରାଚାଲାଣ କରୁଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

# ବିପୁଳ ପରିମାଣର ମଦ ଜବତ, ୪ ଅଟକ

**ବଅଁରପାଳ,୨୪।୯ (ସୁବାସ ସାହୁ)**



ଅନୁଗୋଳ ଜିଲାରେ ଅପରେଶନ ପ୍ରହାର ଜାରି ରହିଛି। ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ନାଲ୍‌କୋ ଥାନା ଅଞ୍ଚଳରୁ ବୁଧବାର ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। କନ୍ୟାବେଡା ଛକ ଓ ଅମାନ୍ତପୁର ଗ୍ରାମରୁ ପ୍ରାୟ ୩୦୦ ଲିଟରର ବିଦେଶୀ ଓ ୧୦୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ପାଉଚ ଜବତ କରାଯାଇଛି। ଏହି ଚଢ଼ାଉରେ ଅନୁଗୋଳ ସ୍ୱତନ୍ତ୍ର ସ୍କାଡ୍ ସହିତ ନାଲକୋ ପୋଲିସର ଗୋଟିଏ ଟିମ୍ ସହଯୋଗ କରିଥିଲେ। ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖାଯାଇ ପ୍ରଚାରଉଚାର କରାଯାଉଛି।

# ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ଜେଲ

**ପ୍ରଥମାଖଣ୍ଡି ଡବଲ ମର୍ଡର ଘଟଣା**

**ଯାଜପୁରଟାଉନ,୨୪।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ଜିଲା କୁଆଖିଆ ଥାନା ପ୍ରଥମାଖଣ୍ଡି ଗ୍ରାମରେ ୨୦୧୬ ଅକ୍ଟୋବର ୩୧ରେ ଜମିବାଡ଼ି ବିବାଦକୁ ନେଇ ସଂଘଠିତ ବହୁ ଚର୍ଚ୍ଚିତ ଡବଲ ମର୍ଡର ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ପଇଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାନୁସାରେ, ଘଟଣା ଦିନ ପ୍ରଥମାଖଣ୍ଡି ଗ୍ରାମର ନୀଳମଣି ସେଠୀ ଓ ତାଙ୍କ ସ୍ତ୍ରୀ ବିଳାସୀ ସେଠୀଙ୍କର ସାନଭାଇ ସୁଶୀଳ ଓରଫ ଗେଡ଼ ଓ ତାଙ୍କ ସ୍ତ୍ରୀ ଝରଣାଙ୍କ ସହ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନୀଳମଣି ଓ ବିଳାସୀ ମିଶି ସୁଶୀଳ ଓ ଝରଣାଙ୍କୁ କୋଦାଳ ବେଣ୍ଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଶୀଳ ଓ ଝରଣାଙ୍କୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ୨ଦିନ ମଧ୍ୟରେ ପ୍ରଥମେ ଝରଣା ଏବଂ ପରେ ସୁଶୀଳଙ୍କ ମୃତ୍ୟୁ ମୃତ୍ୟୁ ଘଟିଥିଲା। ମୃତ ସୁଶୀଳଙ୍କ ସମ୍ପର୍କୀୟ ଭାଇ ଶ୍ୟାମସୁନ୍ଦର ସେଠୀ ୨୦୧୬ ନଭେମ୍ବର ୨ରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୮୫/୧୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନୀଳମଣି ଓ ବିଳାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଅଭିଯୁକ୍ତ ନୀଳମଣି ବିଚାରାଧୀନ କଏଦୀ ଭାବେ ଯାଜପୁର ଜେଲରେ ରହିଥିବାବେଳେ ସ୍ତ୍ରୀ ବିଳାସୀଙ୍କୁ କିଛି ମାସ ପରେ ଜାମିନ ମିଳିଥିଲା। ବୁଧବାର ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଜୟଦୀପ ମିଶ୍ର ଓ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର(କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

# ପୁତୁରା ହତ୍ୟାକାରୀ କକାଙ୍କୁ ଆଜୀବନ ଜେଲ

**କେନ୍ଦୁଝର,୨୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଜି.ସି. ବେହେରା ମାମଲାର ଶୁଣାଣିକରି ପୁତୁରାଙ୍କୁ ହତ୍ୟା ଅଭିଯୋଗରେ ସଦର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଅଭିଯୁକ୍ତ ଶତ୍ରୁଘ୍ନ ନାଏକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ୨୩ ମେ ୨୦୨୨ରେ କମଳାକାନ୍ତ ନାଏକ ତାଙ୍କ ସ୍ତ୍ରୀ ପଦ୍ମିନୀ ନାଏକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ତାଙ୍କ କକା ଶତ୍ରୁଘ୍ନ ନାଏକ ବାରଣ କରିଥିଲେ। କଥା ନ ଶୁଣିବାରୁ ଉତ୍‌କ୍ଷିପ୍ତ ହୋଇ ଶତ୍ରୁଘ୍ନ ଏକ ବାଡ଼ରେ କମଳାକାନ୍ତଙ୍କୁ ପିଟିଥିଲେ। ଫଳରେ କମଳାକାନ୍ତ ଘର ଆଗରେ ଅଚେତ ହୋଇପଡ଼ିଯାଇଥିଲେ। ମେଡିକାଲ ନିଆଯାଇ ନ ଥିବାରୁ କମଳାକାନ୍ତଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ପଦ୍ମିନୀ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୧୪/୨୦୨୨) ରୁଜୁକରି ଶତ୍ରୁଘ୍ନଙ୍କୁ କୋର୍ଟ ଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜିଲା ଦୌରାଜଜ୍ ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ହଳଦୀପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ପରେ ବନ୍ଧୁମିଳନ

**କାମାକ୍ଷନଗର,୨୪।୯ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ତହସିଲ ଅନ୍ତର୍ଗତ କରଗୋଳା ପଞ୍ଚାୟତ ହଳଦୀପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିବା ପରେ ବୁଧବାର ଗ୍ରାମରେ ବନ୍ଧୁମିଳନ ଉତ୍ସବ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ତହସିଲଦାର ସୌଦାମିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହଳଦୀପାଳ ନୂତନ ଭାବେ ରାଜସ୍ୱ ଗ୍ରାମ ହେବା ପରେ ସରକାରଙ୍କ ତରଫରୁ ଯାହା ଯୋଜନା ପାଇବାର ଅଛି ପାଇବା ପାଇଁ ମତବ୍ୟକ୍ତ କରିଥିଲେ। ସମାଜସେବୀ ପବିତ୍ର ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବିଡ଼ିଓ ଯଶୋବନ୍ତ ଦେହୁରୀ ଯୋଗଦେଇ ନୂଆ ରାଜସ୍ୱ ଗ୍ରାମ ହଳଦୀପାଳକୁ ଅଭିନନ୍ଦନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, ହଳଦୀପାଳ ଗ୍ରାମ ସଭାପତି ଶିଶିର କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ପାଣ୍ଡବ ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ମୁତାବକ, ମୂଳ ଗ୍ରାମ ସସାପଶି ଗ୍ରାମଠାରୁ ଅଲଗା ହୋଇ ହଳଦୀପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ମନୋଜ ଦାସ, ଅଭୟ ସାହୁ, ଗିରିଶ ରଣା, ପବନା ନାଥ, ଶ୍ରୀକାନ୍ତ ବିଶ୍ୱାଳ, ସରବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମ ସମ୍ପାଦକ ମକୁନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୩୮ ପୂଜା ମଣ୍ଡପକୁ ମିଳିବ ୧୯ ଲକ୍ଷ ଅନୁଦାନ

**ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ରାଜ୍ୟ ସରକାରଙ୍କ ମାନ୍ୟତା**

**ଢେଙ୍କାନାଳ,୨୪।୯(ରତନ ନାୟାର)**


ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଦୁଇ ମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି।

ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ରାଜ୍ୟ ସରକାରଙ୍କ ମାନ୍ୟତା ପାଇଁ ଦୀର୍ଘବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରଚେଷ୍ଟାରେ ଢେଙ୍କାନାଳ ଲକ୍ଷ୍ମୀପୂଜା ସରକାରୀ ମାନ୍ୟତା ପାଇବା ସହ ୩୮ଟି ପୂଜା ମଣ୍ଡପକୁ ବାର୍ଷିକ ୫୦ ହଜାର ଟଙ୍କା ଲେଖାଏ ମୋଟ୍ ୧୯ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁମୋଦନ କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଢେଙ୍କାନାଳବାସୀ ଧନ୍ୟବାଦ ପ୍ରଦାନ କରିଛନ୍ତି। ମଙ୍ଗଳବାର ଢେଙ୍କାନାଳ ମିଳିତ ବଜାର ଲକ୍ଷ୍ମୀପୂଜା କମିଟିର ସଭାପତି ରୁଦ୍ର ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ସମ୍ପାଦକ ପୀତବାସ ସାହୁ, ମିନାବଜାର ପୂଜା ପ୍ରତିଷ୍ଠାନର ସଭାପତି ରବି ନାରାୟଣ ମହାନ୍ତି, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ନିର୍ମାଲ୍ୟ ବଜାର କମିଟି ସଭାପତି ନବ କିଶୋର ଗୁରୁ, ଜବାହର ଚୌକ କମିଟି ସଭାପତି ଅଶୋକ କୁମାର ସ୍ୱାଇଁ, ଗଣେଶ ବଜାର କମିଟି ସଭାପତି ସଞ୍ଜୀବ ବେହେରା, ସିମିଳିଆ କମିଟି ସଭାପତି ସତ୍ୟବାନ ପାତ୍ର, ଦୁର୍ଗାବଜାର କମିଟିର ପୂର୍ବତନ ସଭାପତି ସନ୍ତୋଷ କୁମାର ରାଉତ, ଦେଉଳସାହି ପୂଜା କମିଟି ସମ୍ପାଦକ ହୃଦୟାନନ୍ଦ ମହାନ୍ତି ପ୍ରମୁଖ ମନ୍ତ୍ରୀ ସୂରଜ ଓ ମନ୍ତ୍ରୀ ପାତ୍ରଙ୍କୁ ଭେଟି ଦାବି ଉପସ୍ଥାପନା କରିଥିଲେ। ସେହିପରି ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ପାତ୍ର ଏବଂ ମନ୍ତ୍ରୀ ସୂରଜଙ୍କୁ ଲକ୍ଷ୍ମୀପୂଜା ପାଇଁ ନିମନ୍ତ୍ରଣ କରିଥିଲେ ବୋଲି କମିଟିର ମିଡିଆ ସଂଯୋଜକ ନବ କିଶୋର ଗୁରୁ ଜଣାଇଛନ୍ତି ।

# କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା



**ଢେଙ୍କାନାଳ,୨୪।୯(ରତନ ନାୟାର)**

ଢେଙ୍କାନାଳ ଜିଲା ମହିଳା ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଏକ ଦିବସୀୟ କର୍ମଶାଳା ସହ ଚିତ୍ରାଙ୍କନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିକଶିତ ଭାରତ ୨୦୪୭ ସମ୍ପର୍କିତ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ସେହିପରି ଗତ ୨୨ ତାରିଖରେ ବୃତିଗତ ଚିତ୍ରକାରମାନଙ୍କୁ ନେଇ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲଠାରେ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲାର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଉତ୍ସାହର ସହ ପ୍ରତିଯୋଗିତାରେ ଭାଗ ନେଇ ନିଜର ଭାବନାକୁ ପରିପ୍ରକାଶ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୫/୨୦୨୫ Bhubaneswar, Thursday, September 25/ 2025

# ଅଭିଷେକଙ୍କ ଅର୍ଦ୍ଧଶତକ



ଶଟ୍ ଖେଳିବା ଅବସରରେ ଅଭିଷେକ ଶର୍ମା।

**ଦୁବାଇ, ୨୪।୯**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଅଭିଷେକ ଶର୍ମା। ତେବେ ତାଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଭାରତ ବଡ଼ ସ୍କୋର କରିବାରେ ବିଫଳ ହୋଇଛି। ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନରେ ସୀମିତ ରହିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭର ବେଳକୁ ଭାରତୀୟ ସ୍କୋରକୁ ୭୨ ରନରେ ପହଞ୍ଚାଇ ଦେଇଥିଲେ। ଚଳିତ ଏସିଆ କପ୍‌ରେ ଭାରତର ଏହା ସର୍ବାଧିକ ପାୱାରପ୍ଲେ ସ୍କୋର। ପୂର୍ବରୁ ଦଳ ପାକିସ୍ତାନ ବିପକ୍ଷରେ ୬୯ ରନ ସଂଗ୍ରହ କରିଥିଲା। ଓପନିଂ ଯୋଡ଼ିରେ ୭୭ ରନ ଯୋଗ ହେବାପରେ ୭ମ ଓଭରର ଦ୍ୱିତୀୟ ବଲ୍‌ରେ ଗିଲ୍‌ଙ୍କୁ ଆଉଟ କରି ବାଂଲାଦେଶକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଲେଗ୍‌ସ୍ପିନର ରିଶଦ ହୋସେନ। ୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୨ ଚୌକା ଓ ୧ ଛକା ସହାୟତାରେ ୨୯ ରନ କରିଥିଲେ। ରନ ହାର ବୃଦ୍ଧି ଲକ୍ଷ୍ୟରେ ରଖି ବ୍ୟାଟିଂ କ୍ରମରେ ଶିବମ୍ ଦୁବେଙ୍କୁ ୩ ନମ୍ବରରେ ପଠାଇବା ଯୋଜନା ଫେଲ୍ ମାରିଥିଲା। ସେ ମାତ୍ର ୨ ରନକରି ହୋସେନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ ଅଭିଷେକ। ଏହା ମଧ୍ୟରେ ସେ ୫ ଚୌକା ଓ ୩ ଛକା ମାରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୪ ନମ୍ବରରେ ଆସି ଅଭିଷେକଙ୍କ ସହ ଯୋଗ ଦେଇଥିଲେ। ୧୧.୧ ଓଭରରେ ଭାରତ ସ୍କୋର ୧୦୦ ଅତିକ୍ରମ କରିଥିଲା। ବିସ୍ଫୋରକ ବ୍ୟାଟିଂ କରିଥିବା ଅଭିଷେକ ଦୁର୍ଭାଗ୍ୟଜନକ ଭାବେ ୭୫ ରନକରି ରନ୍‌ଆଉଟ ହୋଇ ଯାଇଥିଲେ। ୧୨ତମ ଓଭରର ପ୍ରଥମ ବଲ୍‌କୁ ସୂର୍ଯ୍ୟକୁମାର ବ୍ୟାକ୍‌ୱାର୍ଡ ପଏଣ୍ଟ ଅଞ୍ଚଳକୁ ଖେଳିଥିବାବେଳେ ଅଭିଷେକ ରନ୍ ନେବାକୁ ବହୁବାଟ ଆଗେଇ ଯାଇଥିଲେ। ମାତ୍ର ବୋଲର ମୁସ୍ତାଫିଜୁର ରହମନ ନିଜେ ଫିଲ୍ଡିଂ କରି ରିଶଦ ହୋସେନଙ୍କ ସହାୟତାରେ ଅଭିଷେକଙ୍କୁ ରନ୍‌ଆଉଟ କରି ଦେଇଥିଲେ। ୩୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଭିଷେକ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୫ ଛକା ମାରିଥିଲେ। ସେହି ଓଭରର ଅନ୍ତିମ ବଲ୍‌ରେ ସୂର୍ଯ୍ୟକୁମାର ୫ ଏବଂ ପରେ ତିଲକ ବର୍ମା ମାତ୍ର ୫ ରନକରି ଆଉଟ ହେବାରୁ ଭାରତର ରନ୍‌ହାର ଧିମେଇ ଯାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୨୯ ବଲ୍‌ରୁ ୩୮ ଓ ଅକ୍ଷର ପଟେଲ ୧୫ ବଲ୍‌ରୁ ୧୦ ରନକରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ରିଶଦ ହୋସେନ ୨ଟି ଏବଂ ତାନଜିମ ହାସନ ଶକିବ, ମୁସ୍ତାଫିଜୁର ରହମନ ଓ ମହମ୍ମଦ ସୈଫୁଦ୍ଦିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୮/୬ (ଅଭିଷେକ ଶର୍ମା-୭୫, ହାର୍ଦ୍ଦିକ ପାଣ୍ଡ୍ୟା-୩୮, ଶୁବମନ ଗିଲ୍-୨୯, ରିଶଦ ହୋସେନ-୨/୨୭, ତାନଜିମ ହାସନ ଶକିବ-୧/୨୯, ମୁସ୍ତାଫିଜୁର ରହମନ-୧/୩୩, ମହମ୍ମଦ ସୈଫୁଦ୍ଦିନ-୧/୩୭)।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ